CMYK

- Vol.- 46, Issue No. 220
- Thursday, 12 November 2026
- ଗୁରୁବାର, ୧୨ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଓଡ଼ିଶା-ଜାପାନ ଚୁକ୍ତିନାମା ସ୍ୱାକ୍ଷରିତ

ରାଜ୍ୟ ପାଇଁ ଆଣିବ ନୂଆ ସୁଯୋଗ: ମୁଖ୍ୟମନ୍ତ୍ରୀ



- ବନ୍ଧୁତ୍ୱର ନୂଆ ଅଧ୍ୟାୟ ସୃଷ୍ଟି ହେଲା
- ଉପସ୍ଥିତ ଥିଲେ ପ୍ରାୟ ୮୦ ଜାପାନୀ ପ୍ରତିନିଧି

ଭୁବନେଶ୍ୱର,୧୧।୧୧: ଓଡ଼ିଶା ଏବଂ ଜାପାନର ତୋତ୍ତୋରି ପ୍ରିଫେକଚର୍ ମଧ୍ୟରେ ବୁଧବାର ଏକ 'ବନ୍ଧୁତ୍ୱ ଚୁକ୍ତିନାମା' ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ନିବେଶ, ଶିକ୍ଷା, ଦକ୍ଷତା ବିକାଶ, ପର୍ଯ୍ୟଟନ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ସହ ରାଜ୍ୟର ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଦକ୍ଷ ଯୁବବର୍ଗଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ଏଠାରେ ଥିବା ଲୋକସେବା ଭବନର ଷ୍ଟେଟ୍ କନଭେନସନ୍ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତୋତ୍ତୋରି ପ୍ରିଫେକଚର୍ ଗଭର୍ଣ୍ଣର ସିଞ୍ଜି ହିରାଇ ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଶିକ୍ଷ, ବୈଷୟିକ ଅନୁଷ୍ଠାନ, ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସଂସ୍ଥା ତଥା ବାଣିଜ୍ୟ କ୍ଷେତ୍ରର ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୮୦ ଜଣ ଜାପାନୀ ପ୍ରତିନିଧି ଉପସ୍ଥିତ ଥିଲେ। ଏହା ବ୍ୟତୀତ, ଓଡ଼ିଶା ଏବଂ ତୋତ୍ତୋରିର ବିଭିନ୍ନ ସଂସ୍ଥା ମଧ୍ୟରେ ଦୁଇଟି ବୁଝାମଣା ପତ୍ର (ଏମଓୟୁ) ମଧ୍ୟ ଆଦାନପ୍ରଦାନ କରାଯାଇଥିଲା, ଯାହା ମୁଖ୍ୟତଃ ଷ୍ଟାର୍ଟଅପ୍ ସହଯୋଗ, ବ୍ୟବସାୟିକ ସମ୍ପର୍କ ସ୍ଥାପନ ଏବଂ ମାନବ ସମ୍ବଳ ବିକାଶ ଉପରେ ଆଧାରିତ ଥିଲା। ଉପସ୍ଥିତ ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଲେ ଯେ, ଏହି 'ବନ୍ଧୁତ୍ୱ ଚୁକ୍ତିନାମା' ଓଡ଼ିଶା ଏବଂ ତୋତ୍ତୋରିର ଜନତା, ଅନୁଷ୍ଠାନ ଓ ସମ୍ପ୍ରଦାୟଗୁଡ଼ିକୁ ପରସ୍ପରର ନିକଟତର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ। ଭାରତ ଓ ଜାପାନ ମଧ୍ୟରେ ଥିବା ଦୀର୍ଘଦିନର ସମ୍ପର୍କ ବିଶ୍ୱାସ, ପାରସ୍ପରିକ ସମ୍ମାନ ଏବଂ ସାଂସ୍କୃତିକ ସାମଞ୍ଜସ୍ୟ ଉପରେ ଆଧାରିତ। ତାହା ଉପରେ ଆଲୋକପାତ କରି ସେ କହିଲେ ଯେ, ଓଡ଼ିଶା ଏବଂ ତୋତ୍ତୋରି ପାଖରେ ଏକ ଦୃଢ଼ ଆଞ୍ଚଳିକ ଭାଗିଦାରୀ ଗଢ଼ିବାର ସୁଯୋଗ ରହିଛି।ରାଜ୍ୟ ପାଇଁ ଏହା ନୂଆ ସୁଯୋଗ ଆଣିବ। ଓଡ଼ିଶା-ଜାପାନ ବନ୍ଧୁତ୍ୱର ନୂଆ ଅଧ୍ୟାୟ ସୃଷ୍ଟି ହେଲା । ମୁଖ୍ୟମନ୍ତ୍ରୀ ଜାପାନୀ ଉଦ୍ୟୋଗଗୁଡ଼ିକୁ ଓଡ଼ିଶାର କ୍ଷୁଦ୍ର, ଛୋଟ ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ଶିକ୍ଷାଞ୍ଚଳ ଏବଂ ଦକ୍ଷ କର୍ମଶକ୍ତି କ୍ଷେତ୍ରରେ ନିବେଶ ସୁଯୋଗ ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ ଜଣାଇଲେ।

'ଅର୍ଣ୍ଣବ' ଜରୁରୀକାଳୀନ ରିଲିଫ୍

- ପରିବାର ପିଛା ୫୦ କିଲୋ ଚାଉଳ ଓ ୨,୫୦୦ ଟଙ୍କା ସହାୟତା
- ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକକୁ ମିଳିବ



ଭୁବନେଶ୍ୱର, ୧୧।୧୧: ନଭେମ୍ବର ୨୦୨୬: ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ପ୍ୟାକେଜ୍ କ୍ରମରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିର ସମୀକ୍ଷା ପରେ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକକୁ ପରିବାର ପିଛା ୫୦ କିଲୋଗ୍ରାମ ଚାଉଳ ଏବଂ ୨,୫୦୦ ଟଙ୍କାର ଜରୁରୀକାଳୀନ ରିଲିଫ୍ ସହାୟତା ସମ୍ପ୍ରସାରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ (ଆଇ.ଏ.ଏସ୍) ଚିଠି ନଂ ୬୬୭୮/ଏସ୍‌ଆରସି ମାଧ୍ୟମରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାପାଳମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରିଲିଫ୍ ବଣ୍ଟନ ଓ କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟ ନିର୍ଦ୍ଦେଶାବଳୀ ମୁତାବକ,ହିତାଧିକାରୀ ଚିହ୍ନଟ ଓ ଯାଞ୍ଚ: ସଂପୃକ୍ତ ତିନୋଟି ଜିଲ୍ଲାର ସମସ୍ତ ବ୍ଲକରେ ଯୋଗ୍ୟ ପରିବାରଗୁଡ଼ିକର ତୁରନ୍ତ ଗଣନା ଓ ଯାଞ୍ଚ ପ୍ରକ୍ରିୟା ଶେଷ କରି ସ୍ୱଚ୍ଛ, ସୁରୁଖୁରୁ ଏବଂ ସମୟାନୁବର୍ତ୍ତୀ ଭାବେ ଏହି ରିଲିଫ୍ ସହାୟତା ବଣ୍ଟନ ନିଶ୍ଚିତ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ୍ ଚାଉଳର ଆବଶ୍ୟକ ଆକଳନ ଓ ଉଠାଣ ପାଇଁ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଏବଂ ଓଡ଼ିଶା ରାଜ୍ୟ ବେସାମରିକ ଯୋଗାଣ ନିଗମ ସହ ତୁରନ୍ତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ପରିବାର ପିଛା ୨,୫୦୦ ଟଙ୍କାର ଆର୍ଥିକ ସହାୟତା ମୁଖ୍ୟତଃ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ହିତାଧିକାରୀଙ୍କ ଖାତାକୁ ପଠାଯିବ। ଯେଉଁ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ବାଧାପ୍ରାପ୍ତ ହୋଇଛି, ସେଠାରେ ଉପଯୁକ୍ତ ପ୍ରମାଣପତ୍ର ଓ ବିନିଯୋଗ ନଥିପତ୍ର ବଜାୟ ରଖି ଅନୁମୋଦିତ ବିକଳ୍ପ ମାଧ୍ୟମରେ ଅର୍ଥ ପ୍ରଦାନ କରାଯିବ। ଚାଉଳ ଏବଂ ନଗଦ ଅର୍ଥ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୫:୦୦ ସୁଦ୍ଧା ବ୍ଲକ-ୱାରୀ ଦୈନିକ ଅଗ୍ରଗତି ରିପୋର୍ଟ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ (ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର) ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅଭୂତପୂର୍ବ ବର୍ଷା ପାଇଁ ବନ୍ୟା ସ୍ଥିତି ଉପୁଜିଲା: ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,୧୧।୧୧: ଗଞ୍ଜାମରେ ବନ୍ୟା ପରିଚାଳନା ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସାମ୍ବାଦିକ ସମ୍ମିଳନୀ କରି ଆସିଥିବା ଅଭିଯୋଗ ନେଇ ଉତ୍ତର ରଖିଛନ୍ତି। ସେ କହିଛନ୍ତି ଯେ, ଅଭୂତପୂର୍ବ ବର୍ଷା ପାଇଁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା । ଲଗାତାର ୩ ଦିନ ବର୍ଷା ପାଇଁ ଏପରି ପରିସ୍ଥିତି ସୃଷ୍ଟି ହେଲା । ପାତ୍ରପୁରରେ ଗୋଟିଏ ଦିନରେ ୫୪୬ ମିମି ବର୍ଷା ହୋଇଥିଲା । ପାତ୍ରପୁରରେ ତା' ପୂର୍ବ ଦିନ ୮୯ ମିମି ଓ ପରଦିନ ୧୭୩ ମିମି ବର୍ଷା ହେଲା । ଏପରିକି ଆଉ କିଛି ସ୍ଥାନ ଇତିହାସରେ ସର୍ବାଧିକ ବର୍ଷାର ରେକର୍ଡ ବି କଲା। ୧୯୯୦ଓ ୨୦୧୩ରେ ହୋଇଥିବା ପ୍ରବଳ ବର୍ଷାଠୁ ବି ଅଧିକ ଥିଲା । ୨୦୧୩ରେ ଫାଇଲିନ୍ ବର୍ଷା ଠାରୁ ବି ୬୫ପ୍ରତିଶତ ଅଧିକ ବର୍ଷା ଥିଲା । ଫାଇଲିନ୍ ସମୟରେ ଗୋଟିଏ ଦିନ ବର୍ଷା ଥିଲା, ମାତ୍ର ଏଥର ୩ ଦିନ ବର୍ଷା ହୋଇଥିଲା । ଋଷିକୁଲ୍ୟା ଓ ବାହୁଦାର କ୍ୟାଚ୍‌ମେଣ୍ଟ ଏରିଆର ୧୦ପ୍ରତିଶତ ପାଣି ଡ୍ୟାମକୁ ଯାଏ । ଅବଶିଷ୍ଟ ପାଣି ସିଧାସଳଖ ନଦୀକୁ ଯାଏ,ସେଥିରେ ଆଉ ନିୟନ୍ତ୍ରଣ ନାହିଁ । ମାତ୍ର ଡ୍ୟାମ୍‌ରୁ ଜଳ ନିଷ୍କାସନ ନେଇ ଯାହା କରାଯିବା କଥା କରାଯାଇଛି । ଏଥର ମଧ୍ୟ ଅନୁଧ୍ୟାନ କରି ଯନ୍ତ୍ରୀମାନେ ଡ୍ୟାମ୍‌ରୁ ପାଣି ଖସାଇଥିଲେ । ଫାଇଲିନ୍ ସମୟରେ ଯେପରି ପାଣି କମା ଯାଇଥିଲା, ଏଥର ମଧ୍ୟ ହୋଇଛି । ଅଧିକ ଗେଟ୍ ଖୋଲି ଦିଆଯାଇଥିବା ଅଭିଯୋଗର ମଧ୍ୟ ଜବାବ ରଖିଛନ୍ତି ଅନୁ ଗର୍ଗ । ସେ କହିଛନ୍ତି ଯେ, ଡ୍ୟାମ୍ ନିରାପତ୍ତା ହେଉଛି ପ୍ରାଥମିକତା, ଏଥିରେ ରିସ୍କ ନେଇ ହେବନାହିଁ। ଯେଉଁ ଅନୁସାରେ ପାଣି ଆସିଲା, ସେହି ଅନୁସାରେ ଗେଟ୍ ଖୋଲିଲେ । ବିଦ୍ୟୁତ୍ ଓ ପିଇବା ପାଣି ଆଦି ନେଇ ସମସ୍ୟା ପ୍ରାୟତଃ ଦୂର ହୋଇସାରିଛି ।


ଯୁବକଙ୍କୁ ପିଟି ପିଟି ହତ୍ୟା ! ୨ ସନ୍ଦିଗ୍ଧ ଅଟକ

ବାଙ୍କୀ,୧୧।୧୧: ବାଙ୍କୀ ଥାନା ଅଞ୍ଚଳରେ ଏକ ଅଭାବନୀୟ ହତ୍ୟାକାଣ୍ଡ ନେଇ ଚର୍ଚ୍ଚା ଓ ଆଲୋଡ଼ନ ସୃଷ୍ଟି ହୋଇଛି। ଜଣେ ଯୁବକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏକ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ୯ ତାରିଖ ସନ୍ଧ୍ୟାରେ ଗୟଲବାଙ୍କ ଗାଁର ପୃଥ୍ୱୀରାଜ ସାହୁ ସେହି ଗାଁର ଜଣେ ବ୍ୟକ୍ତିଙ୍କ ଭୋଜି ଖାଇବାକୁ ଯାଇ ବିଳମ୍ବିତ ରାତି ଯାଏଁ ଘରକୁ ନ ଫେରିବାରୁ ତାଙ୍କ ପରିବାର ଲୋକଙ୍କ ସନ୍ଦେହ ବଢ଼ିଥିଲା। ପରିବାର ସଦସ୍ୟ ଅନେକ ଖୋଜାଖୋଜି କରିଥିଲେ ହେଁ ବିଫଳ ହୋଇଥିଲେ। ତେବେ ୧୦ ତାରିଖ ପୂର୍ବାହ୍ନରେ ଗାଁ ସ୍କୁଲ ପାଚେରି କଡ଼ରୁ ପୃଥ୍ୱୀରାଜଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ବେଳେ ତାଙ୍କ ଦେହର ଅନେକ ସ୍ଥାନରେ ଆଘାତ ଚିହ୍ନ ଥିଲା।



ପୃଥ୍ୱୀରାଜଙ୍କୁ କଟକର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା,କିନ୍ତୁ ତାଙ୍କ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା।ଏହି ଘଟଣାକୁ ନେଇ ମୃତକଙ୍କ ବଡ଼ଭାଇ କବିରାଜ ସାହୁ ବୁଧବାର ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ ପୂର୍ବକ ସନ୍ଦେହରେ ଦୁଇଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ଜାରି ରଖିଛି। ଯୁବକଙ୍କ ମୃତ୍ୟୁ ପଛର ପ୍ରକୃତ କାରଣ କ'ଣ ଏବଂ କିଏ କିଏ ସମ୍ପୃକ୍ତ, ତାହା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ଅନୁମାନ କରାଯାଇଛି ଯେ ଯୁବକ ଜଣଙ୍କୁ ପିଟି ପିଟି ହତ୍ୟା କରାଯାଇଛି।

୧୦ ବର୍ଷରେ ଇତିହାସ ପାଲଟିବ କର୍କଟ !



ନୂଆଦିଲ୍ଲୀ,୧୧।୧୧: କର୍କଟ, ଆଲଜାଇମର୍ସ, ହୃଦ୍‌ରୋଗ ଓ ମାନସିକ ରୋଗ ଏସବୁ ଆଜି ବି ଚିକିତ୍ସା ବିଜ୍ଞାନ ପାଇଁ ବଡ଼ ଆହ୍ୱାନ ପାଲଟିଛି। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଜରିଆରେ ୧୦ ବର୍ଷ ମଧ୍ୟରେ ଏହି ରୋଗଗୁଡ଼ିକର ଅନ୍ତ ଘଟିବ । ଏପରି ଦାବି କରିଛନ୍ତି ଏଆଇ କମ୍ପାନୀ ଆନନ୍ଥ୍ରୋପିକ୍‌ର ସିଇଓ ଡାରିଓ ଆମୋଡେଇ। ଗୁଗଲର ଏଆଇ ମୁଖ୍ୟ ଡେମିସ୍ ହାସାବିସ୍ ଓ ଏଲନ୍ ମସ୍କ ମଧ୍ୟ ଏଆଇ ଚିକିତ୍ସା କ୍ଷେତ୍ରରେ ବିପ୍ଳବ ଆଣିବାର କ୍ଷମତା ରଖିଥିବା ଦମ୍ଭୋକ୍ତି କରିଛନ୍ତି। ଆନନ୍ଥ୍ରୋପିକ୍‌ର ସିଇଓ ଡାରିଓଙ୍କ କହିବା କଥା ଯେ ଏଆଇ ଜୈବିକ ଗବେଷଣା, ନୂଆ ଔଷଧର ଆବିଷ୍କାର ଓ ଚିକିତ୍ସା ପଦ୍ଧତିର ବିକାଶକୁ ଅଭୂତପୂର୍ବ ଗତି ଦେଇଛି ଓ ଆଗାମୀ ଦିନରେ ଏହା ଆହୁରି ଶାଣିତ ହେବ। ଏଆଇ ମାଧ୍ୟମରେ ମାନବ ସଭ୍ୟତା ଏଭଳି ଏକ ଯୁଗରେ ପ୍ରବେଶ କରିପାରିବ, ଯେଉଁଠି ହଜାର ହଜାର ବର୍ଷ ଧରି ଅସମାଧିତ ରହିଥିବା ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ। ଗୁଗଲ୍‌ର ଆଲ୍‌ଫାଫୋଲ୍ଡ ପ୍ରଯୁକ୍ତି ୨୦ କୋଟିରୁ ଅଧିକ ପ୍ରୋଟିନ୍‌ର ଗଠନ ଚିହ୍ନଟ କରିବାରେ ସଫଳ ହୋଇଛି। ଏହା ଜୈବିକ ଗବେଷଣାରେ ଏଆଇର କ୍ଷମତାକୁ ପ୍ରମାଣିତ କରିଛି। କିନ୍ତୁ ଏହି ସଫଳତା ଆଗାମୀ ଦଶ ବର୍ଷରେ ସବୁ ଜଟିଳ ରୋଗର ଚିକିତ୍ସା ମିଳିଯିବ ବୋଲି ପ୍ରମାଣ କରେ ନାହିଁ। ତେଣୁ ଔଷଧ ଶିଳ୍ପର ବିଶେଷଜ୍ଞମାନେ ଏହି ସମୟସୀମାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଭର୍ଟେକ୍ସ ଫାର୍ମାସ୍ୟୁଟିକାଲ୍‌ସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜେଫ୍ ଲିଡେନ୍ କହିଛନ୍ତି, ତାଙ୍କ କମ୍ପାନି ପ୍ରାୟ ୫୦ଟି ଏଆଇ କମ୍ପାନି ସହାୟତାରେ ୧୦ ହଜାର ଔଷଧୀୟ ଯୌଗିକର ଯାଞ୍ଚ କରିଥିଲେ ମଧ୍ୟ କୌଣସି କମ୍ପାନି ନିଜସ୍ୱ ଉଦ୍ୟମରେ ଏକ ସଫଳ ଔଷଧ ପ୍ରସ୍ତୁତ କରିପାରି ନାହିଁ।

ଶୃଙ୍ଖଳିତ ଦର୍ଶନ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟ ପ୍ରଶାସକ


ଭୁବନେଶ୍ୱର,୧୧।୧୧: ଶ୍ରୀମନ୍ଦିର ଭିତରେ ରାମ୍ପରେ ଦର୍ଶନ ବ୍ୟବସ୍ଥା ନେଇ ମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଛନ୍ତି, ନାଟ ମଣ୍ଡପରେ ଶୃଙ୍ଖଳିତ ଦର୍ଶନ ଆମ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏକ ରୂପରେଖ ପ୍ରସ୍ତୁତ ହୋଇଛି, ସେବାୟତ ଓ ଟେକ୍ନିକାଲ କମିଟି ଦେଖିଛନ୍ତି। କିଛି ରୂପରେଖ ପରିବର୍ତ୍ତନ ପାଇଁ ସେବକ ବନ୍ଧୁ ପରାମର୍ଶ ଦେଇଛନ୍ତି। କିପରି ଶ୍ରୀମନ୍ଦିରର ପରମ୍ପରାରେ ହାନି ନ ହେବ ତାହାକୁ ଗୁରୁତ୍ୱ ଦିଆଯାଉଛି । ପ୍ରଥମେ ଶୃଙ୍ଖଳିତ ଦର୍ଶନ, ଧାଡି ଦର୍ଶନର ପରୀକ୍ଷାମୂଳକ ଅନୁଧ୍ୟାନ ହେବ । କେବେଠୁ କାର୍ଯ୍ୟକାରୀ ହେବ ଏବେ କହି ହେବ ନାହିଁ କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ।

ବାଳିଯାତ୍ରା-୨୦୨୬: ମୁଖ୍ୟ ଅତିଥି ହେବେ ରାଷ୍ଟ୍ରପତି



କଟକ,୧୧।୧୧: ଐତିହାସିକ କଟକ ବାଲିଯାତ୍ରା-୨୦୨୬ ପାଇଁ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ମହାନଦୀ କୂଳରେ ଆୟୋଜିତ ହେବାକୁ ଥିବା ଏହି ଆଠ ଦିବସୀୟ ଯାତ୍ରାରେ ଚଳିତ ଥର ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ହେବେ। ସେ ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ। କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଥିବା ଏକ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, କଟକ ବାଲିଯାତ୍ରା ଚଳିତ ବର୍ଷ ନଭେମ୍ବର ୨୪ ତାରିଖ ଠାରୁ ଆରମ୍ଭ ହୋଇ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

ଦକ୍ଷିଣ ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ



ଭୁବନେଶ୍ୱର,୧୧।୧୧: ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ନଭେମ୍ବର ୧୪ ତାରିଖ ସୁଦ୍ଧା ଅଧିକ ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇପାରେ। ପରବର୍ତ୍ତୀ ସମୟରେ ନଭେମ୍ବର ୧୫ ତାରିଖ ବେଳକୁ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଓଡ଼ିଶା ପାଇଁ ଏହି ସମ୍ଭାବ୍ୟ ଲଘୁଚାପକୁ ନେଇ ବର୍ତ୍ତମାନ ବଡ଼ ଧରଣର ବର୍ଷା ଆଶଙ୍କା ନାହିଁ । ଲଘୁଚାପର ଗତିପଥ ଓ ତୀବ୍ରତା ସ୍ପଷ୍ଟ ହେବା ପରେ ଓଡ଼ିଶା ଉପରେ ଏହାର ପ୍ରକୃତ ପ୍ରଭାବ ସମ୍ପର୍କରେ ଅଧିକ ତଥ୍ୟ ମିଳିବ ବୋଲି ଏକ ସୂତ୍ରରୁ ପ୍ରକାଶ।

୬ ଜିଲ୍ଲାର ପୁନରୁଦ୍ଧାର ପାଇଁ ୪୮୨.୪୨ କୋଟି ମଞ୍ଜୁର

ଭୁବନେଶ୍ୱର,୧୧।୧୧: ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପରବର୍ତ୍ତୀ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ୬ ଜିଲ୍ଲାର ପୁନରୁଦ୍ଧାର ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୪୮୨ କୋଟି ୪୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଡିଆର୍‌ଏଫ୍) ପାଣ୍ଠିରୁ ବିଭିନ୍ନ କ୍ଷତିଗ୍ରସ୍ତ ପ୍ରକଳ୍ପର ମରାମତି ଏବଂ ପୁନଃନିର୍ମାଣ ବ୍ୟୟ କରାଯିବ ।ଗତ ପ୍ରଳୟଙ୍କରୀ ବାତ୍ୟା ଓ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଜିଲ୍ଲାକୁ ବିଭିନ୍ନ ପ୍ରକଳ୍ପ ପାଇଁ ସର୍ବାଧିକ ୩୦୬ କୋଟି ୫୪ ଲକ୍ଷ ଟଙ୍କା , ଗଜପତି ଜିଲ୍ଲାକୁ ୧୦୯ କୋଟି ୯୭ ଲକ୍ଷ ଟଙ୍କା, କନ୍ଧମାଳକୁ ୪୨ କୋଟି ୫୭ ଲକ୍ଷ ଟଙ୍କା, ନୂଆପଡ଼ାକୁ ୧୫ କୋଟି ୮ ଲକ୍ଷ ଟଙ୍କା, ନବରଙ୍ଗପୁରକୁ ୭ କୋଟି ୭୮ ଲକ୍ଷ ଟଙ୍କା ଏବଂ ରାୟଗଡ଼ାକୁ ୯୭ ଲକ୍ଷ ୬୦ ହଜାର ଟଙ୍କାର କ୍ଷୟକ୍ଷତି ପାଇଁ ଅର୍ଥ ଅନୁମୋଦନ କରାଯାଇଛି।

'ଯଦି କରିବ ଚାକିରି, ନିଶ୍ଚୟ ଥିବ ଉପୁରି !'

ଦୁର୍ନୀତି ପ୍ରତି ଶୂନ ସହନଶୀଳତାରେ ଦ୍ୱୈତ ନୀତି ନାହିଁ ତ !



ଭୁବନେଶ୍ୱର,୧୧।୧୧: ଏକଦା ଭାସମାନ ଏକ ବାଦଲଖଣ୍ଡ ଦେଖିବା ପରେ ମୁକ୍ତାକାଶରେ ଘୁରି ବୁଲୁଥିବା ପକ୍ଷୀଟିର ମନ ଆନମନା ହୋଇଗଲା। ତାହାକୁ ଛୁଇଁବା ବା ହାସଲ କରିବା ଲାଗି ସେ ଅଧିକ ଉଡ଼ିଲା। ହଠାତ୍ ତା'ର ଦୃଢ଼ବୋଧ ହେଲା ଏହା ଠିକ୍ ନୁହେଁ, ତହୁଁ ସେଥିରୁ ନିବୃତ୍ତ ହେଲା। ବାଦଲଖଣ୍ଡ , କ୍ଷଣଭଙ୍ଗୁର ଲାଳସା। ବିବେକୀ ତଥା ସତ୍‌ଚରିତ୍ର ସରକାରୀ କର୍ମଚାରୀ ଏହା ପ୍ରତି ଆକର୍ଷିତ ହୁଅନ୍ତି ନାହିଁ। ଯିଏ ପଥଚ୍ୟୁତ, ନୈତିକତା ହରାଏ, ଅନୈତିକ ଭାବରେ ଅର୍ଥ ଲାଳସାରେ ଅନ୍ଧ ହୁଏ, ସେପରି ସରକାରୀ କର୍ମଚାରୀଙ୍କ ସବୁ ରାତି ଚାନ୍ଦିନୀ ହୁଏ ନାହିଁ। ଦିନେ ଅଚାନକ ଆସେ ଅମାବାସ୍ୟା। ନିଜେ ଭଲ ଭାବରେ ଜାଣନ୍ତି ଲାଞ୍ଚ ବା ଦୁର୍ନୀତିର ପଙ୍କରେ ଲଟପଟ ହେଉଛନ୍ତି, ମୋହ ତୁଟାଇବାକୁ ଇଚ୍ଛା ରଖନ୍ତି ନାହିଁ, ବେଳେ ବେଳେ ସମୟ ଆସେ ଭିଜିଲାନସ ସେମାନଙ୍କ ଶଣ୍ଢାକୁ ଧରେ ଏମିତି ଯେ ସେଥିରୁ ମୁକୁଳି ପାରନ୍ତି ନାହିଁ। ଯାହା ସଦ୍ୟ ଘଟିଛି ବାଲେଶ୍ୱର ଜଳେଶ୍ୱରର ଓଆରଏସ ପ୍ରୋବେସନରେ ଏକଦା କାର୍ଯ୍ୟ କରୁଥିବା ବାଲିଆପାଳ ସବ-ରେଜିଷ୍ଟ୍ରାର ଜଣଙ୍କ କ୍ଷେତ୍ରରେ। ବିବେକିତା, ନୈତିକତାକୁ ଗୁରୁତ୍ୱ ଦେଇ ସରକାରୀ ଚାକିରିକୁ ସେବା ମନେ କରିଥାଆନ୍ତେ ତେବେ ସେ ଲାଞ୍ଚ ନେଇ ନ ଥାନ୍ତେ। ମାତ୍ର ନେଲେ ଓ ବିଦା ହେଲେ। ଏପରି ଦୁଃଭାଗ୍ୟ କିନ୍ତୁ ବହୁ ଲାଞ୍ଚଖୋରଙ୍କ କ୍ଷେତ୍ରରେ ଆଜିକାଲି ନ ଘଟିବା ପଛରେ ସେବା ପାଇଁ ଯାଇଥିବା ସାଧାରଣ ଜନତାଙ୍କ ଉଦାସୀନତା ବା ହେୟ ମନୋଭାବ ଦାୟୀ, ଏହା ଯେ କେହି କହିବେ। ଲାଞ୍ଚ ଦେବା ଅର୍ଥ ଅପରାଧକୁ ପ୍ରଶ୍ରୟ ଦେବା, ମାତ୍ର କିଛି ସଚେତନ ବ୍ୟକ୍ତି ଏଥିଲାଗି ପାନେ ଚଖେଇବାକୁ ଭିଜିଲାନସର ଦ୍ୱାରସ୍ଥ ହୋଇଥାନ୍ତି। ଏପରି ସଚେତନ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଲାଞ୍ଚଖୋରଙ୍କ ଠାରେ ଛନକା ପଶିପାରିବ। ମୋହନ ସରକାରଙ୍କ ଦୁର୍ନୀତି ପ୍ରତି ଶୂନ ସହନଶୀଳତା ଅଭିଯାନ । ଏହା ଆରମ୍ଭ ହେଲେ ଆହୁରି ଧରାପଡନ୍ତେ। ସରକାର ଏ ବାବଦରେ ନିର୍ଭୀକ ମାନସିକତା ରଖିଲେ ଯାଇ ସମ୍ଭବ ହୋଇପାରିବ, ବୁନ୍ଦାଏ କେଉଁଠି ଆଶଙ୍କା ରହିଲେ ଉଦ୍ୟମ ଫସର ଫାଟିଯିବ। ଏକଥା ସତ ଯେ ଭିଜିଲାନସ ଲାଞ୍ଚଖୋରଙ୍କ ବିରୋଧରେ ଯଦି ସଚେତନତା ବ୍ୟାପକ ଭାବରେ ନିୟମିତ ବ୍ୟବଧାନରେ ନିଜ ବାଟରେ କରନ୍ତେ ତେବେ ତାହା ଅଧିକ ଫଳପ୍ରସୂ ଯୋଗୁଁ 'ଲାଞ୍ଚଖିଆ ବାବୁମାନେ' ଧରାପଡୁଛନ୍ତି, ମାତ୍ର ଏପରି ବାବୁମାନଙ୍କୁ ଘେରି 'ଲାଞ୍ଚର ନେଟୱର୍କ' ଯେଉଁଭଳି ଗଢ଼ି ଉଠିଥାଏ ତାହା ଅଛପା ରହିଯାଏ, ସେ ଦିଗରେ ଯାଞ୍ଚ ପରିସରକୁ ସଂପ୍ରସାରିତ କରାଯିବା ଆବଶ୍ୟକ ପଡୁଛି। ସଂକ୍ଷେପରେ କହିଲେ ତାହା ହେଉଛି 'ଲାଞ୍ଚଖିଆ ଚେଲାଚାମୁଣ୍ଡା' ଧରପଗଡ଼ ହୋଇପାରନ୍ତା। ଜନ ସଚେତନତା ତଥା ସମର୍ଥନ ସେଥିଲାଗି ମୁଖ୍ୟ ଆଧାର ହେବା ଲୋଡ଼ା। ସମାଲୋଚକ ମହଲରେ ଆଲୋଚନା ହୁଏ ଯେ 'ଯଦି କରିବ ଚାକିରି, ନିଶ୍ଚୟ ଥିବ ଉପୁରି', ଏହା ସରକାରୀ କଳର ଗଳାବାଟକୁ ପ୍ରାଧାନ୍ୟ ଦେଉଥିବା ତଥା ଲାଞ୍ଚକୁ ପ୍ରାଧାନ୍ୟ ଦେଉଥିବା ଅଧିକାରୀ ବା କର୍ମଚାରୀଙ୍କ ପାଇଁ। ଲାଞ୍ଚ ଖାଇଥିବା ଅଧିକାରୀ ଭିଜିଲାନସରେ ଧରାପଡ଼ି ପୁଣି ଚାକିରିରେ ଅଛନ୍ତି କି ? ଯଦି ଥିବେ ତେବେ ସରକାର ଦୁର୍ନୀତି ପ୍ରତି ଶୂନ ସହନଶୀଳତାରେ ଦ୍ୱୈତ ନୀତି ଆପଣାଉଛନ୍ତି ବୋଲି ଧରାଯିବ। ଶୂନ ସହନଶୀଳତାରେ ବାଛବିଚାର ନ ହେଉ। ଲାଞ୍ଚ ଟଙ୍କା କ୍ଷଣିକ, ଜୀବନ ତାହାଠାରୁ ମହତ୍ତର। ଲାଞ୍ଚରୁ ବର୍ତ୍ତିଲେ ସମ୍ମାନ, ନ ବର୍ତ୍ତିଲେ କେଉଁ ମୁହୂର୍ତ୍ତରେ ଅପଯଶ, ଅପମାନ ଆସି ବର୍ଷିଯିବ ତାହା ଜାଣିବା ବେଳକୁ ସ୍ଥାନ ଜେଲରେ ଥିବ ଓ ଚାକିରିରୁ ବିଦା ନିଶ୍ଚିତ। ଏହାକୁ କୁହାଯାଏ ଭୟ ବା ନୈତିକତାର ଛାଟ। ସୁତରାଂ 'ଲାଞ୍ଚଖୋର ବାବୁମାନେ' ନିଜକୁ ଛାଟ ମାରନ୍ତୁ ନିତିଦିନ, ସୁଧୁରିବା ଆଶା ବଢ଼ିବ।

କାର୍ତ୍ତିକ ମାସରେ

ନାଗ ଚତୁର୍ଥୀ

ଆସ୍ଥା, ପ୍ରକୃତି, ଜୀବଜଗତ ଓ ମାନବ ସଭ୍ୟତା ସହ ନାଗପୂଜାର ଅନ୍ତର୍ନିହିତ ସମ୍ପର୍କ ଭାରତୀୟ ସଂସ୍କୃତିରେ ପ୍ରତ୍ୟେକ ପର୍ବପର୍ବାଣି ପଛରେ କେବଳ ଧାର୍ମିକ ଆସ୍ଥା ନୁହେଁ, ବରଂ କିଛି ନା କିଛି ସାମାଜିକ, ପ୍ରାକୃତିକ ଓ ବୈଜ୍ଞାନିକ ଚିନ୍ତାଧାରା ଲୁଚି ରହିଛି। ସେହିପରି ଏକ ପ୍ରାଚୀନ ପରମ୍ପରା ହେଉଛି ନାଗ ଚତୁର୍ଥୀ। କାର୍ତ୍ତିକ ମାସରେ ପାଳିତ ଏହି ପୂଜାର ଅନ୍ତରାଳରେ ରହିଛି ନାଗଦେବତାଙ୍କ ପ୍ରତି ମଣିଷର ଭକ୍ତି, ଭୟ, ସମ୍ମାନ ଏବଂ ପ୍ରକୃତି ସହ ସହାବସ୍ଥାନର ଏକ ଗଭୀର ବାର୍ତ୍ତା। ତେବେ ନାଗ ଚତୁର୍ଥୀର ପ୍ରକୃତ ମହତ୍ତ୍ୱ କ'ଣ? ଏହା ପଛରେ ଥିବା ପୌରାଣିକ କାହାଣୀ ଓ ବୈଜ୍ଞାନିକ ଦୃଷ୍ଟିକୋଣ କ'ଣ? ଏ ସଂପର୍କରେ ସାମାନ୍ୟ ଆଲୋକପାତ।



➲ ପୌରାଣିକ ଆଖ୍ୟାନରେ ନାଗ ଚତୁର୍ଥୀ

ହିନ୍ଦୁ ପୁରାଣ ଓ ମହାଭାରତରେ ନାଗମାନଙ୍କୁ ଏକ ସ୍ୱତନ୍ତ୍ର ଦୈବୀଶକ୍ତି ଭାବେ ଚିତ୍ରଣ କରାଯାଇଛି। ଶେଷନାଗ, ବାସୁକୀ, ତକ୍ଷକ, କର୍କୋଟକ ଓ ଅନନ୍ତ ନାଗଙ୍କ ବିଷୟରେ ବିଭିନ୍ନ ପୌରାଣିକ କାହାଣୀ ରହିଛି। ମହାଭାରତର ଆଦିପର୍ବରେ ରାଜା ଜନ୍ମେଜୟଙ୍କ ସର୍ପଯଜ୍ଞର ଏକ ରୋଚକ କାହାଣୀ ବର୍ଣ୍ଣିତ ହୋଇଛି। ପିତା ରାଜା ପରୀକ୍ଷିତଙ୍କୁ ତକ୍ଷକ ନାଗ ଦଂଶନ କରି ମୃତ୍ୟୁର କାରଣ ହୋଇଥିବାରୁ ଜନ୍ମେଜୟ ସମସ୍ତ ନାଗବଂଶକୁ ନିପାତ କରିବା ପାଇଁ ସର୍ପଯଜ୍ଞ ଆରମ୍ଭ କରିଥିଲେ। ସେହି ସମୟରେ ଋଷିପୁତ୍ର ଆସ୍ତିକ ନିଜର ବୁଦ୍ଧି, ଜ୍ଞାନ ଓ ଧର୍ମବଳରେ ରାଜାଙ୍କୁ ଯଜ୍ଞ ବନ୍ଦ କରିବାକୁ ରାଜି କରାଇଥିଲେ। ଫଳରେ ଅସଂଖ୍ୟ ନାଗଙ୍କ ଜୀବନ ରକ୍ଷା ପାଇଥିଲା। ଏହି କାହାଣୀର ଅନ୍ତର୍ନିହିତ ଶିକ୍ଷା ହେଉଛି, ପ୍ରତିଶୋଧ ଅପେକ୍ଷା କ୍ଷମା, ବିବେକ ଓ ଜୀବରକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ। ନାଗପୂଜାର ପରମ୍ପରାରେ ଏହି ଜୀବଦୟାର ଭାବନାକୁ ମଧ୍ୟ ଦେଖିବାକୁ ମିଳେ।

➲ କାର୍ତ୍ତିକ ଚତୁର୍ଥୀ ଓ ନାଗୁଲା ଚତୁର୍ଥୀ

ଏଠାରେ ଏକ ଐତିହାସିକ ଓ ପାଞ୍ଜିଗତ ତଥ୍ୟ ଜାଣିବା ଜରୁରୀ। କାର୍ତ୍ତିକ ଶୁକ୍ଳ ଚତୁର୍ଥୀରେ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ତେଲୁଗୁ ସମ୍ପ୍ରଦାୟରେ ପାଳିତ ନାଗପୂଜାକୁ ନାଗୁଲା ଚତୁର୍ଥୀ କୁହାଯାଏ। ଏହା ଶ୍ରାବଣ ମାସର ନାଗ ପଞ୍ଚମୀଠାରୁ ଭିନ୍ନ ଏକ ପରମ୍ପରା। ଏହି ଦିନ ମହିଳାମାନେ ପରିବାରର ମଙ୍ଗଳ, ସନ୍ତାନଙ୍କ ଦୀର୍ଘାୟୁ ଓ ସୁରକ୍ଷା କାମନା କରି ନାଗଦେବତାଙ୍କୁ ପୂଜା କରନ୍ତି। କେତେକ ସ୍ଥାନରେ ନାଗମୂର୍ତ୍ତି ବା ଉଇହୁଙ୍କା ନିକଟରେ ହଳଦୀ, କୁଙ୍କୁମ, ଫୁଲ ଓ ନୈବେଦ୍ୟ ଅର୍ପଣ କରାଯାଏ। ଏହି ପରମ୍ପରାର ଆଞ୍ଚଳିକ ରୂପ ଭିନ୍ନ ଭିନ୍ନ ହୋଇଥାଏ। ମାଲୁଦ ଗ୍ରାମର ଶିକ୍ଷାବିତ ଶ୍ରୀମତୀ ପ୍ରବୀଣା ଦାସ କୁହନ୍ତି କାନ କୌଣସି କାରଣ ରୁ ପାଚି ଭଲ ହେଉନଥିଲେ ଏହିପୂଜା କଲେ ଆରୋଗ୍ୟ ହେଉଥିବା ବିଶ୍ୱାସ ରହିଛି।



➲ ନାଗପୂଜାର ବୈଜ୍ଞାନିକ ଓ ପରିବେଶଗତ ଦୃଷ୍ଟିକୋଣ

ପ୍ରକୃତିର ଖାଦ୍ୟଶୃଙ୍ଖଳାରେ ସାପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଏକ ବିଷଧର ଜୀବ ନୁହେଁ, ବରଂ କୃଷି ଓ ପରିବେଶର ଜଣେ ନିରବ ରକ୍ଷକ।

୧. କୃଷିର ମିତ୍ର: ସାପ ମୂଷା, ମୂଷିକ ଓ ଅନ୍ୟାନ୍ୟ କ୍ଷୁଦ୍ର ଜୀବ ଖାଇ ଫସଲ ଓ ଖାଦ୍ୟଶସ୍ୟର ସୁରକ୍ଷାରେ ସାହାଯ୍ୟ କରେ।

୨. ପରିବେଶର ସନ୍ତୁଳନ: ଖାଦ୍ୟଶୃଙ୍ଖଳାରେ ସାପ ଶିକାରୀ ଓ ଅନ୍ୟ ଜୀବଙ୍କ ଖାଦ୍ୟ ଉଭୟ ଭୂମିକା ନିର୍ବାହ କରେ। ଏହାର ଅଭାବ ପରିବେଶର ସନ୍ତୁଳନକୁ ପ୍ରଭାବିତ କରିପାରେ।

୩. ଜୈବ ବିବିଧତାର ସୁରକ୍ଷା: ବିଭିନ୍ନ ପ୍ରଜାତିର ସାପ ଜଙ୍ଗଲ, ଚାଷଜମି, ଜଳାଶୟ ଓ ଅନ୍ୟାନ୍ୟ ପରିବେଶରେ ନିଜ ନିଜ ଭୂମିକା ନିର୍ବାହ କରନ୍ତି। ଭାରତ ସରକାରଙ୍କ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରକାଶିତ ତଥ୍ୟରେ ମଧ୍ୟ ସାପଙ୍କ କୃଷି ଓ ପରିବେଶଗତ ଉପଯୋଗିତା ସମ୍ପର୍କରେ ଆଲୋକପାତ କରାଯାଇଛି।

➲ ନାଗପୂଜା ଓ ଅନ୍ଧବିଶ୍ୱାସ ମଧ୍ୟରେ ପାର୍ଥକ୍ୟ

ନାଗ ଚତୁର୍ଥୀର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଧାର୍ମିକ ଆସ୍ଥା ସହ ବୈଜ୍ଞାନିକ ସଚେତନତାର ସମନ୍ୱୟ। ପୂଜା ସମୟରେ ଜୀବନ୍ତ ସାପକୁ କ୍ଷୀର ପିଆଇବାର ଯେଉଁ ପରମ୍ପରା କେତେକ ସ୍ଥାନରେ ଦେଖାଯାଏ, ତାହା ବୈଜ୍ଞାନିକ ଭାବେ ଠିକ୍ ନୁହେଁ। ସାପ ସ୍ତନ୍ୟପାୟୀ ଜୀବ ନୁହେଁ। ତାହାର ସ୍ୱାଭାବିକ ଖାଦ୍ୟ କ୍ଷୀର ନୁହେଁ। ବଳପୂର୍ବକ କ୍ଷୀର ପିଆଇବା ଦ୍ୱାରା ସାପର କ୍ଷତି ହୋଇପାରେ। ତେଣୁ ଜୀବନ୍ତ ସାପକୁ ଧରି ପୂଜା କରିବା ପରିବର୍ତ୍ତେ ମୂର୍ତ୍ତି ବା ଚିତ୍ରରେ ପୂଜା କରିବା ଉଚିତ। ସାପ ଦଂଶନ କଲେ ଝଡ଼ାଫୁଙ୍କା ନକରି ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯିବା ଆବଶ୍ୟକ। ସାପକୁ ଦେଖିଲେ ମାରିବା ପରିବର୍ତ୍ତେ ଦୂରତା ରକ୍ଷା କରି ବନ ବିଭାଗ ବା ପ୍ରଶିକ୍ଷିତ ସାପ ଉଦ୍ଧାରକାରୀଙ୍କୁ ଖବର ଦେବା ଉଚିତ।

➲ ଆମ ସଂସ୍କୃତି ପାଇଁ ନାଗ ଚତୁର୍ଥୀର ବାର୍ତ୍ତା

ଭାରତୀୟ ସଂସ୍କୃତିରେ ନାଗଙ୍କୁ କେବଳ ଏକ ସରୀସୃପ ଭାବେ ନୁହେଁ, ବରଂ ଜଳ, ଉର୍ବରତା, ସମୃଦ୍ଧି ଓ ପ୍ରକୃତିର ଶକ୍ତିର ପ୍ରତୀକ ଭାବେ ଦେଖାଯାଇଛି। ଗବେଷକ ରବର୍ଟ ଡିକାରୋଲିଙ୍କ ଅଧ୍ୟୟନରେ ମଧ୍ୟ ନାଗମାନଙ୍କ ସହ ଜଳାଶୟ ଓ ଜଳସମ୍ପଦର ସାଂସ୍କୃତିକ ସମ୍ପର୍କ ବିଷୟରେ ଉଲ୍ଲେଖ ରହିଛି। ଓଡ଼ିଶାର ଗ୍ରାମାଞ୍ଚଳରେ ମଧ୍ୟ ନାଗପୂଜା, ମନସା ଦେବୀଙ୍କ ଆରାଧନା ଓ ସାପଙ୍କ ପ୍ରତି ଧାର୍ମିକ ଆସ୍ଥାର ବିଭିନ୍ନ ଆଞ୍ଚଳିକ ପରମ୍ପରା ରହିଛି। ତେବେ କାର୍ତ୍ତିକ ଶୁକ୍ଳ ଚତୁର୍ଥୀର ନାଗୁଲା ଚବିଥିକୁ ସମଗ୍ର ଓଡ଼ିଶାର ଏକ ସମାନ ପର୍ବ ବୋଲି କହିବା ପାଇଁ ଯଥେଷ୍ଟ ପ୍ରମାଣ ମିଳେନାହିଁ।

➲ ଉପସଂହାର

ନାଗ ଚତୁର୍ଥୀ କେବଳ ଏକ ପୂଜାପାର୍ବଣ ନୁହେଁ, ଏହା ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ଚିରନ୍ତନ ସମ୍ପର୍କର ଏକ ପ୍ରତୀକାତ୍ମକ ପର୍ବ। ଆମ ପୂର୍ବପୁରୁଷମାନେ ଯେଉଁ ଜୀବକୁ ଭୟ କରୁଥିଲେ, ତାକୁ ଦେବତାଙ୍କ ଆସନରେ ବସାଇ ତାହାର ସୁରକ୍ଷା ପାଇଁ ଏକ ସାଂସ୍କୃତିକ ଚେତନା ସୃଷ୍ଟି କରିଥିଲେ। ଆଜିର ବିଜ୍ଞାନ ଯୁଗରେ ଆମର ଦାୟିତ୍ୱ ହେଉଛି ସେହି ପରମ୍ପରାର ମୂଳ ଉଦ୍ଦେଶ୍ୟକୁ ବୁଝିବା। ଅନ୍ଧବିଶ୍ୱାସ ନୁହେଁ, ବରଂ ଜୀବେଦୟା; ଭୟ ନୁହେଁ, ବରଂ ସଚେତନତା; ଧ୍ୱଂସ ନୁହେଁ, ବରଂ ସଂରକ୍ଷଣ ହିଁ ହେଉ ନାଗ ଚତୁର୍ଥୀର ପ୍ରକୃତ ଆଦର୍ଶ।କାରଣ ପ୍ରକୃତିର ପ୍ରତ୍ୟେକ ଜୀବର ବଞ୍ଚିବାର ଅଧିକାର ଅଛି। ସାପକୁ ପୂଜା କରିବାର ପ୍ରକୃତ ସାର୍ଥକତା ତାକୁ ଦୁଗ୍ଧ ଦେବାରେ ନୁହେଁ, ବରଂ ତାହାର ଜୀବନକୁ ସୁରକ୍ଷା ଦେବାରେ ରହିଛି।

କୈଳାଶ ଚନ୍ଦ୍ର ପଟ୍ଟନାୟକ,
ମୋ-୯୯୩୭୪୩୧୬୬



ଆକାଶ ଦୀପ

କାର୍ତ୍ତିକ ମାସ ଆସିଲେ ମନ୍ଦିର ଏବଂ ଅନେକଙ୍କ ଘରେ ଦେଖିବାକୁ ମିଳେ ଏକ ସ୍ୱତନ୍ତ୍ର ପରମ୍ପରା। ଶ୍ରଦ୍ଧା ଓ ଭକ୍ତିର ସହ ଆକାଶକୁ ଉଠେ ଦୀପ। ତେବେ ଏହି ମାଟିର ଦୀପକୁ ଆକାଶ ଦୀପଭାବେ ପୂଜା କରିବା ପଛରେ ରହିଛି ବର୍ଷ ବର୍ଷର ବିଶ୍ୱାସ ଓ ପରମ୍ପରା । କାର୍ତ୍ତିକ ମାସ ହେଉଛି ଧର୍ମ ଓ ଆଧ୍ୟାତ୍ମିକତାର ମାସ। ଏହି ମାସରେ ପୂଜାପାଠ, ଦୀପଦାନ ଓ ଭଗବାନଙ୍କ ଆରାଧନାର ରହିଛି ବିଶେଷ ମହତ୍ତ୍ୱ। ଏହି ପରମ୍ପରା ମଧ୍ୟରେ ଅନ୍ୟତମ ହେଉଛି ଆକାଶ ଦୀପ। ମନ୍ଦିର ପରିସରରେ ଉଚ୍ଚରେ ଜଳୁଥିବା ଏହି ଦୀପ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଏହା ସହ ଦୀପଟିକୁ ପିତୃ ପୁରୁଷଙ୍କ ନିମନ୍ତେ ଅର୍ପଣ କରାଯାଏ । ପରମ୍ପରା କେବଳ ରୀତିନୀତିରେ ସୀମିତ ନୁହେଁ, ଏହା ସହ ଯୋଡ଼ି ହୋଇ ରହିଥାଏ ପିଢ଼ି ପରେ ପିଢ଼ିର ବିଶ୍ୱାସ। ଧାର୍ମିକ ବିଶ୍ୱାସ ରହିଛି, ଏହି ଦୀପର ଆଲୋକ ପିତୃପୁରୁଷଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଇବା ସହ ସେମାନଙ୍କ ଆତ୍ମାର ସଦ୍ଗତି କାମନା କରି ଜଳା ଯାଏ ଦୀପ । ଆଧୁନିକତାର ଏହି ଯୁଗରେ ମଧ୍ୟ ଆକାଶ ଦୀପ ଭଳି ପରମ୍ପରା ଆମ ସଂସ୍କୃତିର ପରିଚୟକୁ ଜୀବନ୍ତ ରଖିଛି। ଆକାଶକୁ ଉଠୁଥିବା ଏହି ଦୀପ କୌଣସି ସାଧାରଣ ଦୀପ ନୁହଁ ବରଂ ଶ୍ରଦ୍ଧା, ଆସ୍ଥା ଓ ପରମ୍ପରାର ଏକ ପ୍ରତୀକ। ଯାହା ଆମ ପୂର୍ବ ପୁରୁଷଙ୍କ ପ୍ରତି ଆମ ସମ୍ମାନକୁ ଦର୍ଶାଏ । କାର୍ତ୍ତିକ ମାସ ଆସିଲେ ଘରର ଅଗଣାରୁ ଆକାଶ ଯାଏ ଦେଖିବାକୁ ମିଳେ ଦୀପର ଆଲୋକ। ବାଉଁଶ ଖୁଣ୍ଟର ଶୀର୍ଷରେ ଜଳୁଥିବା ଏହି ଦୀପ କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ଏହା ପଛରେ ରହିଛି ଗଭୀର ଆଧ୍ୟାତ୍ମିକ ମାନ୍ୟତା। କିନ୍ତୁ କାହିଁକି ଆକାଶ ମୁହାଁ କରି ଜଳାଯାଏ ଏହି ଦୀପ ?ଏହି ପବିତ୍ର କାର୍ତ୍ତିକ ମାସରେ ସ୍ନାନ, ଦାନ, ଜପ ଓ ଦୀପଦାନର ବିଶେଷ ମହତ୍ତ୍ୱ ରହିଛି। ସ୍କନ୍ଦ ପୁରାଣର କାର୍ତ୍ତିକ ମାହାତ୍ମ୍ୟରେ ମଧ୍ୟ ଦୀପଦାନର ମହିମା ବର୍ଣ୍ଣନା କରାଯାଇଛି। କାର୍ତ୍ତିକ ମାସରେ ସନ୍ଧ୍ୟା ସମୟରେ ଉଚ୍ଚ ସ୍ଥାନରେ ଦୀପ ଜାଳି ଭଗବାନ ବିଷ୍ଣୁଙ୍କୁ ସମର୍ପଣ କରିବାର ବିଧି ରହିଛି। ଏହାକୁ ଆକାଶ ଦୀପ କୁହାଯାଏ। ତାସହ ଏହି ଦୀପକୁ ପିତୃପୁରୁଷଙ୍କ ପାଇଁ ଆଲୋକର ପଥ ବୋଲି କୁହାଯାଏ । ଆକାଶ ଦୀପ ସହ ପିତୃପୁରୁଷଙ୍କ ସମ୍ପର୍କ ମଧ୍ୟ ରହିଛି। ଧାର୍ମିକ ମାନ୍ୟତା ଅନୁସାରେ, ଏହି ଦୀପ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଏ। ପିତୃପୁରୁଷଙ୍କୁ ସ୍ମରଣ କରିବା ସହ ସେମାନଙ୍କ ଆତ୍ମାର ସଦଗତି କାମନା କରି ଏହି ଦୀପ ପ୍ରଜ୍ୱଳନ କରାଯାଏ। ଏହାକୁ ପିତୃପୁରୁଷଙ୍କ ପାଇଁ ଆଲୋକ ଅର୍ପଣର ପ୍ରତୀକ ଭାବେ ଗ୍ରହଣ କରାଯାଏ। ତେବେ ଏଠି ଆଉ ଗୋଟିଏ ପ୍ରଶ୍ନ ଉଠୁଛି କାହିଁକି ଉଚ୍ଚରେ ଜଳାଯାଏ ଦୀପ ? ଆକାଶ ଦୀପକୁ ଉଚ୍ଚ ସ୍ଥାନରେ ରଖିବା ପଛରେ ରହିଛି ଧାର୍ମିକ ଭାବନା। ଆକାଶ ମୁହାଁ କରି ଦୀପ ଜାଳିବା ଦ୍ୱାରା ଏହାର ଆଲୋକ ଦୂରଦୂରାନ୍ତ ଯାଏ ବିସ୍ତାରିତ ହେବାର ପ୍ରତୀକାତ୍ମକ ଭାବନା ରହିଛି। ପରମ୍ପରା ଅନୁଯାୟୀ, ବାଉଁଶ ଖୁଣ୍ଟରେ ଦୀପ ବାନ୍ଧି ସନ୍ଧ୍ୟା ସମୟରେ ଏହାକୁ ଜଳାଯାଏ। କେତେକ ସ୍ଥାନରେ ମାଟି ଦୀପରେ ଘିଅ କିମ୍ବା ତେଲ ଦେଇ ଏହି ପରମ୍ପରା ପାଳନ କରାଯାଏ। ସବୁଠାରୁ ବଡ଼ କଥା ଆଧୁନିକତା ଭିତରେ ଆଜି ବି ଏହି ପରମ୍ପରା ବଞ୍ଚିଛି,ସମୟ ବଦଳିଛି, ଜୀବନଶୈଳୀ ବଦଳିଛି। ହେଲେ ଆକାଶ ଦୀପ ଜାଳିବାର ପରମ୍ପରା ଆଜି ବି ଅନେକ ଘରେ ଅଛି ।





ଭଗବାନଙ୍କ ପ୍ରତି ରହୁ ଭକ୍ତି



ଜୀବର ସବୁଠାରୁ ବଡ଼ ଧର୍ମ ଭଗବାନଙ୍କ ପ୍ରତି ନିରନ୍ତର ଭକ୍ତି। ଭଗବାନ ଯେବେ ଅବତାର ଗ୍ରହଣ କରି ଆବିର୍ଭୂତ ହୁଅନ୍ତି, ସେ ତାଙ୍କର ଦିବ୍ୟ ରୂପ, ନାମ, ଗୁଣ, ଲୀଳା, ଧାମ ଏବଂ ପରିକରମାନଙ୍କୁ ପ୍ରକଟ କରିଥାନ୍ତି । ଏହାଦ୍ୱାରା ଜୀବକୁ ଭକ୍ତି କରିବା ପାଇଁ ସହଜ ଆଧାର ମିଳେ। କାରଣ ମନ ଭକ୍ତି କରିବା ପାଇଁ ଏକ ସାକାର ରୂପ ସର୍ବଦା ଲୋଡ଼ି ଥାଏ। ସାଧାରଣ ଭାବରେ ଭଗବାନଙ୍କ ନିରାକାର ରୂପର ଉପାସନା କରିବା ଅତ୍ୟନ୍ତ କଷ୍ଟପ୍ରଦ । ନିରାକାର ରୂପ ମନରେ ଆଣିବା ବହୁତ କଷ୍ଟକର । ଅନ୍ୟ ପକ୍ଷରେ, ସାକାର ରୂପ ଭକ୍ତଙ୍କ ପାଇଁ ସହଜ ହୋଇଥାଏ। ତେଣୁ ମନ ଲଗାଇବା ପାଇଁ ସହଜ ହୋଇଥାଏ । ପ୍ରାୟ ୫ହଜାର ବର୍ଷ ପୂର୍ବେ ଶ୍ରୀକୃଷ୍ଣ ଗ୍ରହଣ କରିଥିଲେ ଅବତାର। ଭିନ୍ନ ଭିନ୍ନ ସମୟରେ ଭଗବାନ ଅବତାର ଗ୍ରହଣ କରିଛନ୍ତି । ଯେପରି କି ରାମ। ଶ୍ରୀକୃଷ୍ଣ ହୁଅନ୍ତୁ କି ରାମ ଏଭଳି ଭଗବାନ ବିଭିନ୍ନ ସମୟରେ ଅବତାର ଗ୍ରହଣ କରିଛନ୍ତି । ଅଧିକ ଭାବରେ ଶ୍ରୀକୃଷ୍ଣ ଓ ରାମଙ୍କ ଚର୍ଚ୍ଚା ଦେଖାଯାଏ। କୋଟି କୋଟି ପ୍ରାଣୀ ପ୍ରଭୁଙ୍କ ଦିବ୍ୟ ଲୀଳାକୁ ଭକ୍ତିର ଆଧାର କରି ମନକୁ ଶୁଦ୍ଧ କରିପାରିଛନ୍ତି ,ତାଙ୍କ ଠାରେ ଲଗାଇ ପାରିଛନ୍ତି । ରାମ ଅବତାର ସମୟରେ ଅହଲ୍ୟା ତାରଣ କରିଥିଲେ । ଅର୍ଥାତ୍ ତାଙ୍କୁ ଉଦ୍ଧାର କରିଥିଲେ (ଋଷି ଗୌତମଙ୍କ ସ୍ତ୍ରୀ, ଯାହାଙ୍କୁ ଭଗବାନ ରାମ ପ୍ରସ୍ତର ଦେହରୁ ଉଦ୍ଧାର କରିଥିଲେ) । ଭକ୍ତି ଦ୍ୱାରା ଅନ୍ତଃକରଣକୁ ଶୁଦ୍ଧ କରିବା ପାଇଁ ଜୀବକୁ ନିଜର ନାମ, ରୂପ, ଲୀଳା, ଗୁଣ, ଧାମ ଓ ପରିକର ଆଦି ପ୍ରଦାନ କରିଥାନ୍ତି ଈଶ୍ୱର ଓ ଭକ୍ତି ଧର୍ମ ସ୍ଥାପନ କରିବା ଉଦ୍ଦେଶ୍ୟରେ ଭଗବାନ ଅବତାର ଗ୍ରହଣ କରନ୍ତି ।

କାର୍ତ୍ତିକ ବ୍ରତ: ଅନେକ ମହତ୍ତ୍ୱ

ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ । ବର୍ଷକ ବାର ମାସ ଛଅ ଋତୁ। ମାତ୍ର ସବୁ ମାସ ମଧ୍ୟରେ କାର୍ତ୍ତିକକୁ ଶ୍ରେଷ୍ଠ ମାସ ଭାବେ ବିବେଚନା କରାଯାଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ ଆରମ୍ଭ ହୁଏ ଧର୍ମ ମାସ କାର୍ତ୍ତିକ। ଏହି ମାସରେ ଲୋକମାନେ ନିଷ୍ଠାର ସହ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି। ସାରା ମାସ ଆମିଷ ବର୍ଜନ କରି ଶୁଦ୍ଧ ଶାକାହାରୀ ଖାଦ୍ୟକୁ ଆପଣାଇଥାନ୍ତି। ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ । ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି । କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି । ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ । କାର୍ତ୍ତିକରେ ଶ୍ରୀକ୍ଷେତ୍ରରେ ହଜାର ହଜାର ହବିଷ୍ୟାଳିଙ୍କ ସମାଗମ ହୋଇଥାଏ। ପ୍ରାତଃରୁ ଉଠି ମହିଳାମାନେ ମହୋଦଧି ଓ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ତୁଳସୀ ମୂଳରେ ରାଇଦାମୋଦର ପୂଜା କରିଥାନ୍ତି। କାର୍ତ୍ତିକରେ ତୁଳସୀ ପୂଜାର ରହିଛି ସ୍ୱତନ୍ତ୍ର ମାହାତ୍ମ୍ୟ। ତୁଳସୀ ଚଉରା ମୂଳରେ ପଞ୍ଚବର୍ଣ୍ଣ ମୁରୁଜ ପକାଇ ଧୂପ, ଦୀପ, ଅକ୍ଷତ ପ୍ରଦାନ ସ୍ୱରୂପ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। ଏ ଅବସରରେ ସୂର୍ଯ୍ୟ ପୂଜା ମଧ୍ୟ କରାଯାଏ। ଏହି ମାସରେ କାର୍ତ୍ତିକ ମାହାତ୍ମ୍ୟ ପଠନ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି। ଶ୍ରୀମନ୍ଦିରରେ କାର୍ତ୍ତିକ ମାସରେ ମହାପ୍ରଭୁ ରତ୍ନସିଂହାସନ ଉପରେ ରାଧା ଦାମୋଦର ବେଶରେ ଦର୍ଶନ ଦେଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ହବିଷ୍ୟାଳିମାନେ ବ୍ରତ ଧାରଣ କରି ନିଷ୍ଠାର ସହ ପାଳନ କରିଥାନ୍ତି। ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ। କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ । ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପର ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ । କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ । ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ। ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ । ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନ୍ନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ । ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି। ପୂର୍ଣ୍ଣିମାରେ ପବିତ୍ର ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇ ଡଙ୍ଗା ଭସାଇ ବ୍ରତ ଶେଷ କରାଯାଏ।





ମୁକୁଳା ପଡିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ଗଡ ଇଟାପୋଖରୀ ଗ୍ରାମରେ ଥିବା ୧୦୦କେଭି ବିଦ୍ୟୁତ ଟ୍ରାନ୍ସଫର୍ମରଟି ମୁକୁଳା ପଡିଥିବାରୁ ବୁଲା ଗାଇ ଗୋରୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି । ନିମାପଡା ବିଦ୍ୟୁତ ବିଭାଗ ଅଧିନରେ ଥିବା ଚାରିଛକ ବିଦ୍ୟୁତ ସେକସନର ଗଡ ଇଟାପୋଖରୀ ଗ୍ରାମରେ ଥିବା ଏହି ବିଦ୍ୟୁତ ଟ୍ରାନ୍ସଫର୍ମରଟି ଗତ କିଛିଦିନ ତଳେ ତାରବାଡ କରାଯାଇଥିଲା କିନ୍ତୁ ଠିକାଦାର ଏହାର ୩ ପାଖରେ ବାଡ ଦେଇଥିବା ବେଳେ ଆଉ ଗୋଟିଏ ପାଖ ଖୋଲା ରଖି ଅଧାକାମ କରି ଛାଡି ଚାଲିଯାଇଥିଲା । ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ସୁଧା ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣିଶୁଣି ନୀରବ ରହିଛନ୍ତି । ଏହା ଦ୍ୱାରା ବୁଲା ଗାଇ ଗୋରୁଙ୍କ ପ୍ରତି ବିପଦ ସୃଷ୍ଟି ହେବା ଲକ୍ଷ କରାଯାଇଛି । ତୁରନ୍ତ ମରାମତି କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ କରାଯାଇଛି ।

ରାସ୍ତା କଡକୁ ଖସିଲା କାର୍ ଅଳ୍ପକେ ବର୍ତ୍ତିଲେ ଚାଳକ ଓ ରୋଗୀ

ଚାରିଛକ,(ନିପ୍ର): ଚାରିଛକ-କାକଟପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ତୁଳସୀପୁର-ସଭାମଣ୍ଡପ ରାସ୍ତାରେ ଆଜି ଅପରାହ୍ନରେ ଏକ କାର ରାସ୍ତା କଡକୁ ଖସିଯିବା ଫଳରେ ଅଳ୍ପକେ ବର୍ତ୍ତିଯାଇଥିଲେ କାର ଚାଳକ ଓ କାରରେ ଥିବା ରୋଗୀ । ସୂଚନା ମୁତାବକ ଭାଣପୁର ଗ୍ରାମର ମନୋଜ କର ତାଙ୍କ କାରରେ ଜଣେ ରୋଗୀକୁ ନେଇ ମେଡିକାଲକୁ ଯାଉଥିଲେ । ଗତ ୬ମାସ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୪୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଏହି ରାସ୍ତାଟି ଫେବର ବ୍ଲକ କାର୍ଯ୍ୟ କରାଯାଇଥିଲା । ତେବେ ଠିକାଦାର ଜଣ ଜଣଙ୍କ ଉକ୍ତ ରାସ୍ତା ଅଧାକାମ କରି ରାସ୍ତା କଡରେ ମାଟି ନ ପକାଇବା ଫଳରେ ବାରମ୍ବାର ରାସ୍ତାରେ ଦୁର୍ଘଟଣା ଘଟିବା ସହ ଆଜି କାର ଦୁର୍ଘଟଣା ଭଳି ଘଟଣା ଘଟିଥିବା ଯୁବନେତା ମନୋଜ କର ପ୍ରକାଶ କରିଛନ୍ତି । ଏ ସଂପର୍କରେ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଥିଲେ ସୁଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଫଳରେ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ଉକ୍ତ ରାସ୍ତାଟିକୁ ସଂପୂର୍ଣ୍ଣ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି ।

ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତାକୁ ୫ ଛାତ୍ରଛାତ୍ରୀ ମନୋନୀତ

ହିଞ୍ଜିଳିକାଟୁ,(ନିପ୍ର): ଚଳିତ ମାସ ୧୫ - ୧୮ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ଫକୀର ମୋହନ ବିଶ୍ୱବିଦ୍ୟାଳୟ ନୂଆଁପଡ଼ିଆ ଠାରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସବ ଜୁନିଅର ଖୋ- ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ହିଞ୍ଜିଳିକାଟୁ ବ୍ଲକ ବୁରୁପଡ଼ା ଭଗବତୀ ବିଦ୍ୟାପୀଠରେ ଅଧ୍ୟୟନ କରୁଥିବା ୧୪ ବର୍ଷରୁ କମ ବାଳକ ଓ ବାଳିକା ଦଳରେ ୫ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି। ଛାତ୍ର ବିଭୂତି ସାମଲ, ଶୁଭମ ମୁନୀ, ପ୍ରସାଦ ପ୍ରଧାନ, ସ୍ୱାଧୀନ ଦଳାଇ ଓ ଛାତ୍ରୀ ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଖେଳାଳୀ ରାଜ୍ୟ ସ୍ତରରେ ଅଂଶ ଗ୍ରହଣ କରିବେ। ଏହି ଅବସରରେ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା, ପ୍ରଧାନ ଶିକ୍ଷକ ଲାଲ ମୋହନ ସାହୁ, କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର ମହାରଣା ଓ ବ୍ଲକ ସମ୍ପାଦକ ବିଭୂତି ପଟ୍ଟନାୟକ ପ୍ରମୁଖ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ବିଦ୍ୟାଳୟର ଗୌରବ ବୃଦ୍ଧି ସକାଶେ ସଫଳତା କାମନା କରିଛନ୍ତି।

ବରିଷ୍ଠ ସାମ୍ବାଦିକ ଗୌରାଙ୍ଗ ବେହେରାଙ୍କ ପରଲୋକ



ବାଙ୍କୀ, (ନିପ୍ର): ବାଙ୍କୀ ଗଣମାଧ୍ୟମ ଜଗତର ଜଣେ ପରିଚିତ ଓ ବରିଷ୍ଠ ସାମ୍ବାଦିକ ତଥା ଦୈନିକ 'ସମାଜ'ର ବାଙ୍କୀ ପ୍ରତିନିଧି ଗୌରାଙ୍ଗ ଚରଣ ବେହେରାଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ବାଙ୍କୀର ସାମ୍ବାଦିକ ମହଲ ସମେତ ସମଗ୍ର ଉପଖଣ୍ଡରେ ଗଭୀର ଶୋକ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଗତକାଲି ସେ ଅସୁସ୍ଥ ଅନୁଭବ କରିବାରୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ଦେହାନ୍ତ ହୋଇଥିଲା । ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କଟକ ବଡ଼ ଡାକ୍ତରଖାନାକୁ ଯାଇ ତାଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କଠାରୁ ବୁଝିଥିଲେ । ତାଙ୍କ ବିୟୋଗ ଖବର ପାଇ ବିଧାୟକ ଶେଷ ଦର୍ଶନ କରିବା ସହ ମରଶରୀରକୁ ଜନ୍ମମାଟି ବାଙ୍କୀ ବ୍ଲକ୍ ଅନ୍ତର୍ଗତ କରବର ଗ୍ରାମକୁ ନେବାର ବ୍ୟବସ୍ଥା କରିଥିଲେ ।ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶହ ଶହ ଲୋକ ଏକତ୍ରିତ ହୋଇ ତାଙ୍କର ଶେଷ ଦର୍ଶନ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ସ୍ୱଚ୍ଛତା ପାଇଁ ଜାତୀୟସ୍ତରରେ ସମ୍ବର୍ଦ୍ଧିତ ଆସିକା ପୌରପରିଷଦ

ରାଷ୍ଟ୍ରପତିଙ୍କଠାରୁ ସମ୍ବର୍ଦ୍ଧନା ଗ୍ରହଣ କଲେ ଅଧ୍ୟକ୍ଷା ଓ ଅଧିକାରୀ



ଆସିକା (ନିପ୍ର): ସ୍ୱଚ୍ଛତା କ୍ଷେତ୍ରରେ ଜାତୀୟ ସ୍ତରରେ ଗଞ୍ଜାମ ଜିଲ୍ଲା ସହ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଛି ଆସିକା ପୌରପରିଷଦ । ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ରେ ଦେଶର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁ ଏଲ ବି) ମଧ୍ୟରେ ୨୦,୦୦୦ରୁ ୫୦,୦୦୦ ଜନସଂଖ୍ୟା ବର୍ଗରେ ଆସିକା ପୌରପରିଷଦ ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ଏହି ସଫଳତା କେବଳ ଗଞ୍ଜାମ ନୁହେଁ, ସମଗ୍ର ଦକ୍ଷିଣ ଓଡ଼ିଶା ପାଇଁ ଏକ ଉଲ୍ଲେଖନୀୟ ଉପଲବ୍ଧି । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ ପୁରସ୍କାର ପ୍ରଦାନ ସମାରୋହରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଆସିକା ପୌରପରିଷଦର ଅଧ୍ୟକ୍ଷା ବିନୀତା ସ୍ୱାଇଁ, ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶ, ଗଞ୍ଜାମ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସମୀର କୁମାର ଜେନା ଓ ଆସିକା ପୌରପରିଷଦର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଆଶାଲତା ରଚାମାଳା ମାନ୍ୟବର ରାଷ୍ଟ୍ରପତିଙ୍କଠାରୁ ସ୍ୱଚ୍ଛତାର ବାର୍ତ୍ତାବହ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ମାନପତ୍ର ଗ୍ରହଣ କରିଥିଲେ । ଏହି ସମ୍ମାନଜନକ ପୁରସ୍କାର ସଫେଇ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସ ଓ ଆସିକାବାସୀଙ୍କ ସ୍ୱଚ୍ଛତା ପ୍ରତି ସହଭାଗିତା ଓ ସଚେତନତାର ପ୍ରତିଫଳନ । ଆସିକାର ଏହି ସଫଳତା ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଜିଲ୍ଲାର ଜନ ପ୍ରତିନିଧିଙ୍କ ସହିତ ଜିଲ୍ଲାପାଳ ମଧ୍ୟ କହିଛନ୍ତି । ଆସିକାର ଏହି ସଫଳତା ଗଞ୍ଜାମ ଜିଲ୍ଲାରେ ଚାଲିଥିବା 'ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ' କାର୍ଯ୍ୟକ୍ରମ ଅଧୀନରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା, ସୁସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରୋତ୍ସାହିତ କରିବା ଏବଂ ସ୍ୱଚ୍ଛ ଓ ସମାବେଶୀ ସହର ଓ ଗ୍ରାମ ଗଠନ ଦିଗରେ ଜିଲ୍ଲାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ ଭି କୀର୍ତ୍ତି ଭାସନ କହିଛନ୍ତି ।ସ୍ୱଚ୍ଛ ଭାରତ ମିଶନ–ସହରାଞ୍ଚଳ ଅଧୀନରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ ଏହାର ଦଶମ ସଂସ୍କରଣ । ଏହା ବିଶ୍ୱର ସର୍ବବୃହତ୍ ସହରାଞ୍ଚଳ ସ୍ୱଚ୍ଛତା ଓ ପରିମଳ ମୂଲ୍ୟାୟନ କାର୍ଯ୍ୟକ୍ରମ ଭାବେ ପରିଚିତ । ଚଳିତ ବର୍ଷର ବିଷୟବସ୍ତୁ 'ସ୍ୱଚ୍ଛତା କି ନୟୀ ପହେଲ୍ – ବଢ଼ାଏଁ ହାଥ, କରେଁ ସଫାଇ ସାଥ୍' ମାଧ୍ୟମରେ ନାଗରିକଙ୍କ ସହଭାଗିତା ଏବଂ ସହରଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଜରିଆରେ ସହରାଞ୍ଚଳ ପରିମଳ ବ୍ୟବସ୍ଥାରେ ଗତ ଏକ ଦଶନ୍ଧି ଧରି ଆସିଥିବା ପରିବର୍ତ୍ତନକୁ ଉତ୍ସବ ଭାବେ ପାଳନ କରାଯାଇଛି ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ୨୦୨୬



ଗୁଣପୁର, (ନିପ୍ର): ଗୁଣପୁର ବ୍ଲକ ପରିସର ପଡିଆ ଠାରେ ବ୍ଲକସ୍ତରୀୟ 'ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ୨୦୨୬' ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଂଶଗ୍ରହଣକାରୀଙ୍କ ପଞ୍ଜିକରଣ କରାଯିବା ସହ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶର ସଫଳ କାହାଣୀ ସମ୍ବନ୍ଧୀୟ ଭିଡିଓ ପ୍ରଦର୍ଶିତ ହୋଇଥିଲା ।ଏଥିରେ ସମସ୍ତ ପଞ୍ଚାୟତର ୪୦୦ ରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ପ୍ରଥମେ ଗୋ-ପୂଜନ ଓ ତତ୍ପରେ ବୃକ୍ଷରୋପଣ କରାଯାଇଥିଲା । ଅତିଥିମାନଙ୍କ ସ୍ୱାଗତ ପରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ, ପ୍ରଦୀପ ପ୍ରଜ୍ୱଳନ କରାଯାଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା । ମଞ୍ଚ ପରିଚାଳକଙ୍କ ସ୍ୱାଗତ ସମ୍ଭାଷଣ ପରେ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଅତିଥିମାନେ ପ୍ରଦର୍ଶନୀ ଷ୍ଟଲଗୁଡ଼ିକ ପରିଦର୍ଶନ କରିଥିଲେ । ଗୋଷ୍ଠୀ ପ୍ରାଣିଚିକିତ୍ସା ଅଧିକାରୀ ତଥା ଆବାହକ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ପରିଚାଳନା କମିଟି- ୨୦୨୬ ଡାଃ ରାଧେଶ୍ୟାମ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମେଳାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ କ୍ଷେତ୍ରରେ ସଫଳତା ହାସଲ କରିଥିବା କାଳମା ଗ୍ରାମର କୁକୁଡ଼ା ଉଦ୍ୟୋଗୀ ଚାଷୀ ମନୋରଂଜନ ମହାନ୍ତି, ରୂପାପଦର ଗ୍ରାମର ମତ୍ସ୍ୟ ଚାଷୀ ପୂନିୟା ଶବର, ସିଂଗୁବାଇ ଗ୍ରାମର ଗୋପାଳକ ଓ ଘାସ ଉଦ୍ୟୋଗୀ ଜଗଦୀଶ ଗଙ୍ଗା ଏବଂ ଶ୍ରୀରାମପୁର ଗ୍ରାମର ମତ୍ସ୍ୟ ଚାଷୀ ନାଗରାଜୁ ଶବର ନିଜର ସଫଳତାର କାହାଣୀ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱସ୍ତିକ ଜମାଦାର ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଅଧ୍ୟକ୍ଷ, ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ପରିଚାଳନା କମିଟି-୨୦୨୬ ଚାଷୀମାନଙ୍କୁ ଗୋ ସୁଗମ ପୋର୍ଟାଲ ମାଧ୍ୟମରେ ସରକାରୀ ଯୋଜନାରେ ଆବେଦନ କରିବା ପାଇଁ ଅନୁରୋଧ କରିଥିଲେ । ଡାଃ ଶଶାଙ୍କ ଶେଖର ନାୟକ ,ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ଗୋପାଳକ ମାନଙ୍କୁ ଡଂଗରରଉ କୁ କ୍ଷୀର ବିକ୍ରି କରି ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ନିଜର ଆୟ କୁ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ ।

ଗ୍ରାମେଶ୍ୱର ଦେବଙ୍କ ପୀଠରେ କଳସଯାତ୍ରା

ନିରାକାରପୁର, (ନିପ୍ର) : ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ପୀଠରେ ଚଳିତ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅବସରରେ ଆଜିଠାରୁ ତିନିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି । କାର୍ଯ୍ୟକ୍ରମ ଅନୁଯାୟୀ, ଗତ ନଭେମ୍ବର ୯ ତାରିଖରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜି ସକାଳେ ମାଙ୍ଗଳିକ ପରିବେଶରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନିକଟସ୍ଥ ମଳାଗୁଣୀ ନଦୀରୁ ପବିତ୍ର ଜଳ ଅଣାଯାଇ ଘଟ ସ୍ଥାପନ କରାଯିବା ସହ ଶାଳାମଣ୍ଡନ, ସର୍ବଦେବାଦେବୀ ଆବାହନ, ଅଗ୍ନିସ୍ଥାପନ ଓ ବୃହଦାର୍ଚ୍ଚନାରେ ଆହୁତି ପ୍ରଦାନ କରାଯାଇଛି । ନଭେମ୍ବର ୧୨ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା, ବୃହଦାଭିଷେକ, ଚଣ୍ଡୀପାଠ ଏବଂ ଶ୍ରୀମଦ୍ ଭଗବତ ଗୀତାରେ ହବନ କରାଯିବ ।

ଦୁଇ ୱାରେଣ୍ଟି କୋର୍ଟ ଚାଲାଣ

ବେଲଗୁଣ୍ଠା(ନିପ୍ର): ଗାଙ୍ଗପୁର ଥାନା ପୁଲିସ ପକ୍ଷରୁ ଦୁଇଟି ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) କାର୍ଯ୍ୟକାରୀ କରାଯାଇଛି । ଏ ନେଇ ଜିଆର ନଂ ୩୫୨/୧୪ ମାମଲାରେ ନେଟଙ୍ଗା ଗ୍ରାମର ୱାରେଣ୍ଟି କାର୍ତ୍ତିକ ନାୟକ ଏବଂ ଜିଆର ନଂ ୧୦୯୪/୨୫ ମାମଲାରେ ଗାଙ୍ଗପୁର ଥାନା ଅନ୍ତର୍ଗତ ଲଣ୍ଡାଜୁଆଳି ଗ୍ରାମର ୱାରେଣ୍ଟି ଏ. କୃଷ୍ଣ ପାତ୍ରଙ୍କ ବିରୋଧରେ ଜାରି ହୋଇଥିବା ପରୱାନାକୁ ପୁଲିସ କାର୍ଯ୍ୟକାରୀ କରିଛି । ଉଭୟଙ୍କୁ ଗିରଫ କରିବା ପରେ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପାଇଁ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି । ଦୀର୍ଘଦିନ ଧରି ବିଚାରାଧୀନ ଥିବା ମାମଲାଗୁଡ଼ିକରେ ଅଦାଲତଙ୍କ ନିର୍ଦ୍ଦେଶ ଅନୁପାଳନ କରିବା ଦିଗରେ ଗାଙ୍ଗପୁର ପୁଲିସର ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି । ବର୍ତ୍ତମାନ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡ ଦୀପକ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜନଗର ଉପଖଣ୍ଡ ଅଧୀନରେ ଥିବା ସମସ୍ତ ଥାନା ଅଞ୍ଚଳରେ ପୁରୁଣା ମାମଲାରେ ସଂପୃକ୍ତ ଅପରାଧୀମାନଙ୍କୁ ଗିରଫ କରିବା ଦିଗରେ ପୋଲିସ ଅଧିକାରୀମାନେ ଚଳଚଞ୍ଚଳ ହୋଇଥିବା ସୂଚନା ମିଳିଛି । ଫଳ ସ୍ୱରୂପ ଅପରାଧୀ ମହଲରେ ଆତଙ୍କ ସୃଷ୍ଟି ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମନ୍ତ୍ରୀଙ୍କ ପରାମର୍ଶ



କେନ୍ଦ୍ରାପଡ଼ା(ନିପ୍ର): ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଜି କେନ୍ଦ୍ରାପଡ଼ା ସର୍କିଟ୍ ହାଉସଠାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଏବଂ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ । ଏଥିସହ ଜିଲ୍ଲାପାଳ ରଘୁରାମ ଆର ଆୟର, ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ବସୁନ୍ଧରା ଯୋଜନାର କାର୍ଯ୍ୟାନ୍ୱୟନ, ଭୂମିହୀନ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ, ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଓ ରାଜସ୍ୱ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନ, ବିଦ୍ୟାଳୟଗୁଡ଼ିକୁ ଜମି ପଟ୍ଟା ପ୍ରଦାନ ଏବଂ ବିପର୍ଯ୍ୟୟ ପରିଚାଳନା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ମାନ୍ୟବର ବିଧାୟକମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା, ଜନସାଧାରଣଙ୍କ ଆବଶ୍ୟକତା ଓ ରାଜସ୍ୱ ସମ୍ପର୍କିତ ଅଭିଯୋଗଗୁଡ଼ିକ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସେହି ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଆଲୋଚନା ହୋଇଥିଲା ।

ମା ଭଦ୍ରକାଳୀଙ୍କ ଅପୂର୍ବ ସିଂହ ବାହିନୀ ବେଶ ମହାଯଜ୍ଞର ଚତୁର୍ଥ ଦିବସ



ଭଦ୍ରକ(ନିପ୍ର): ପୁରାଣ ପ୍ରସିଦ୍ଧ ଶକ୍ତି ପୀଠ ମା ଭଦ୍ରକାଳୀ ପୀଠ ମାଙ୍କ ବେଶ ଦର୍ଶନ କରିବା ନିମନ୍ତେ ଭକ୍ତମାନଙ୍କ ଗହଳି ଲାଗୁଛି । ମା ଭଦ୍ରକାଳୀଙ୍କ ସପ୍ତ ମାତୃକା ବେଶର ଚତୁର୍ଥ ଦିବସରେ ମା ସିଂହ ବାହିନୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଏହି ଅଲୌକିକ ଅପୂର୍ବ ରୂପକୁ ଦର୍ଶନ କରିବା ନିମନ୍ତେ ସକାଳୁ ପୀଠରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ମାଙ୍କ ମୁଖ ମଣ୍ଡଳ ଗୋଲାପୀ ବର୍ଣ୍ଣ ଥିବା ବେଳେ ମା ନାଲି ପାଟ ବସ୍ତ୍ର ପରିଧାନ କରିଥିଲେ । ସିଂହ ବାହନରେ ବିରାଜ ମାନ କରି ମା ଖଡ୍ଗ, ତ୍ରିଶୂଳ, ଗଦା ଓ ପଦ୍ମ ଧାରଣ କରିଥିଲେ । ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ସହିତ ବିଭିନ୍ନ ଆଭୂଷଣରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ସେ ଦୁର୍ଗା ସେ ହିଁ ମହାକାଳୀ ପୁଣୀ ସେ ମହାଲକ୍ଷ୍ମୀ । ସେ ଦୁର୍ଗତି ନାଶିନୀ, ମହିଷା ମର୍ଦ୍ଦିନୀ,ଅଭୟ ବର ଦାୟିନୀ, ଜଗତ ଜନନୀ, ପାଳନ କାରିନୀ ମା ଭଦ୍ରକାଳୀ । ସୃଷ୍ଟିରେ ସର୍ବତ୍ର ସେ ବିଦ୍ୟମାନ । ସିଂହ ବାହିନୀ ବେଶରେ ଭକ୍ତ ଦର୍ଶନ କଲେ ଭକ୍ତମାନଙ୍କର ରୀଷ୍ଟ ଖଣ୍ଡନ, ଗ୍ରହ ଦଶା ଖଣ୍ଡନ ହେବା ସହିତ ଭକ୍ତ ବିପଦ ଓ ଭୟ ମୁକ୍ତ ହୋଇଥାଏ । ମହାଯଜ୍ଞର ଚତୁର୍ଥ ଦିବସରେ ଚଣ୍ଡୀ ପାଠ, ଭାଗବତ ପାଠ, ରୁଦ୍ରାଭିଶେକ, ବେଦ ପାଠ ଓ ସଂକୀର୍ତ୍ତନ କରାଯାଇଛି । ମହାଯଜ୍ଞକୁ ଭକ୍ତମାନେ ଘୃତ, ସମିଧ, ଅକ୍ଷତ ଓ ଦକ୍ଷିଣା ଦାନ କରୁଛନ୍ତି । ମଧ୍ୟାହ୍ନ ନିତି ପରେ ଭକ୍ତମାନଙ୍କୁ ମନ୍ଦିର ପ୍ରସାଶନ ତରଫରୁ ଅନ୍ନ ପ୍ରସାଦ ବଣ୍ଟନ କରଯାଇଛି । ସନ୍ଧ୍ୟାରେ ମାଙ୍କ ଦିବ୍ୟ ଆଳତୀ ଦର୍ଶନ କରିବା ନିମନ୍ତେ ପୀଠରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି । ମାଦଳ ବାଦ୍ୟର ତାଳେ ତାଳେ ଭକ୍ତମାନେ ମନ୍ଦିରରେ ସନ୍ଧ୍ୟା ଆଳତୀକୁ ଦର୍ଶନ କରୁଛନ୍ତି ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ

ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହେଲେ ବିଡିଓ



ବୁଗୁଡ଼ା,(ନିପ୍ର):ଗଞ୍ଜାମ ଜିଲ୍ଲାକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜାରି ରହିଛି ସ୍ୱତନ୍ତ୍ର ଅଭିଯାନ । ଏହି କ୍ରମରେ ବୁଗୁଡ଼ା ବ୍ଲକ ସମସ୍ତ ପଞ୍ଚାୟତରେ ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ବିଭିନ୍ନ ବର୍ଗର କର୍ମଚାରି, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସାମିଲ ହୋଇ ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଆଗେଇ ଆସିଛନ୍ତି । ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ । ପ୍ଲାଷ୍ଟିକ ମୁକ୍ତ ଗଞ୍ଜାମ ଗଠନ ପାଇଁ ଚାଲିଛି ସାମୂହିକ ପ୍ରୟାସ । ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବା ସହ ପରିବେଶ ସୁରକ୍ଷା ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକ କରସିଙ୍ଗି ପଞ୍ଚାୟତରେ ବିଡ଼ିଓ ଦ୍ୟୁତିକୃଷ୍ଣ ପାତ୍ରଙ୍କ ନେତୃତ୍ୱରେ ହୋଇଥିଲା ସ୍ୱଚ୍ଛତା ଅଭିଯାନ । ଏହି କାର୍ଯ୍ୟକ୍ରମରେ ବ୍ଲକ ଓ ପଞ୍ଚାୟତ କର୍ମଚାରୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏମ୍‌ବିକେ, ସିଆରପି ଏବଂ ଗ୍ରାମବାସୀ ସାମୂହିକ ଭାବେ ଶ୍ରମଦାନ କରିଥିଲେ । ପଞ୍ଚାୟତର ମୁଖ୍ୟ ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଦିଗରେ ସମସ୍ତେ ନେଇଥିଲେ ସଂକଳ୍ପ ।

ଡାବୁଗାଁ ଅଞ୍ଚଳରେ ଜିଓ ନେଟ୍‌ୱାର୍କ ସମସ୍ୟା ଯୋଗୁଁ ଡିଜିଟାଲ୍ ସେବା ଠପ୍

ଫୋନ୍ କଲ୍ ଓ ଇଣ୍ଟରନେଟ୍ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ



ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱାର୍କ ସେବା ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିବାରୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବିଶେଷ କରି ଜିଓ ନେଟ୍‌ୱାର୍କ ଠିକ୍ ଭାବେ କାମ କରୁନଥିବାରୁ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡାବୁଗାଁର ପାତ୍ର ସାହି, ନୂଆଗୁଡ଼ା, ବଜାରଦାଣ୍ଡ, ବସ୍ ଷ୍ଟାଣ୍ଡ ଏବଂ ଡଙ୍ଗରୀଗୁଡ଼ା ଭଳି ପ୍ରମୁଖ ମାର୍କେଟ ଅଞ୍ଚଳଗୁଡ଼ିକରେ ନେଟ୍‌ୱାର୍କ ସମସ୍ୟା ସବୁଠୁ ଗୁରୁତର ରହିଛି । ପ୍ରମୁଖ ବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ହିଁ ନେଟ୍‌ୱାର୍କର ଅବସ୍ଥା ସବୁଠାରୁ ଶୋଚନୀୟ ରହିଛି ।ଏହିସବୁ ସ୍ଥାନରେ ଦୈନନ୍ଦିନ ଲକ୍ଷାଧିକ ଟଙ୍କାର ବ୍ୟବସାୟିକ କାରବାର ଏବଂ ଜରୁରୀକାଳୀନ ଯୋଗାଯୋଗ ହେଉଥିବା ବେଳେ ନେଟ୍‌ୱାର୍କ ଦୁର୍ବଳ ଯୋଗୁଁ ଅନଲାଇନ୍ ପେମେଣ୍ଟ (ଟଙ୍କା ଦେବା ଓ ନେବା) ଠିକ୍ ସମୟରେ ହୋଇପାରୁନାହିଁ । ଫଳରେ ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ବହୁତ ଦୁର୍ଦ୍ଦଶା ଭୋଗୁଛନ୍ତି । ଏହି ଅଞ୍ଚଳରେ ଅଧିକ ଗ୍ରାହକ ଜିଓ ବ୍ୟବହାର କରୁଥିବା ବେଳେ ଏହାର ସେବା ସବୁଠୁ ନିମ୍ନମାନର ରହିଥିବା ଅଭିଯୋଗ ହେଉଛି । ବିଭିନ୍ନ ଆକର୍ଷଣୀୟ ଅଫରର ପ୍ରଲୋଭନ ଦେଖାଇ ଅନ୍ୟ ନେଟ୍‌ୱାର୍କରୁ ଜିଓକୁ ପୋର୍ଟ କରାଯାଉଥିବା ଏବଂ ଜିଓ ୱାଇ-ଫାଇ ଲଗାଇବା ପାଇଁ ରାଜି କରାଇ ପଇସା ଲୁଟି ନିଆଯାଉଥିବା ଅଭିଯୋଗ ମଧ୍ୟ ହେଉଛି ।ଏପରିକି ଯଦି କୌଣସି ଗ୍ରାହକ ସମୟାନୁସାରେ ନିଜ ନମ୍ବରରେ ରିଚାର୍ଜ ନ କରନ୍ତି, ତେବେ ଜିଓ କଷ୍ଟମର କେୟାର୍ ପକ୍ଷରୁ ବାରମ୍ବାର ଫୋନ୍ କଲ୍ କରି ସିମ୍ ବନ୍ଦ ହୋଇଯିବାର ଭୟ ଦେଖାଇ ଅସହଜ ପରିସ୍ଥିତି ସୃଷ୍ଟି କରାଯାଉଥିବା ଲୋକେ କହୁଛନ୍ତି । ସବୁଠୁ ବଡ଼ ସମସ୍ୟା ହେଲା, ଜିଓ ନେଟ୍‌ୱାର୍କ କରେଣ୍ଟ ଗଲେ ସମ୍ପୂର୍ଣ୍ଣ ବିଗିଡ଼ି ଯାଉଛି । କରେଣ୍ଟ ଗଲେ ଡିଜି ଲଗାଇବା କଥା, କିନ୍ତୁ ଦାୟିତ୍ୱରେ ଥିବା କର୍ମଚାରୀମାନେ ସେଥିରେ ପେଟ୍ରୋଲ କିମ୍ବା ଡିଜେଲ୍ ନାମକୁ ମାତ୍ର ପକାଉଥିବା ନେଇ ସ୍ଥାନେ ସ୍ଥାନେ ଆଲୋଚନା ହେଉଛି । କମ୍ପାନୀ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପାଇଁ ବିଶେଷ ଧ୍ୟାନ ଦେଉନଥିବା ଦେଖାଦେଇଛି ।ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା, ନବରଙ୍ଗପୁର ଜିଲ୍ଲାରେ ଜିଓ କମ୍ପାନୀର କୌଣସି ଅଫିସ୍ ନାହିଁ । ଫଳରେ ଲୋକେ ଅଭିଯୋଗ କରିବାକୁ ମଧ୍ୟ ଜାଗା ପାଉନାହାଁନ୍ତି । ଡାବୁଗାଁ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗି ରହିଥିବା ଏହି ନେଟ୍‌ୱାର୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଟେଲିକମ୍ କମ୍ପାନୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ଦୃଢ଼ ଦାବି ହୋଇଛି । ପ୍ରଶାସନ ଏବଂ ଜିଓ କମ୍ପାନୀ ଏଥିପ୍ରତି ଧ୍ୟାନ ଦେବା ସହ ଲୋକଙ୍କ ଅସୁବିଧାର ସମାଧାନ ପାଇଁ ତତ୍ପର ହେବା ଆବଶ୍ୟକ ହୋଇପଡ଼ିଛି ।

ତିଥି :(ତୃତୀୟା) : (ଜ୍ୟେଷ୍ଠା, ବିଛା)

ଅମୃତ ବେଳା: ପ୍ରାତଃ ୫।୫୮ରୁ ଘ୭।୩୭ ମଧ୍ୟେ

ଆଜିର ଅନୁଚିନ୍ତନ

ମୁଁ ହିଁ ସମସ୍ତ ଯଜ୍ଞର ଭୋକ୍ତା ଓ ସ୍ୱାମୀ।।

- ଶ୍ରୀମଦ୍ ଭଗବଦ୍ ଗୀତା

ସବୁଠି ପହଞ୍ଚୁଛି ତ ଇଣ୍ଟରନେଟ୍ !

ସବୁଠୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଡିଜିଟାଲ ବିପ୍ଳବ ଆଣିବା ଲକ୍ଷ୍ୟରେ ନିକଟରେ ରାଜ୍ୟ କ୍ୟାବିନେଟ 'ଓଡ଼ିଶା ଶିକ୍ଷାନେଟ୍'କୁ ଅନୁମୋଦନ ଦେଇଛନ୍ତି, ଯାହା ଜରିଆରେ ଅଧ୍ୟାପକଙ୍କ ସମେତ ୬ ଲକ୍ଷରୁ ଅଧିକ ଶିକ୍ଷାର୍ଥୀ ଇ-ବୁକ୍ ,ଭର୍ଚୁଆଲ କ୍ଲାସରୁମ୍,ଡିଜିଟାଲ ଲାଇବ୍ରେରୀ ପ୍ରଭୃତି ଆଧାରିତ ସେବାଗୁଡ଼ିକର ସୁବିଧା ପାଇପାରିବେ। ସ୍ୱୀକୃତିପ୍ରାପ୍ତ ଛାତ୍ରଛାତ୍ରୀ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏଥିଲାଗି ଦୈନିକ ଏକ ଜିବି ହାଇସ୍ପିଡ୍ ଇଣ୍ଟରନେଟ୍ ଡାଟା ମାଗଣାରେ ଉକ୍ତ ଫ୍ଲାଗସିପ୍ ଯୋଜନା ଆଧାରରେ ପାଇପାରିବେ, ଏହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ଉଚ୍ଚଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀ ବିଶେଷ କରି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିବା ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଖୁବ୍ କାମରେ ଆସିବ।

ଆଜିକାଲି ଇଣ୍ଟରନେଟ୍ ସେବା ବିଭିନ୍ନ ସେବା ନିମନ୍ତେ ଅତ୍ୟାବଶ୍ୟକ । ନାନାବିଧ କ୍ଷେତ୍ରର ସୂଚନା ହେଉ କିମ୍ବା ସରକାରୀ ଯୋଜନାର ସୁଫଳ ପ୍ରାପ୍ତି ନିମନ୍ତେ ଏହା ହେଉଛି ଜୀବନରେଖା ସଦୃଶ। ମାତ୍ର ବାସ୍ତବତା ଦୃଷ୍ଟିରୁ ଆମ ରାଜ୍ୟର ସବୁ ଅଞ୍ଚଳରେ ଇଣ୍ଟରନେଟ୍ ସେବା ପହଞ୍ଚିଛି ଏହା ଦାବି କରାଯାଇପାରିବ ନାହିଁ। ବିଶେଷ କରି ସାଧାରଣ ଲୋକଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ବା ଲାଭାର୍ଥୀ ହେବା ପାଇଁ ଏହି ସଂଯୋଗ ସଂଜୀବନୀ ହୋଇଥିଲେ ହେଁ ଏ ସଂକ୍ରାନ୍ତ ଦୁର୍ବଳ ଚିତ୍ରପଟ୍ଟ ସଚେତନମାନଙ୍କୁ ନାଗରିକଙ୍କୁ ଭାରାକ୍ରାନ୍ତ କରେ। ଗତବର୍ଷ ମାର୍ଚ୍ଚ ବିଧାନସଭା ପ୍ରଶ୍ନୋତ୍ତର କାଳରେ ରାଜ୍ୟରେ ଇଣ୍ଟରନେଟ୍ ଓ ମୋବାଇଲ ସେବା ସଂକ୍ରାନ୍ତରେ ଏକ ଲିଖିତ ପ୍ରଶ୍ନ ଜରିଆରେ ତଥ୍ୟ ଲୋଡାଯାଇଥିଲା। ବିଭାଗୀୟ ମନ୍ତ୍ରୀ ଏ ସଂକ୍ରାନ୍ତରେ ରଖିଥିବା ଉତ୍ତରଟିର ସାରାଂଶ ଏହିପରି: ରାଜ୍ୟର ୧୬୭ ବ୍ଲକର ୭୬୪ ଟି ପଞ୍ଚାୟତରେ ଇଣ୍ଟରନେଟ୍ ଏବଂ ମୋବାଇଲ ସେବା ଉପଲବ୍ଧ ହେଉନାହିଁ। କେନ୍ଦ୍ର ସରକାର ରାଜ୍ୟର ସମସ୍ତ ଗ୍ରାମକୁ ମୋବାଇଲ ଓ ନେଟୱାର୍କ ସେବା ଯୋଗାଇବା ଲକ୍ଷ୍ୟରେ ଭାରତ ନିଧି ଯୋଜନା ଅଧୀନରେ ମୋଟ ୪୨୭୭ ନୂତନ ମୋବାଇଲ ଟାୱାର ସ୍ଥାପନ ଲକ୍ଷ୍ୟ ରଖିଛନ୍ତି। ସେଥିରୁ ୨୦୮୫ ଟାୱାର ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇସାରିଛି,ଅବଶିଷ୍ଟ ୨୦୯୨ ଟାୱାର ୨୦୨୫ ଜୁନ ସୁଦ୍ଧା କାର୍ଯ୍ୟକ୍ଷମ ହେବ,ଯାହା ଦ୍ୱାରା ରାଜ୍ୟର ସବୁ ଗ୍ରାମକୁ ମୋବାଇଲ ଓ ଇଣ୍ଟରନେଟ ସେବା ଉପଲବ୍ଧ ହେବ।

ବର୍ତ୍ତମାନ ସୁଦ୍ଧା ଏହି ସ୍ଥିତିରେ କେତେ ଉନ୍ନତି ଘଟିଛି ଅବା ଲକ୍ଷ୍ୟ ସଂପୂର୍ଣ୍ଣ ହୋଇସାରିଛି, ଏବାବଦ ତଥ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ଗାନ୍ଧିଜୀ ଏକଦା କହିଥିଲେ ଦେଶର ଆତ୍ମା ଗ୍ରାମାଞ୍ଚଳରେ ରହିଛି । ଇଣ୍ଟରନେଟର ବହୁ ବ୍ୟାପକତା ବିଶେଷ କରି ବିଭିନ୍ନ ଯୋଜନାର ସୁବିଧା ପାଇବାରେ ଏହି ସାଧନ ଗ୍ରାମାଞ୍ଚଳ ପାଇଁ ଆବଶ୍ୟକ ରଖେ। ମଝିରେ ମଝିରେ ଖବର ଆସେ ପିଲାଏ ନେଟ୍ ପାଉ ନ ଥିବାରୁ ଗଛ ଅବା ପାହାଡ଼ ଚଢ଼ି ଉଚ୍ଚାଜାଗାକୁ ଯାଉଛନ୍ତି। ସେତେବେଳେ ଏହି ସେବାର ଗୁରୁତ୍ୱକୁ ଯଦି ବୁଝାଯାଇପାରିବ ତେବେ ସମସ୍ୟାର ନିରାକରଣ ଦିଗରେ ଉଦ୍ୟମ ହୋଇପାରିବ ନିଶ୍ଚେ। ଯେବେ କ୍ୟାମ୍ପସରେ ମାଗଣା ଇଣ୍ଟରନେଟ ପାଇଥିବା ଶିକ୍ଷାର୍ଥୀ ଦୁର୍ଗମ ଅଂଚଳରେ ନେଟ୍ ସେବା ପାଇବାରୁ ବଂଚିତ ହେବ ତାହା ମନରେ କ୍ଷୋଭ ଜାତ ହେବ। ତେଣୁ ରାଜ୍ୟ ସରକାର ଏହି ଭିତ୍ତିଭୂମି ବାବଦରେ ସୁଦୃଢ଼ ହେବା ଓ ସ୍ୱଚ୍ଛତା ପରିପ୍ରକାଶ କରିବା ଆବଶ୍ୟକ।

ତୈଳ ରାଜତ୍ୱ

ବିନୋଦ

> **ଭାରତ ୪୦ରୁ ଅଧିକ ଦେଶରୁ ତୈଳ ଆମଦାନୀ କରୁଥିବାବେଳେ ଏହି ତୈଳରୁ ନିଜର ୮୦ ପ୍ରତିଶତ ଆବଶ୍ୟକତା ପୂରଣ କରିଥାଏ ଭାରତ। ତେଣୁ ଆଗାମୀ ଦିନରେ ଅନ୍ୟ ୪୦ ରାଷ୍ଟ୍ରରୁ ଯେପରି ଭାରତର ତୈଳ ଆମଦାନୀ ବନ୍ଦ କରାଯାଇପାରିବ ସେଥିଲାଗି ଆମେରିକା ଯୋଜନା କରିଛି। ଟ୍ରେଡ ଟାରିଫ ଧମକ ଆମେରିକା ଅର୍ଥନୀତି ଲାଗି ପାଲଟିଛି ଲାଭଦାୟକ ଅସ୍ତ୍ର। ଏହା ଜରିଆରେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ଆମେରିକା ନିଷ୍ପତ୍ତିକୁ ମାନିବାକୁ ବାଧ। ରୁଷିଆରୁ ଭାରତ ତୈଳ କ୍ରୟ କରିପାରିବ କି ନାହିଁ ତାହା ଭାରତ ନୁହେଁ, ବରଂ ଆମେରିକା ନିଷ୍ପତ୍ତି ନେବ।**

ଦିନକୁ ଦିନ ସାରା ବିଶ୍ୱରେ ତୈଳ ସଙ୍କଟ ଘନୀଭୂତ ହେଉଥିବାବେଳେ ଆସନ୍ତା ଦିନରେ ଯେ, ତୈଳ ଜରିଆରେ ସାରା ବିଶ୍ୱକୁ ନିୟନ୍ତ୍ରଣ କରାଯିବ ଏହା ବର୍ତ୍ତମାନ ସ୍ପଷ୍ଟ ହେବାରେ ଲାଗିଛି। ବହୁକୈନ୍ଦ୍ରିକ ବିଶ୍ୱ ବର୍ତ୍ତମାନ ଐକ୍ୟକୈନ୍ଦ୍ରିକ ହେବାରେ ଲାଗିଛି। ଅର୍ଥାତ ସାରା ବିଶ୍ୱରେ ଆମେରିକାର ଏକାଧିପତ୍ୟ ବଳବତ୍ତର ହୋଇଛି। ଡଲାରର ରାଜତ୍ୱ ସହଜରେ ରହିଛି ହେଲେ ଏବେ ତୈଳ ସମ୍ପଦ ଜରିଆରେ ବିଶ୍ୱର ଚାବି ନିଜ ହାତରେ ରଖିଛି ଆମେରିକା। ଏହାର ଅର୍ଥନୈତିକ ଭିତ୍ତି, ବୈଦେଶିକ ନୀତି ମୂଳତଃ ତୈଳ ସମ୍ପଦ ଆଧାରିତ ହୋଇଛି। ଏଥିପାଇଁ ଯେ କୌଣସି ପ୍ରକାର ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉନାହିଁ ଆମେରିକା। ବିଶ୍ୱର ସମସ୍ତ ଅନ୍ତର୍ଜାତୀୟ ପ୍ରତିଷ୍ଠାନ ନାମକୁ ମାତ୍ର ରହିଥିବା ସହ ଅନ୍ୟ ଦୁଇ ସୁପରପାୱାର ରୁଷିଆ ଓ ଚୀନ ସଖୀ କଣ୍ଢେଇ ସ୍ତରରେ ରହିଛନ୍ତି। ଏହାର ସୁଯୋଗ ନେଇ ଆମେରିକା ଯେ କୌଣସି ରାଷ୍ଟ୍ର ଉପରେ ଆକ୍ରମଣ କରିବା ସହ ନିଜର ପ୍ରତିରକ୍ଷା ଓ ତୈଳ ଅର୍ଥନୀତି ସ୍ୱାର୍ଥ ଲାଗି ସବୁକିଛି କରିବାକୁ ପ୍ରସ୍ତୁତ। ଆମେରିକା ଫୋକସରେ ଗୁଜରାଟ ଜାମନଗର ତୈଳବିଶୋଧନାଗାର। ଏଠାରେ ପ୍ରତିଷ୍ଠିତ ରିଲାଏନ୍ସ ଗ୍ରୁପର ବିଶ୍ୱରସ ସର୍ବବୃହତ ତୈଳ ବିଶୋଧନାଗାରକୁ ବର୍ତ୍ତମାନ ଆମେରିକା ପ୍ରାଧାନ୍ୟ ଦେଉଛି। ଭେନେଜୁଏଲାକୁ ଅଧିକାର କରିବା ପରେ ଏହାର ତୈଳସମ୍ପଦକୁ ଜାମନଗରରେ ବିଶୋଧନ କରିବା ଏବଂ ରୁଷିଆର ତୈଳ ରପ୍ତାନି ଉପରେ ବାଧା ସୃଷ୍ଟି କରିବା ଲାଗି ଆମେରିକା ଫୋକସରେ ଜାମନଗର। ଖାସ୍ ଏଥିଲାଗି ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ଭାରତ ଗସ୍ତ କରିଥିଲେ। ଏକ ଦେଶର ରାଷ୍ଟ୍ରମୁଖ୍ୟ ସାଧାରଣତ ଭାରତ ଆସିଲେ ଜାତୀୟ ରାଜଧାନୀ ଦିଲ୍ଲୀ ଆସିବାର ପରମ୍ପରା ରହିଛି ଏବଂ ରହିବା ଉଚିତ। ମାତ୍ର ରୁବିଓ ସିଧାସଳଖ ମୁମ୍ବାଇ ଯାଇ ସେଠାରୁ ରିଲାଏନ୍ସ ପରି ଏକ ଘରୋଇ କମ୍ପାନିର ପ୍ଲାଣ୍ଟ ଥିବା ଜାମନଗର ଗଲେ। ଆଶ୍ଚର୍ଯ୍ୟର କଥା ରୁବିଓଙ୍କ ସହ ଆଲୋଚନା ଲାଗି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଦିଲ୍ଲୀରୁ ମୁମ୍ବାଇ ଗଲେ। ଏହା ହିଁ ଭାରତର ପ୍ରକୃତ ସାମର୍ଥ୍ୟ! ଏହି ବିଶୋଧନାଗାରରେ ଦୈନିକ ୧.୪ ମିଲିୟନ ବ୍ୟାରେଲ ତୈଳ ବିଶୋଧିତ ହୋଇପାରିବା ସହ ପ୍ରାୟ ୨୧୬ ଗ୍ରେଡର ଅଶୋଧିତ ତୈଳ ବିଶୋଧନ କରାଯାଇଥାଏ। ଭେନେଜୁଆଲାର ତୈଳ ଭାରୀ ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହେଉଥିବା ସହ ଏହି ତୈଳରୁ ଅଧିକ ପରିମାଣର ଡିଜେଲ ଉତ୍ପାଦିତ ହେଉଥିବାରୁ ଏହି କମ୍ପ୍ଲେକ୍ସର ଗୁରୁତ୍ୱ ବୃଦ୍ଧି ପାଉଛି। ବିଶେଷ କରି ଜାମନଗର ପ୍ଲାଣ୍ଟ ଜରିଆରେ ବିଶ୍ୱର ତୈଳ ବଜାରକୁ ନିୟନ୍ତ୍ରଣ କରିବାକୁ ସମସ୍ତ ଯୋଜନା କରିଛି ଆମେରିକା। ଏହାଦ୍ୱାରା ଆମେରିକା ବିଶେଷ ଲାଭଭାନ ହେବା ସହ ଏହାର ଶକ୍ତି ନିରାପତ୍ତା ରହିପାରିବ। ଅପରପକ୍ଷେ ବିଶ୍ୱର ତୈଳ ଆବଶ୍ୟକତାକୁ ବି ଜାମନଗର ଜରିଆରେ ସହଜରେ ନିୟନ୍ତ୍ରଣ କରାଯାଇପାରିବ। ତୃତୀୟରେ ଆମେରିକାର ତୈଳ କମ୍ପାନି ଖୁବ୍ ଲାଭବାନ ହେବା ସହ ଆମେରିକାର ଅର୍ଥନୀତି ଲାଭ ପାଇବ। ନେହେରୁଙ୍କ ରାଜତ୍ୱ ସମୟରେ ଭାରତ ଓ ପୂର୍ବତନ ସୋଭିଏତ ରୁଷିଆ ମଧ୍ୟରେ ଯେଉଁ କ୍ଷୀରନୀର ସମ୍ପର୍କ ରହିଥିଲା ତାହା ବର୍ତ୍ତମାନ ନାହିଁ। ଯାହା ଅଛି ତାହା କେବଳ ଅର୍ଥନୈତିକ ସମ୍ପର୍କ। ଯଦି ଅମେରିକା ଚାପରେ ରୁଷିଆଠାରୁ ଭାରତ ତୈଳ କ୍ରୟ କମ୍ କରିବ ବା ଆଦୌ କ୍ରୟ କରିବ ନାହିଁ ତେବେ ଦୁଇ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧି ପାଇବ ଯାହା ଆମେରିକା ଚାହେଁ। ପୁଣି ଜାମନଗରରେ ବିଶ୍ୱର ସମସ୍ତ ପ୍ରକାର ଅଶୋଧିତ ତୈଳକୁ ବିଶୋଧନ କରିବାର କ୍ଷମତା ରହିଛି। ଏଠାରୁ ବି ବିମାନ ଇନ୍ଧନ ଉତ୍ପାଦିତ ହୋଇଥାଏ। ତେଣୁ ଆମେରିକା ସମୁଦାୟ ଭାରତକୁ ଯେତିକି ଗୁରୁତ୍ୱ ଦେଉନାହିଁ ତା'ଠାରୁ ଅଧିକ ଗୁରୁତ୍ୱ ଜାମନଗରକୁ ଦେଉଛି। ଏକ ଘରୋଇ କମ୍ପାନିର ସ୍ୱାର୍ଥ ଲାଗି ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକାର ବୈଦେଶିକ ନୀତି ଯେ ଅନୁସରିତ ହେଉଛି ଏହା ସ୍ପଷ୍ଟ। କେବଳ ଏତିକି ନୁହେଁ ରିଲାଏନ୍ସ ଗ୍ରୁପ ଆମେରିକାର ଟେକ୍ସାସରେ ରିଫାଇନେରୀ ପ୍ରତିଷ୍ଠା ସହ ବିଭିନ୍ନ କ୍ଲିନ ଏନର୍ଜି ପ୍ରକଳ୍ପ, ଡାଟା ସେଣ୍ଟର, ଡିଜିଟାଲ ଭିତ୍ତିଭୂମି ଆଦି କ୍ଷେତ୍ରରେ ବିପୁଳ ନିବେଶ ଲାଗି କ୍ଷେତ୍ର ପ୍ରସ୍ତୁତ କରିଛି। ତେଣୁ ଏକ ଘରୋଇ କମ୍ପାନି କିପରି ଦୁଇ ଦେଶ ପକ୍ଷରୁ ସ୍ୱାର୍ଥ ହାସଲ ଦିଗରେ ସଫଳ ହେଉଛି ତାହା ଲକ୍ଷ୍ୟ କରିବାର କଥା। ଆସନ୍ତା ଦିନରେ ଯେ ମୋବାଇଲ ସେବା ପରି ତୈଳ କ୍ଷେତ୍ରକୁ ଗୋଟିଏ କମ୍ପାନି ନିୟନ୍ତ୍ରଣ କରିବ ତାହା ଏବଠାରୁ ସ୍ପଷ୍ଟ ହେଲାଣି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅର୍ଥାତ ୧୯୪୪ ଜୁଲାଇରେ ବ୍ରିଟନ ଉଡସ୍ ଆର୍ଥିକ ରୂପରେଖ ଅନୁସାରେ ତଥା ୧୯୭୩ ପେଟ୍ରୋଡଲାର ବ୍ୟବସ୍ଥାର ସୁଯୋଗ ନେଇ ଆମେରିକାର ତୈଳ କମ୍ପାନି ଓ ଆର୍ଥିକ ପ୍ରତିଷ୍ଠାନ ବିଶ୍ୱରେ ବିଭିନ୍ନ ପ୍ରଣାଳୀ ମାଧ୍ୟମରେ ନିଜର ସ୍ୱାର୍ଥ ହାସଲ କରିବା ଦେଖାଯାଉଛି। ଏଥିଲାଗି କଟକଣା ଓ ଆକ୍ରମଣକୁ ମୁଖ୍ୟ ଅସ୍ତ୍ର କରାଯାଇଆସିଛି। ନିଜର ସ୍ୱାର୍ଥ ଲାଗି ଆମେରିକା ୧୭୭୬ରୁ ପ୍ରାୟ ୮୦ ଦେଶ ଉପରେ ଆକ୍ରମଣ କରିଛି। କେବଳ ୨୦୦୧ ପରଠାରୁ ୧୫ରୁ ଅଧିକ ଦେଶ ଉପରେ ଆକ୍ରମଣ କରିଛି।

ବିଶ୍ୱରେ ମୋଟ ଗଚ୍ଛିତ ତୈଳ ପରିମାଣ ହେଉଛି ୧.୮ ଟ୍ରିଲିୟନ ବ୍ୟାରେଲ। କେବଳ ଭେନେଜୁଏଲାରେ ରହିଛି ପ୍ରାୟ ୩୦୪ ବିଲିୟନ ବ୍ୟାରେଲ। ସାଉଦିଆରବରେ ୨୬୭, ଇରାନରେ ୨୦୯, କାନାଡାରେ ୧୭୦, ୟୁଏଇରେ ୧୧୩, କୁଏତରେ ୧୦୨, ରୁଷିଆରେ ୮୦ ବିଲିୟନ ବ୍ୟାରେଲ ତୈଳ ଗଚ୍ଛିତ ରହିଛି। ଏହି କାରଣରୁ ଭେନେଜୁଏଲାକୁ ନିଜ କବଜାକୁ ନେଇଥିଲା ଆମେରିକା। ୟୁଏଇ, ସାଉଦିଆରବ ସହ ସମ୍ପର୍କ ଭଲ ରଖିଛି। ଇରାନକୁ ନିଜ କବଳକୁ ନେବା ଉଦ୍ୟମ ଫସର ଫାଟିଛି। ଏସବୁ ଦୃଷ୍ଟିରୁ ଆମେରିକା ନିକଟରେ ବିଶ୍ୱର ୫୦ ପ୍ରତିଶତ ତୈଳ ସମ୍ପଦ ଯେ ମହଜୁଦ ରହିଛି ତାହା ସ୍ପଷ୍ଟ। ବଡ଼ କଥା ହେଉଛି ଇରାନ ଉପରେ ୨୮ ଫେବୃଆରୀ ୨୦୨୬ରେ ଆମେରିକାର ହମଲା ପରଠାରୁ ନଭେମ୍ବର ମଧ୍ୟରେ ଆମେରିକୀୟ ତୈଳ କମ୍ପାନି ଲାଭ କରିଛନ୍ତି ୧୩୦ ବିଲିୟନ ଡଲାର!

ଭେନେଜୁଏଲାରେ ସାଧାରଣତଃ ରାଜ୍ କରିଥାନ୍ତି ଏକ୍ସନମୋବିଲ ଓ କୋନୋକୋଫିଲିପ୍ସ। ଏହି ଦୁଇ କମ୍ପାନି ବିଶ୍ୱର ଦୁଇ ବୃହତ ତୈଳ ଓ ଗ୍ୟାସ କମ୍ପାନି। ସେମାନଙ୍କ ସାମଗ୍ରିକ ସ୍ୱାର୍ଥ ଲାଗି ତତକାଳୀନ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ବେଆଇନ ଗାଦିଚ୍ୟୁତ କରାଇଥିଲେ ଟ୍ରମ୍ପ। ଦୁଇ ସୁପରପାୱାର ଚୀନ ଓ ରୁଷିଆ, ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ, ଜାତିସଂଘ ସାଧାରଣ ଆସେମ୍ବ୍ଲି, ଜାତିସଂଘ ନିରାପତ୍ତା ପରିଷଦ ସମେତ ସାରା ବିଶ୍ୱ ଚୁପ୍ ରହିଲା। ସେହିପରି ଅତ୍ୟତମ ବୃହତ ତୈଳ ଓ ଗ୍ୟାସ କମ୍ପାନି ସେଭରନ କର୍ପୋରେସନ ବି ଭେନେଜୁଏଲାରେ ରାଜ୍ କଲା। ମାଦୁରୋ ପ୍ରଶାସନ ଗାଦିଚ୍ୟୁତ ହେବା ପରେ ନୂଆ ସଖୀ କଣ୍ଢେଇ ସରକାର ସହ ତୈଳ ଓ ଗ୍ୟାସ କ୍ଷେତ୍ର ଲାଗି ଆମେରିକା କରିଛି ଆଶାତୀତ ୧୦୦ ବର୍ଷିଆ ରାଜିନାମା। ରାଜିନାମା ବଳରେ ଭେନେଜୁଏଲାର ୧୭ଟି ପ୍ରମୁଖ ତୈଳକ୍ଷେତ୍ରକୁ ନିଜ ନିୟନ୍ତ୍ରଣକୁ ନେଇଛି ଆମେରିକା। ବିଶ୍ୱରେ ଯେତେ ତୈଳ ସମ୍ପଦ ରହିଛି ତାହା ଯଦି ସମ୍ପୂର୍ଣ୍ଣ ଭାବେ ଆମେରିକୀୟ କମ୍ପାନିଗୁଡ଼ିକ ହାତରୁ ମୁକ୍ତ ଥାଆନ୍ତା ତେବେ ଭାରତରେ ତୈଳ ଦର ଅଧା ହୋଇଥାନ୍ତା! ବିଶେଷ କରି ତୈଳକୁ ଏକ ଭୂରାଜନୈତିକ ହତିଆର ଭାବେ ପରିଣତ କରିଛି ଆମେରିକା। ଭାରତ ୪୦ରୁ ଅଧିକ ଦେଶରୁ ତୈଳ ଆମଦାନୀ କରୁଥିବାବେଳେ ଏହି ତୈଳରୁ ନିଜର ୮୦ ପ୍ରତିଶତ ଆବଶ୍ୟକତା ପୂରଣ କରିଥାଏ ଭାରତ। ତେଣୁ ଆଗାମୀ ଦିନରେ ଅନ୍ୟ ୪୦ ରାଷ୍ଟ୍ରରୁ ଯେପରି ଭାରତର ତୈଳ ଆମଦାନୀ ବନ୍ଦ କରାଯାଇପାରିବ ସେଥିଲାଗି ଆମେରିକା ଯୋଜନା କରିଛି। ଟ୍ରେଡ ଟାରିଫ ଧମକ ଆମେରିକା ଅର୍ଥନୀତି ଲାଗି ପାଲଟିଛି ଲାଭଦାୟକ ଅସ୍ତ୍ର। ଏହା ଜରିଆରେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ଆମେରିକା ନିଷ୍ପତ୍ତିକୁ ମାନିବାକୁ ବାଧ। ରୁଷିଆରୁ ଭାରତ ତୈଳ କ୍ରୟ କରିପାରିବ କି ନାହିଁ ତାହା ଭାରତ ନୁହେଁ, ବରଂ ଆମେରିକା ନିଷ୍ପତ୍ତି ନେବ। ଭାରତ ଏହା ମାନିବାକୁ ବାଧ। ଏହି ନିର୍ଦ୍ଦେଶକୁ ବି ଭାରତ ସିଧାସଳଖ ବିରୋଧ କରିବା ଦେଖାଯାଉନାହିଁ। ଇରାନ ଉପରେ ଆମେରିକାର ହମଲାକୁ ବି ଭାରତ ସିଧାସଳଖ ନିନ୍ଦା କଲାନାହିଁ କି ଆମେରିକାକୁ ବିରୋଧ କଲାନାହିଁ।

ଭୁବନେଶ୍ୱର ,

ମୋ- ୯୪୩୭୧୬୪୭୬୪

ଭାରତୀୟ ଇସଲାମିକ ବିଦ୍ୱାନଙ୍କୁ ବିଶ୍ୱ ମାନ୍ୟତାର ଆବଶ୍ୟକତା ନାହିଁ

ଇନସା ୱାରସୀ

ଭାରତରେ ଇସଲାମିକ ବିଦ୍ୱାନଙ୍କର କେବେ ଅଭାବ ରହି ନାହିଁ । ଉତ୍ତର ପ୍ରଦେଶର ମାଦ୍ରାସାଗୁଡ଼ିକରୁ ଆରମ୍ଭ କରି ହାଇଦ୍ରାବାଦର ପ୍ରାଚୀନ ପାଠାଗାର ଓ ଗବେଷଣା କେନ୍ଦ୍ର ପର୍ଯ୍ୟନ୍ତ, ଭାରତରେ ଇସଲାମିକ ଶିକ୍ଷା, ଗବେଷଣା ଓ ଧାର୍ମିକ ପାଣ୍ଡିତ୍ୟର ଏକ ସମୃଦ୍ଧ ଏବଂ ଗୌରବମୟ ପରମ୍ପରା ରହି ଆସିଛି । ପିଢ଼ି ପରେ ପିଢ଼ି ଭାରତୀୟ ଇସଲାମିକ ବିଦ୍ୱାନମାନେ କୁରାନ ଓ ହାଦିସର ଗଭୀର ଅଧ୍ୟୟନ, ମୂଲ୍ୟବାନ ଗ୍ରନ୍ଥ ରଚନା ଏବଂ ଜ୍ଞାନର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି । ସେମାନଙ୍କର ଅନେକ ଗବେଷଣା ଓ ରଚନା କେବଳ ଭାରତରେ ନୁହେଁ, ବରଂ ଆରବ ଜଗତ ସମେତ ବିଶ୍ୱର ବିଭିନ୍ନ ଦେଶରେ ମଧ୍ୟ ଆଦୃତ ଓ ଅଧ୍ୟୟନର ବିଷୟ ହୋଇଛି । ଏହା ସତ୍ତ୍ୱେ ଏକ ମୌଳିକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯେତେବେଳେ ଆମ ପାଖରେ ନିଜସ୍ୱ ଜ୍ଞାନ, ପାଣ୍ଡିତ୍ୟ ଓ ଐତିହାସିକ ଅବଦାନର ଏତେ ଦୃଢ଼ ଭିତ୍ତି ରହିଛି, ସେତେବେଳେ ଇସଲାମିକ ବିଦ୍ୱତାର ସ୍ୱୀକୃତି ଓ ପ୍ରାମାଣିକତା ପାଇଁ ଆମକୁ ବାରମ୍ବାର ବିଦେଶୀ ମଞ୍ଚ କିମ୍ବା ସଂସ୍ଥାଗୁଡ଼ିକ ଆଡ଼କୁ କାହିଁକି ଚାହିଁବାକୁ ପଡୁଛି ।

ମକ୍କାରେ ନିଜର ପାଣ୍ଡିତ୍ୟ ଓ ଶିକ୍ଷାଦାନ ପାଇଁ ପରିଚିତ ଶେଖ୍ ୱାସିଉଲ୍ଲାହ ଆବାସୀଙ୍କ ଉଦାହରଣ ମଧ୍ୟ ମନେପକାଇଦିଏ ଯେ ଭାରତୀୟ ଇସଲାମିକ ବିଦ୍ୱାନମାନେ ନିଜ ଜନ୍ମଭୂମିର ସୀମା ଅତିକ୍ରମ କରି ବିଶ୍ୱରେ ନିଜର ପରିଚୟ ଓ ସମ୍ମାନ ଅର୍ଜନ କରିଛନ୍ତି । ଏହି ଉଦାହରଣଗୁଡ଼ିକର ଗୁରୁତ୍ୱ ଏଥିରେ ନିହିତ ଯେ, ସେମାନେ ଏହି ଧାରଣାକୁ ଦୃଢ଼ ଭାବେ ଖଣ୍ଡନ କରନ୍ତି ଯେ ଧାର୍ମିକ ପାଣ୍ଡିତ୍ୟର ମୂଲ୍ୟ ଓ ମର୍ଯ୍ୟାଦା କେବଳ କୌଣସି ବିଦେଶୀ ଅନୁଷ୍ଠାନ କିମ୍ବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ କରିବା ଦ୍ୱାରା ବୃଦ୍ଧି ପାଏ । ଜ୍ଞାନର କୌଣସି ଜାତୀୟ ସୀମା ନାହିଁ, କିନ୍ତୁ ଜଣେ ବିଦ୍ୱାନଙ୍କ ନିଜସ୍ୱ ଶୈକ୍ଷିକ ପରମ୍ପରା ଓ ଐତିହ୍ୟକୁ ଅଣଦେଖା କରିବା ମଧ୍ୟ ଉଚିତ ନୁହେଁ । ଭାରତୀୟ ବିଦ୍ୱାନମାନେ ପିଢ଼ି ପରେ ପିଢ଼ି ହାଦିସର ସଂରକ୍ଷଣ, ଅଧ୍ୟୟନ, ପ୍ରସାରଣ ଓ ପ୍ରଚାରରେ ଅମୂଲ୍ୟ ଅବଦାନ ରଖିଆସିଛନ୍ତି । ଦେଶର ବିଭିନ୍ନ ମଦ୍ରାସା, ପାଠାଗାର ଓ ପାଣ୍ଡୁଲିପି ସଂଗ୍ରହାଳୟରେ ଏପରି ଅସଂଖ୍ୟ ଧାର୍ମିକ ଗ୍ରନ୍ଥ ଓ ଦୁର୍ଲଭ ପାଣ୍ଡୁଲିପି ସଂରକ୍ଷିତ ରହିଛି, ଯାହା ବିଦ୍ୱାନ ମହଲରୁ ଆରମ୍ଭ କରି ସାଧାରଣ ସମାଜ ପର୍ଯ୍ୟନ୍ତ ଅଧିକ ଧ୍ୟାନ ଓ ଅଧ୍ୟୟନର ଦାବି ରଖେ । ଏହି ସଂଗ୍ରହଗୁଡ଼ିକ କେବଳ ଅତୀତର ସ୍ମୃତି ବା ନିଦର୍ଶନ ନୁହେଁ, ବରଂ ଆମର ପୂର୍ବପୁରୁଷ ବିଦ୍ୱାନମାନଙ୍କ ଗଭୀର ଅଧ୍ୟୟନ, ଗବେଷଣା ଓ ବୌଦ୍ଧିକ ସାଧନାର ଜୀବନ୍ତ ଦଲିଲ । ଏହା ଆମକୁ ସ୍ମରଣ କରାଇଦିଏ ଯେ ଇସଲାମିକ ଶିକ୍ଷା ଓ ଜ୍ଞାନଚର୍ଚ୍ଚା କ୍ଷେତ୍ରରେ ଭାରତର ଅବଦାନ ଏକ ସୁଦୃଢ଼ ଐତିହାସିକ ବାସ୍ତବତା, ଯାହାକୁ ପ୍ରତ୍ୟେକ ଥର କୌଣସି ଭାରତୀୟ ବିଦ୍ୱାନ ବିଦେଶରେ ସ୍ୱୀକୃତି ଅର୍ଜନ କଲେ ନୂଆ କରି ପ୍ରମାଣ କରିବାର ଆବଶ୍ୟକତା ନାହିଁ । ଏହି ଅବଦାନ ଆମ ଇତିହାସ, ଆମ ପରମ୍ପରା ଓ ଆମର ବୌଦ୍ଧିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଂଶ । ତେଣୁ ମୂଳ ପ୍ରସଙ୍ଗ ମଦିନା କିମ୍ବା ଅନ୍ୟ କୌଣସି ସ୍ଥାନରେ ଜଣେ ପାକିସ୍ତାନୀ ବିଦ୍ୱାନଙ୍କ ସହ ସାକ୍ଷାତ କରିବା ନୁହେଁ । ପ୍ରକୃତ ଚିନ୍ତାର ବିଷୟ ହେଉଛି ସେହି ମାନସିକତା, ଯାହା କେତେକ ସମୟରେ ବିଦେଶୀ ଧାର୍ମିକ ବ୍ୟକ୍ତିଙ୍କୁ ଅତ୍ୟଧିକ ଗୁରୁତ୍ୱ ଓ ଉଚ୍ଚ ମର୍ଯ୍ୟାଦା ପ୍ରଦାନ କରିଥାଏ, କିନ୍ତୁ ଭାରତର ନିଜସ୍ୱ ଶିକ୍ଷାନୁଷ୍ଠାନ ଓ ବୌଦ୍ଧିକ ପରମ୍ପରାରୁ ଉଭା ହୋଇଥିବା ବିଦ୍ୱାନମାନଙ୍କ ଅବଦାନକୁ ଅଣଦେଖା କରିଥାଏ । ଯଦିଓ ଏପରି ମାନସିକତା ଉଗ୍ରବାଦ କିମ୍ବା ଅବିଶ୍ୱାସକୁ ଜନ୍ମ ଦେଇନଥାଏ, ଏହାର ନକାରାତ୍ମକ ପରିଣାମ ସେତେବେଳେ ସ୍ପଷ୍ଟ ହୁଏ ଯେତେବେଳେ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତ୍ୟାଖ୍ୟାନ କରେ କିମ୍ବା ରାଜନୈତିକ ଓ ଧାର୍ମିକ ଧ୍ରୁବୀକରଣକୁ ପ୍ରୋତ୍ସାହିତ କରେ । ଧାର୍ମିକ ପାଣ୍ଡିତ୍ୟର ପ୍ରକୃତ ମାପଦଣ୍ଡ ଭୌଗୋଳିକ ପରିଚୟ ବା ବାହ୍ୟ ସ୍ୱୀକୃତି ନୁହେଁ, ବରଂ ଜ୍ଞାନର ଗଭୀରତା, ଚିନ୍ତାର ଉଦାରତା ଓ ସମାଜ ପ୍ରତି ତାହାର ସକାରାତ୍ମକ ଅବଦାନ ହେବା ଉଚିତ । ଭାରତ ଏକ ସାମ୍ବିଧାନିକ ଗଣତନ୍ତ୍ର, ଯେଉଁଠି ନାଗରିକତାର ଆଧାର ଧର୍ମ ନୁହେଁ । ଏଠି ଧର୍ମ, ଜାତି କିମ୍ବା ବିଶ୍ୱାସ ନିର୍ବିଶେଷରେ ପ୍ରତ୍ୟେକ ନାଗରିକ ସମାନ ସାମ୍ବିଧାନିକ ଅଧିକାର ଉପଭୋଗ କରିଥାନ୍ତି । ଯଦି ଆମ ସୀମା ବାହାରେ କୌଣସି ରାଜନୈତିକ ବିଚାରଧାରା ଧାର୍ମିକ ପରିଚୟକୁ ସାମ୍ବିଧାନିକ ଦାୟିତ୍ୱ ଓ ଜାତୀୟ ନାଗରିକତା ଉପରେ ପ୍ରାଧାନ୍ୟ ଦେବାକୁ ଶିକ୍ଷା ଦିଏ, ତେବେ ତାହା ଦେଶର ସାମୂହିକ ନାଗରିକତାବୋଧ ଓ ସାମାଜିକ ଏକତାକୁ ଦୁର୍ବଳ କରିବାର ଆଶଙ୍କା ରହିଛି ।

ଜଣେ ଭାରତୀୟ ବିଦ୍ୱାନଙ୍କ ପ୍ରତିଷ୍ଠା ତାଙ୍କ ଜ୍ଞାନ, ନୈତିକତା ଏବଂ ନିଜ କ୍ଷେତ୍ରରେ ଦେଇଥିବା ଅବଦାନ ଉପରେ ଆଧାରିତ ହେବା ଉଚିତ୍ । ସେ ବିଦେଶରେ କାହା ସହ ଭେଟ କରୁଛନ୍ତି କିମ୍ବା କାହାର ସ୍ୱୀକୃତି ପାଉଛନ୍ତି ତାହା ଉପରେ ନୁହେଁ । ଭାରତ ଏପରି ଅନେକ ବିଦ୍ୱାନ ସୃଷ୍ଟି କରିଛି ଯେଉଁମାନଙ୍କ କାର୍ଯ୍ୟ ଦେଶର ସୀମା ଅତିକ୍ରମ କରି ଆନ୍ତର୍ଜାତୀୟ ସ୍ତରରେ ସମ୍ମାନ ଲାଭ କରିଛି । ଆମେ ବ୍ୟାପକ ମୁସଲିମ ସମାଜ ସହିତ ଜ୍ଞାନର ଆଦାନ ପ୍ରଦାନକୁ ସ୍ୱାଗତ କରିବା ଉଚିତ । କିନ୍ତୁ ଆମକୁ ଆମର ନିଜସ୍ୱ ଶକ୍ତିର ସ୍ପଷ୍ଟ ବୁଝାମଣା ସହିତ ଏହା କରିବା ଉଚିତ୍ ।

ଜାମିଆ ମିଲିଆ ଇସଲାମିଆ

କୋଟିଆ ସୀମା ବିବାଦର ରାଜନୈତିକ ପକ୍ଷ !

ଅସିତ ମହାନ୍ତି

> **କୋଟିଆ ଆଜି ଓଡ଼ିଶା ପାଇଁ ଏକ ଚେତାବନୀ ଏବଂ ସୁଯୋଗ ଉଭୟକୁ ପ୍ରତିନିଧିତ୍ୱ କରେ। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଅବହେଳା କରିବାର ପରିଣାମ ପୂର୍ବରୁ ଦୃଶ୍ୟମାନ ହେଉଛି ବୋଲି ଏକ ଚେତାବନୀ। ଏକ ସୁଯୋଗ କାରଣ ଜନସାଧାରଣଙ୍କ ବିଶ୍ୱାସ ଜିତି ପରିସ୍ଥିତିକୁ ପରିବର୍ତ୍ତନ କରାଯାଇପାରିବ। ରାଜନୈତିକ ଅଭିଯୋଗ, ପୋଲିସ କାର୍ଯ୍ୟାନୁଷ୍ଠାନ ଏବଂ ଆଇନଗତ ଲଢ଼େଇ ଜାରି ରହିଛି, କିନ୍ତୁ ଏହି ବିବାଦର ଚୂଡ଼ାନ୍ତ ସମାଧାନ କେବଳ ଲୋକଙ୍କ ହୃଦୟରେ ପହଞ୍ଚିବା ଦ୍ୱାରା ହିଁ ସମ୍ଭବ। ଏହା ହେଉଛି ସେହି ପଥ ଯାହା କୋଟିଆକୁ ଦ୍ୱନ୍ଦ୍ୱର ଭୂମିରୁ ବିକାଶ ଏବଂ ବିଶ୍ୱାସର ଭୂମିରେ ପରିଣତ କରିପାରିବ।**

ଓଡ଼ିଶାର କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳ ହଠାତ୍ ବିବାଦର କେନ୍ଦ୍ରବିନ୍ଦୁ ହୋଇନାହିଁ। ଏହି ପ୍ରସଙ୍ଗ ଦଶନ୍ଧି ପୁରୁଣା ଏବଂ ବିଭିନ୍ନ ଘଟଣା ମାଧ୍ୟମରେ ସମୟ ସମୟରେ ସାମ୍ନାକୁ ଆସିଛି। ଆନ୍ଧ୍ର ପ୍ରଦେଶର ସ୍ଥାନୀୟ ସଂସ୍ଥା ନିର୍ବାଚନରେ କୋଟିଆ ଅଞ୍ଚଳର ଅନେକ ଲୋକଙ୍କ ଭୋଟ ଦେବାର ସାମ୍ପ୍ରତିକ ଘଟଣା ଏହି ବିବାଦକୁ ପୁଣି ଥରେ ଜାତୀୟ ଆଲୋଚନାରେ ଆଣିଛି। ଏହା କେବଳ ଏକ ନିର୍ବାଚନୀ ଘଟଣା ନୁହେଁ, ବରଂ ବର୍ଷ ବର୍ଷ ଧରି ସୀମାବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ପରିଚୟ, ବିକାଶ ଏବଂ ପ୍ରଶାସନିକ ଅବହେଳାକୁ ଘାରିଥିବା ଗଭୀର ସଙ୍କଟର ପ୍ରତିଫଳନ।

କୋଟିଆ ବିବାଦ ମୂଳତଃ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମା ସୀମା ନିର୍ଦ୍ଧାରଣ ସହିତ ଜଡିତ। ଉଭୟ ରାଜ୍ୟ ପ୍ରାୟ ୨୧ ଟି ରାଜସ୍ୱ ଗ୍ରାମ ଦାବି କରନ୍ତି। ଓଡ଼ିଶା ଏହି ଗ୍ରାମଗୁଡ଼ିକୁ ଐତିହାସିକ ଏବଂ ପ୍ରଶାସନିକ ଭାବରେ ଏହାର କ୍ଷେତ୍ରାଧିକାର ଅଧୀନରେ ଥିବା ଦାବି କରେ, ଯେତେବେଳେ ଆନ୍ଧ୍ର ପ୍ରଦେଶ ମଧ୍ୟ ସେଗୁଡ଼ିକୁ ଏହାର କ୍ଷେତ୍ରାଧିକାରର ଅଂଶ ବୋଲି ଦାବି କରେ। ଏହି ମାମଲା ବର୍ତ୍ତମାନ ନ୍ୟାୟିକ ପ୍ରକ୍ରିୟା ଅଧୀନରେ ଅଛି, ଏବଂ ବିବାଦ ବର୍ଷ ବର୍ଷ ଧରି ସୁପ୍ରିମକୋର୍ଟରେ ପହଞ୍ଚିଛି। ତଥାପି, ଆଇନଗତ ଲଢ଼େଇ ସତ୍ତ୍ୱେ, ଭୂମି ପରିସ୍ଥିତିରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି କାହିଁକି କୋଟିଆର ଲୋକମାନେ ଆନ୍ଧ୍ରପ୍ରଦେଶ ନିର୍ବାଚନରେ ଭୋଟ ଦେବା ଆରମ୍ଭ କରିଛନ୍ତି? ଏହା କେବଳ ରାଜନୈତିକ କାରଣ ଯୋଗୁଁ ନୁହେଁ। ସୀମାନ୍ତ ଅଞ୍ଚଳରେ ବାସ କରୁଥିବା ଲୋକମାନେ ମୁଖ୍ୟତଃ ସେମାନଙ୍କର ଭାଷା, ସଂସ୍କୃତି କିମ୍ବା ରାଜନୈତିକ ପରିଚୟ ପାଇଁ ଚିନ୍ତିତ ନୁହନ୍ତି, ବରଂ ସେମାନଙ୍କର ଦୈନନ୍ଦିନ ଜୀବନ ପାଇଁ ଚିନ୍ତିତ। ସେମାନେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ରାସନ, ପେନସନ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେଉଥିବା ସରକାରଙ୍କ ଆଡ଼କୁ ଆକର୍ଷିତ ହୁଅନ୍ତି। କୋଟିଆ ଅଞ୍ଚଳର ଅନେକ ଗ୍ରାମବାସୀ ଦୀର୍ଘ ଦିନ ଧରି ଓଡ଼ିଶା ସରକାରଙ୍କଠାରୁ ଆଶା କରାଯାଇଥିବା ସେବା ପାଇ ନଥିବା ଅଭିଯୋଗ କରିଆସୁଛନ୍ତି। ଅନ୍ୟପକ୍ଷରେ, ବିଭିନ୍ନ ଆନ୍ଧ୍ରପ୍ରଦେଶ ସରକାର ଏହି ଅଞ୍ଚଳଗୁଡ଼ିକରେ ପହଞ୍ଚ ବୃଦ୍ଧି କରିବାକୁ ନିରନ୍ତର ଚେଷ୍ଟା କରିଛନ୍ତି। ଗ୍ରାମଗୁଡ଼ିକୁ ରାସ୍ତା ଯୋଗାଇବା, ବିଭିନ୍ନ କଲ୍ୟାଣକାରୀ ଯୋଜନା ଅଧୀନରେ ସୁବିଧା ପ୍ରଦାନ କରିବା, ପଞ୍ଚାୟତ ପ୍ରତିନିଧିମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ଏବଂ ସ୍ଥାନୀୟ ସ୍ତରରେ ପ୍ରଶାସନିକ ଉପସ୍ଥିତି ସ୍ଥାପନ କରିବା ଆନ୍ଧ୍ରପ୍ରଦେଶର ରଣନୀତିର ଅଂଶ ହୋଇଛି। ଫଳସ୍ୱରୂପ, କିଛି ଗାଁର ଲୋକମାନେ ଧୀରେ ଧୀରେ ଆନ୍ଧ୍ର ପ୍ରଶାସନ ସହିତ ଅଧିକ ଜଡିତ ହୋଇଛନ୍ତି। ଯେକୌଣସି ସୀମା ବିବାଦରେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ସେନା କିମ୍ବା ପୋଲିସ ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ। ଯଦି କୌଣସି ଅଞ୍ଚଳର ଲୋକମାନେ ଅନ୍ୟ ରାଜ୍ୟ ସହିତ ନିକଟତର ହେବାକୁ ଆରମ୍ଭ କରନ୍ତି, ତେବେ ଏହା ରାଜ୍ୟ ପାଇଁ ଏକ ଗମ୍ଭୀର ଚେତାବନୀ ସୃଷ୍ଟି କରେ। ଏହି ଚେତାବନୀ କୋଟିଆରେ ସ୍ପଷ୍ଟ। ଏହି ବିବାଦ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ କେନ୍ଦ୍ର ସରକାର ଏବଂ ଦୁଇ ରାଜ୍ୟର ରାଜନୀତି ବିଷୟରେ ଅନେକ ପ୍ରଶ୍ନ ଉଠାଯାଉଛି। ଆଜି, ଆନ୍ଧ୍ର ପ୍ରଦେଶ ସରକାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଅଂଶ ଏବଂ କେନ୍ଦ୍ର ସରକାରଙ୍କୁ ସମର୍ଥନ କରୁଛି। ଫଳସ୍ୱରୂପ, ସାଧାରଣ ଲୋକଙ୍କ ମନରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ: ରାଜନୈତିକ ସହଯୋଗ ଏବଂ ସମନ୍ୱୟ ଉପସ୍ଥିତି ସତ୍ତ୍ୱେ, ସୀମା ବିବାଦର ସ୍ଥାୟୀ ସମାଧାନ କାହିଁକି ଏପର୍ଯ୍ୟନ୍ତ ଅଭାବ ରହିଛି?

ଏହି ପ୍ରଶ୍ନର ଉତ୍ତର ଏତେ ସରଳ ନୁହେଁ। ଭାରତରେ, ସୀମା ବିବାଦ କେବଳ ପ୍ରଶାସନିକ ପ୍ରସଙ୍ଗ ନୁହେଁ ବରଂ ରାଜନୈତିକ, ଆଇନଗତ ଏବଂ ସାମ୍ବିଧାନିକ ପ୍ରସଙ୍ଗ ମଧ୍ୟ। ଯଦି ଏକ ରାଜ୍ୟ ନିଜ ଦାବିରୁ ଓହରିଯାଏ, ତେବେ ତାହା ରାଜନୈତିକ କ୍ଷତି ସହିପାରେ। ତେଣୁ, ସରକାରଗୁଡ଼ିକ ପ୍ରାୟତଃ ସାର୍ବଜନୀନ ଭାବରେ ସେମାନଙ୍କର ଦାବି ବଜାୟ ରଖନ୍ତି, ଯେତେବେଳେ ମାମଲା ବର୍ଷ ବର୍ଷ ଧରି କୋର୍ଟରେ ଲମ୍ବିଥାଏ। ଏକ ରାଜନୈତିକ ମେଣ୍ଟର ଅର୍ଥ ନୁହେଁ ଯେ ରାଜ୍ୟଗୁଡ଼ିକ ସେମାନଙ୍କର ଆଞ୍ଚଳିକ ଦାବି ପରିତ୍ୟାଗ କରିବେ। କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଯଦି ରାଜନୈତିକ ଇଚ୍ଛାଶକ୍ତି ଦୃଢ଼ ହୁଏ, ତେବେ ଆଲୋଚନା ଏବଂ ପ୍ରଶାସନିକ ସହଯୋଗର ପଥ ମିଳିପାରିବ। ଦୁର୍ଭାଗ୍ୟବଶତଃ, କୋଟିଆ ମାମଲାରେ ଏହା ଘଟୁଥିବା ପରି ମନେ ହେଉନାହିଁ। ଉଭୟ ରାଜ୍ୟ ସମୟ ସମୟରେ ଦାବି କରନ୍ତି, ଘୋଷଣା କରନ୍ତି ଏବଂ ନୂତନ ଯୋଜନା ବିଷୟରେ କଥା ହୁଅନ୍ତି, କିନ୍ତୁ ଅନ୍ତର୍ନିହିତ ସମସ୍ୟା ରହିଥାଏ।

ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠେ: କୋଟିଆର ବାହାନାରେ କ'ଣ କୌଣସି ବୃହତ ରାଜନୈତିକ ରଣନୀତି କରାଯାଉଛି? ଏହି ପ୍ରଶ୍ନର ଉତ୍ତର ତଥ୍ୟ ଉପରେ ଆଧାର କରି ଦେବାକୁ ପଡିବ। ଏହା କହିବା କଷ୍ଟକର ଯେ କୌଣସି ଗୁପ୍ତ ରାଜନୈତିକ ଷଡ଼ଯନ୍ତ୍ର ଚାଲିଛି କି ନାହିଁ, କିନ୍ତୁ ଏହା ସ୍ପଷ୍ଟ ଯେ ସୀମାନ୍ତରେ ପ୍ରଭାବ ପାଇଁ ଏକ ପ୍ରତିଯୋଗିତା ଚାଲିଛି। ଆନ୍ଧ୍ର ପ୍ରଦେଶ ନିରନ୍ତର ଭାବରେ ଏହାର ପ୍ରଶାସନିକ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଛି, ଯେତେବେଳେ ଓଡ଼ିଶା ତା'ର ସାମ୍ବିଧାନିକ ସ୍ଥିତି ବଜାୟ ରଖିବାକୁ ଚେଷ୍ଟା କରୁଛି। ଏହି ଦ୍ୱନ୍ଦ୍ୱରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଗାଁର ଲୋକମାନେ।

ଯଦି କୌଣସି ଅଞ୍ଚଳର ଲୋକମାନେ ଅନ୍ୟ ରାଜ୍ୟର ନିର୍ବାଚନରେ ଅଂଶଗ୍ରହଣ କରିବା, ଏହାର ଯୋଜନାକୁ ଗ୍ରହଣ କରିବା ଏବଂ ସେହି ରାଜ୍ୟ ସହିତ ଅଧିକ ଜଡିତ ଅନୁଭବ କରିବା ଆରମ୍ଭ କରନ୍ତି, ତେବେ ଏହା ଆଉ କେବଳ ସୀମା ବିବାଦ ହୋଇ ରହିନଥାଏ। ଏହା ରାଜ୍ୟର ବିକାଶ ମଡେଲ ଏବଂ ପ୍ରଶାସନିକ ପ୍ରଭାବଶାଳୀତାର ଏକ ପରୀକ୍ଷା ହୋଇଯାଏ। ଓଡିଶା ପାଇଁ, ଏହା ଗମ୍ଭୀର ଆତ୍ମନିରୀକ୍ଷଣର ବିଷୟ। ପ୍ରଶ୍ନ ଏହା ନୁହେଁ ଯେ ଲୋକଙ୍କୁ ଭୋଟ ଦେବାରୁ କିଏ ବାଧା ଦେଇଥିଲା କିମ୍ବା ଦେଇନଥିଲା। ପୋଲିସ ନିୟୋଜିତ ହୋଇଥିବା ଏବଂ ସୀମା ପାର କରିଥିବା ଲୋକଙ୍କ ପାଇଁ ତୁରନ୍ତ ପ୍ରଶାସନିକ ପ୍ରଶ୍ନ ହୋଇପାରେ। କିନ୍ତୁ ମୌଳିକ ପ୍ରଶ୍ନ ହେଉଛି: ଏହି ପରିସ୍ଥିତି କାହିଁକି ସୃଷ୍ଟି ହେଲା? ଯଦି ଲୋକମାନେ ସନ୍ତୁଷ୍ଟ ହୋଇଥାନ୍ତେ, ଯଦି ସେମାନେ ପର୍ଯ୍ୟାପ୍ତ ସରକାରୀ ସେବା ପାଇଥାନ୍ତେ, ଯଦି ସେମାନେ ଓଡ଼ିଶାର ବିକାଶ ପ୍ରକ୍ରିୟାର ଏକ ଅଂଶ ବୋଲି ଅନୁଭବ କରିଥାନ୍ତେ, ତେବେ ହୁଏତ ଏତେ ସଂଖ୍ୟାରେ ଏପରି ଘଟଣା ଘଟି ନଥାନ୍ତା।

ସୀମା ସୁରକ୍ଷା କେବଳ ସୀମା ନିର୍ଦ୍ଧାରଣ ନୁହେଁ ବରଂ ସୀମାନ୍ତ ଅଞ୍ଚଳର ସାମଗ୍ରିକ ବିକାଶ ମଧ୍ୟ ବୁଝାଏ। ଏକ ସମାଧାନ ବିଷୟରେ ବିଚାର କରି, ଦୁଇ ରାଜ୍ୟକୁ ପ୍ରଥମେ ରାଜନୈତିକ ଭାଷଣବାଜିରୁ ଉପରକୁ ଉଠି ଏକ ମିଳିତ ବିକାଶ ରଣନୀତି ପ୍ରସ୍ତୁତ କରିବାକୁ ପଡିବ। କୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ, ସ୍ଥାନୀୟ ଲୋକଙ୍କୁ ସଂଘର୍ଷର ଶିକାର ହେବାକୁ ଦିଆଯିବା ଉଚିତ୍ ନୁହେଁ। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ଏବଂ ନିଯୁକ୍ତି ଭଳି ସେବା ପାଇଁ ସମନ୍ୱୟ ସ୍ଥାପନ କରାଯାଇପାରିବ। ଦ୍ୱିତୀୟତଃ, ଓଡ଼ିଶା ସରକାର କେବଳ ଦାବି କରିବା ଅପେକ୍ଷା ଲୋକଙ୍କ ବିଶ୍ୱାସ ଫେରିପାଇବା ଉପରେ ଧ୍ୟାନ ଦେବା ଉଚିତ। ଯଦି ଗ୍ରାମବାସୀ ଅଭିଯୋଗ କରନ୍ତି ଯେ ସେମାନେ ପର୍ଯ୍ୟାପ୍ତ ସୁବିଧା ପାଇନାହାଁନ୍ତି, ତେବେ ସେହି ଅଭିଯୋଗର ଉତ୍ତର ବିକାଶ କାର୍ଯ୍ୟ ସହିତ ଦିଆଯିବା ଉଚିତ। ଯେକୌଣସି ଗଣତାନ୍ତ୍ରିକ ସରକାରଙ୍କ ପ୍ରକୃତ ଶକ୍ତି ଜନସାଧାରଣଙ୍କ ବିଶ୍ୱାସରେ ରହିଛି। ତୃତୀୟତଃ, ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଭାଷା, ସଂସ୍କୃତି ଏବଂ ଜୀବନଶୈଳୀକୁ ଦୃଷ୍ଟିରେ ରଖି ବିକାଶ ଯୋଜନା ପ୍ରସ୍ତୁତ କରାଯିବା ଉଚିତ। ପ୍ରାୟତଃ, ଦୂରବର୍ତ୍ତୀ ପ୍ରଶାସନିକ ଗଠନ ସ୍ଥାନୀୟ ବାସ୍ତବତାକୁ ବୁଝିବାରେ ବିଫଳ ହୁଏ। କୋଟିଆ ଭଳି ଅଞ୍ଚଳରେ ନିଷ୍ପତ୍ତି ଗ୍ରହଣରେ ସ୍ଥାନୀୟ ଅଂଶଗ୍ରହଣ ବୃଦ୍ଧି କରିବା ଅତ୍ୟନ୍ତ ଜରୁରୀ। ଚତୁର୍ଥତଃ, କେନ୍ଦ୍ର ସରକାର ମଧ୍ୟସ୍ଥତା ଭୂମିକା ଗ୍ରହଣ କରିବା ଉଚିତ। ଯଦି ଉଭୟ ରାଜ୍ୟ ରାଜନୈତିକ ଭାବରେ ମିଳିତ ହୁଅନ୍ତି, ତେବେ ଏହି ସୁଯୋଗକୁ ଦ୍ୱନ୍ଦ୍ୱ ହ୍ରାସ କରିବା ଏବଂ ସମାଧାନ ଖୋଜିବା ପାଇଁ ବ୍ୟବହାର କରାଯାଇପାରିବ। କେବଳ ଆଇନଗତ ପ୍ରକ୍ରିୟା ଉପରେ ପ୍ରସଙ୍ଗ ଛାଡିବା ଯଥେଷ୍ଟ ହେବ ନାହିଁ। ପରିଶେଷରେ, କୋଟିଆ ବିବାଦ କେବଳ ୨୧ ଗ୍ରାମ ବିଷୟରେ ବିବାଦ ନୁହେଁ। ଏହା ଏହି ପ୍ରଶ୍ନକୁ ମୂର୍ତ୍ତିମନ୍ତ କରେ ଯେ ଏକ ରାଜ୍ୟର ପ୍ରକୃତ ସୀମା ମାନଚିତ୍ରରେ ଟଣାଯାଇଥିବା ରେଖା ଦ୍ୱାରା କିମ୍ବା ସେଠାରେ ରହୁଥିବା ଲୋକଙ୍କ ବିଶ୍ୱାସ ଦ୍ୱାରା ନିର୍ଣ୍ଣୟ କରାଯାଏ। ଯଦି ଲୋକମାନେ ଅବହେଳିତ ଅନୁଭବ କରନ୍ତି, ତେବେ ସୀମା ରେଖା ଦୁର୍ବଳ ହେବା ଆରମ୍ଭ ହୁଏ। କିନ୍ତୁ ଯଦି ବିକାଶ, ସମ୍ମାନ ଏବଂ ବିଶ୍ୱାସର ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରାଯାଏ, ତେବେ ଯେକୌଣସି ବିବାଦର ସ୍ଥାୟୀ ସମାଧାନ ହୋଇପାରିବ। କୋଟିଆ ଆଜି ଓଡ଼ିଶା ପାଇଁ ଏକ ଚେତାବନୀ ଏବଂ ସୁଯୋଗ ଉଭୟକୁ ପ୍ରତିନିଧିତ୍ୱ କରେ। ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକୁ ଅବହେଳା କରିବାର ପରିଣାମ ପୂର୍ବରୁ ଦୃଶ୍ୟମାନ ହେଉଛି ବୋଲି ଏକ ଚେତାବନୀ। ଏକ ସୁଯୋଗ କାରଣ ଜନସାଧାରଣଙ୍କ ବିଶ୍ୱାସ ଜିତି ପରିସ୍ଥିତିକୁ ପରିବର୍ତ୍ତନ କରାଯାଇପାରିବ। ରାଜନୈତିକ ଅଭିଯୋଗ, ପୋଲିସ କାର୍ଯ୍ୟାନୁଷ୍ଠାନ ଏବଂ ଆଇନଗତ ଲଢ଼େଇ ଜାରି ରହିଛି, କିନ୍ତୁ ଏହି ବିବାଦର ଚୂଡ଼ାନ୍ତ ସମାଧାନ କେବଳ ଲୋକଙ୍କ ହୃଦୟରେ ପହଞ୍ଚିବା ଦ୍ୱାରା ହିଁ ସମ୍ଭବ। ଏହା ହେଉଛି ସେହି ପଥ ଯାହା କୋଟିଆକୁ ଦ୍ୱନ୍ଦ୍ୱର ଭୂମିରୁ ବିକାଶ ଏବଂ ବିଶ୍ୱାସର ଭୂମିରେ ପରିଣତ କରିପାରିବ।

ସୁଜନପୁର, ଯାଜପୁର

୯୪୩୭୨୮୮୦୨୮

ଭାଙ୍ଗିଗଲା ୯୦ ପ୍ରତିଶତ ଭିନ୍ନକ୍ଷମ ଆଶାଙ୍କ ଆଶା

ଫିଙ୍ଗରପ୍ରିଣ୍ଟ ମିଳୁନି ବୋଲି ହେଉନି ଆଧାର, ୩୫୦୦ବଦଳରେ ମିଳୁଛି ମାତ୍ର ୧୨ଶହ ଟଙ୍କା !

ରେଢ଼ାଖୋଲ,୧୧।୧୧ (ନିପ୍ର); କାଗଜ କଲମରେ ସୀମିତ ସରକାରୀ ଡିଣ୍ଡିମ । ବଡ଼ବଡ଼ ପ୍ରଚାର ଓ ବିଜ୍ଞାପନରେ ସରକାର କୁହନ୍ତି ଯେ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ମାସିକ ୩,୫୦୦ ଟଙ୍କା ଭତ୍ତା ସାଙ୍ଗକୁ ଆବାସ ଓ ପାଇଖାନା ଯୋଗାଇ ଦିଆଯାଉଛି। କିନ୍ତୁ ଏହାର ଜ୍ୱଳନ୍ତ ଓ ନଗ୍ନ ବାସ୍ତବତା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ଘୋସରାମାଳ ପଞ୍ଚାୟତ ଜଙ୍ଗଲ ଘେରା ଅପହଞ୍ଚ ବଡବିଲ୍ ଗାଁରେ।

ଏଠାକାର ଜଣେ ଦିନ ମଜୁରିଆ ବାପା ସୁରେଶ୍ ଚନ୍ଦ୍ର ବେହେରାଙ୍କ ଅଭାଗିନୀ ଝିଅ ଆଶା ବେହେରା (୨୨) । ଜନ୍ମରୁ ଭିନ୍ନକ୍ଷମ। ସ୍ୱୟଂ ସରକାରୀ ଡାକ୍ତରୀ ପ୍ରମାଣପତ୍ର ଅନୁସାରେ ସେ ୯୦ ପ୍ରତିଶତ ଅକ୍ଷମ। ହେଲେ ଭାଗ୍ୟର ବିଡ଼ମ୍ବନା ଦେଖନ୍ତୁ, ୩,୫୦୦ ଟଙ୍କା ବଦଳରେ ତାଙ୍କ ଭାଗ୍ୟରେ ଜୁଟିଛି ମାତ୍ର ୧,୨୦୦ ଟଙ୍କା! ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ଆଧାର କାର୍ଡ ଏକ ଅପରିହାର୍ଯ୍ୟ ଚାବିକାଠି। କିନ୍ତୁ ଆଶାଙ୍କ ପାଇଁ ଏହି ଆଧାର କାର୍ଡଟିଏ ପାଲଟିଛି ସାତସପନ। ଶାରୀରିକ ଅକ୍ଷମତା ଯୋଗୁଁ ତାଙ୍କ ହାତର ଫିଙ୍ଗର୍ ପ୍ରିଣ୍ଟ (ଆଙ୍ଗୁଠି ଛାପ) ଆସୁନାହିଁ। ଫଳରେ ଆଧାର କାର୍ଡ ତିଆରି ହୋଇପାରୁନି। ଆଧାର କାର୍ଡଟିଏ ପାଇଁ ବାପା ସୁରେଶ ଭିନ୍ନକ୍ଷମ ଝିଅକୁ ବୋହି ନାକଟିଦେଉଳ ବ୍ଲକ୍, ଘୋସରାମାଳ ପଞ୍ଚାୟତ ଅଫିସ୍, ଜୁଜୁମୁରା, ଶିମିଳିପାଳ ଭଳି କେତେ ଆଧାର ସେଣ୍ଟର୍ କୁ ଦୌଡ଼ି ଦୌଡ଼ି ଜୋତା ଘଷି ହୋଇଗଲେଣି; ମାତ୍ର କେଉଁଠୁ ବି ଟିକିଏ ଆଶ୍ୱାସନା ମିଳିଲାନି। ଶେଷରେ ସବୁଆଡୁ ନିରାଶ ହୋଇ ବାପା ଜଣକ ନିଜ କର୍ମକୁ ଆଦରି ଘରେ ଝିଅକୁ ନେଇ ବସିଛନ୍ତି। ଦିନ ମଜୁରିଆ ଭାବେ ମୂଳ ଲାଗି ପରିବାର ଚଳାଉଥିବା ବାପା ସୁରେଶ ନିଜ ଝିଅକୁ ଖୁଆଇବାଠାରୁ ଆରମ୍ଭ କରି, ଶୌଚ ପାଇଁ



ଆଣିବା-ନେବା କରିବା ଭଳି ସମସ୍ତ କଷ୍ଟଦାୟକ କାମ ନିଜ କାନ୍ଧରେ ଉଠାଇଛନ୍ତି। ହେଲେ ଦୁଃଖର ପାହାଡ଼ ଏତିକିରେ ସରି ନାହିଁ । ଗତବର୍ଷ ଦୀର୍ଘ ୭ ମାସ ଧରି ଆଶାଙ୍କ ଭାଗର ଚାଉଳ ବନ୍ଦ ରହିଥିଲା। ବାପାଙ୍କ ବାରମ୍ବାର ଅଭିଯୋଗ ପରେ ଚାଉଳ ମିଳିଲା ସିନା, କିନ୍ତୁ ସେହି ୭ ମାସର ଚାଉଳ କିଏ ଖାଇଗଲା, ତାର ହିସାବ କେହି ଦେଲେ ନାହିଁ। ଆହୁରି ମଧ୍ୟ ଚଳିତି ବର୍ଷ ପୁଣି ଗୋଟିଏ ମାସର ଭତ୍ତା ମିଳି ନଥିବା ମଧ୍ୟ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ।

ଜଙ୍ଗଲ ଘେରା ଅପହଞ୍ଚ ଅଞ୍ଚଳରେ ବାସ କରୁଥିବା ଏହି ପରିବାରର ବାପା ସୁରେଶ ଏବଂ ଝିଅ ଆଶାର କାହାଣୀ ପ୍ରଶାସନିକ ବଧିରତାକୁ ପଦାରେ ପକାଇଛି ସତ ହେଲେ ମଧ୍ୟ ଏହାକୁ ନେଇ କାହା ପ୍ରତି କୌଣସି ଅଭିଯୋଗ ନକରି, କେବଳ ଝିଅଟିର ଭବିଷ୍ୟତ ପାଇଁ ବାପା ସୁରେଶ ଗଣମାଧ୍ୟମ ଜରିଆରେ ସରକାର ଓ ଜିଲ୍ଲା ପ୍ରଶାସନ କୁ ଗୁହାରି ଜଣାଇଛନ୍ତି ଯେ ?'ମୋ ଝିଅର ଆଧାର କାର୍ଡଟିଏ କରାଯାଉ। ସରକାରଙ୍କ ନିୟମ ଅନୁସାରେ ୩୫ଶହ ଟଙ୍କା ଭତ୍ତା, ଗୋଟିଏ ଆବାସ ଘର ଓ ପାଇଖାନାଟିଏ ମିଳିଗଲେ, ଆମେ ଦି' ମୁଠା ଡାଲି-ଭାତ ଖାଇ ସୁଖରେ ବଞ୍ଚିଯିବୁ' । ଜଙ୍ଗଲ କୋଳରେ ଲୁଚି ରହିଥିବା ଏହି ଅଭାଗିନୀ ଆଶାର ଆଶା କେବେ ଫଳବତୀ ହେଉଛି , ସରକାର ଏବଂ ଜିଲ୍ଲା ପ୍ରଶାସନ ସହ ସ୍ଥାନୀୟ ପ୍ରଶାସନ ଏହି ଘଟଣାକୁ ନେଇ କେତେ ସମ୍ବେଦନଶୀଳ ହେଉଛି, ତାହାହିଁ ସମୟ କହିବ।

ଆଇନଜୀବୀଙ୍କ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା

ଡ଼ାବୁଗାଁ,୧୧।୧୧ (ନିପ୍ର); ଗତ ଶନିବାର ଝରିଗାଁ କୋର୍ଟ ପରିସରରେ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଓ ସି.ଏ.ଏସ.ସାଇ ମୀନକେତନ ଗନ୍ତାୟତ ଉପରେ ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି ଡାବୁଗାଁ ବ୍ଲକର ଆଇନଜୀବୀ ମାନେ । ବରିଷ୍ଠ ଆଇନଜୀବୀ ଗୋଦାବରୀଶ ମହାପାତ୍ର, ଦିଗ୍ୱିଜ ସିଂ, ଜୟନ୍ତ କୁମାର ପାତ୍ର, ମିହିର ଶଙ୍କର ପାତ୍ର, ଦିବ୍ୟରଞ୍ଜନ ପାତ୍ର, ଅରୁଣ ପାତ୍ର, ମଞ୍ଜୁଳା ମାଝୀ ଆକ୍ରମଣ ର ପ୍ରତିବାଦ କରି କଳା ବ୍ୟାଚ ପରିଧାନ କରିଛନ୍ତି । ଆଜି କାର୍ଯ୍ୟବନ୍ଦ କରିଛନ୍ତି। ଆଇନଜୀବୀ ଉପରେ ଆକ୍ରମଣକୁ ବିଭିନ୍ନ ଆଇନଜୀବୀ ସଂଘ ବ୍ୟତୀତ ବୁଦ୍ଧିଜୀବୀ ମହଲରେ ମଧ୍ୟ ନିନ୍ଦା କରା ଯାଇଛି।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କୃଷ୍ଣପ୍ରସାଦ,୧୧।୧୧ (ନିପ୍ର); ପୁରୀଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ତହସିଲ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଧାୟିକା କହିଥିଲେ ଏହି ମେଳା ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯାଉଛି। ସହଜ ଉପାୟରେ ଅଳ୍ପ ଖର୍ଚ୍ଚରେ, ସରକାରୀ ପ୍ରୋତ୍ସାହନରେ କିଭଳି ଉନ୍ନତଧରଣର ଚାଷ କରାଯିବ । ଚାଷୀମାନଙ୍କୁ ମେଳା ମାଧ୍ୟମରେ ସଚେତନ କରାଯାଉଛି। ମେଳାରେ ଚିଲିକା ମଇଁଷି କ୍ଷୀର, ଦହି, ଛେନା ଆଦି ସାମଗ୍ରୀ ମାଣ୍ଡିଆରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଦେଖାଇଥିଲେ। ଏହିସବୁ ସୁସ୍ୱାଦୁ ଖାଦ୍ୟକୁ ଷ୍ଟଲ ବୁଲିବାକୁ ଆସିଥିବା ବ୍ୟକ୍ତିମାନେ ଖାଇ ଥିଲେ। ସେହିଭଳି ଚିଲିକାରେ ମାଛ, ଚିଙ୍ଗୁଡ଼ି, କଙ୍କଡା ଚାଷର ପଦ୍ଧତି 'ଏକ୍ରିକ ପ୍ରକଳ୍ପ ହମାରା ବଚପନ ଟ୍ରଷ୍ଟ' ପକ୍ଷରୁ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ।

ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କୃଷ୍ଣପ୍ରସାଦ,୧୧।୧୧ (ନିପ୍ର); ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ମହାନ ଓଡ଼ିଆ ସାହିତ୍ୟର ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚସଖା ମହାପୁରୁଷ ଯଥା ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ହୋଇଥିଲା। ଉତ୍ସବରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ନିଜ ବକ୍ତବ୍ୟରେ ସେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମହାନ ପରମ୍ପରାକୁ ମନେ ପକାଇବା ସହ ପଞ୍ଚସଖାଙ୍କ ଆଦର୍ଶ, ତ୍ୟାଗ ଓ ସେବାଭାବକୁ ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଦଳବେହେରାଙ୍କ ନେତୃତ୍ୱରେ ଉତ୍ସବର ଆୟୋଜନ କରାଯାଇଥିଲା। ନିମନ୍ତ୍ରିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମଣ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ହେମନ୍ତ କୁମାର ଜେନା ଓ ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ

ପିପିଲି,୧୧।୧୧ (ନିପ୍ର); ମଙ୍ଗଳବାର ଅପରାହ୍ନରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନା ପରିସରରେ ମା ଲଙ୍କେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନଙ୍କୁ ପରିଚୟପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଜୟ ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନା ଆଇଆଇସି ସସ୍ମିତା ସାହୁ, ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ୩୫ଜଣ ବରିଷ୍ଠ ନାଗରିକଙ୍କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ଆସିଥିବା ପରିଚୟ ପତ୍ରକୁ ବଣ୍ଟନ କରିବା ସହ ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଥାନା ଆଇଆଇସି ସସ୍ମିତା ସାହୁ ଓ ଏସଆଇ ସୁଭଲକ୍ଷ୍ମି ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବାବାଜି ଦେଓ, କୋଷାଧ୍ୟକ୍ଷ ସୁଧାଂଶୁ ମୋହନ ଲେଙ୍କା, ରବୀନ୍ଦ୍ର ନାଥ ମିଶ୍ର, ଉପଦେଷ୍ଟା ବାନମ୍ବର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଓକିଲ ସଂଘର ଶୋକସଭା

ମାଲକାନଗିରି:୧୧।୧୧ (ନିପ୍ର); ଅବିଭକ୍ତ କୋରାପୁଟ ଜିଲ୍ଲାର ସୁନାମଧନ୍ୟ ବରିଷ୍ଠ ଆଇନଜୀବୀ ତଥା କୋରାପୁଟ ଜିଲ୍ଲା ଆଇନଜୀବୀ ସଂଘ (ଜୟପୁର)ର ସଦସ୍ୟ ବଳରାମ ଖରାଙ୍କ ଗତ ରବିବାର ସନ୍ଧ୍ୟାରେ ଦୁଃଖଦ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଆଇନଜୀବୀ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ଆଇନସେବା କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ଖବରରେ ମର୍ମାହତ ହୋଇ ମାଲକାନଗିରି ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇଥିଲା। ସଂଘର ସଭାପତି ପ୍ରୀତିପାଲ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସ୍ୱର୍ଗତ ଶ୍ରୀ ଖରାଙ୍କ ସ୍ମୃତିଚାରଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦଗତି ଓ ଶାନ୍ତି କାମନା କରାଯାଇଥିଲା। ଏଥିସହ ଦିବଙ୍ଗତ ଆତ୍ମାଙ୍କ ପ୍ରତି ସମ୍ମାନ ଜଣାଇ ଉପସ୍ଥିତ ସମସ୍ତ ଆଇନଜୀବୀ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ।

ବନ୍ୟା ପ୍ରଭାବିତ ରୋଗୀଙ୍କୁ ଆର୍ଥିକ ସହାୟତା

ଆସିକା,୧୧।୧୧(ନିପ୍ର):ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟାରେ ଆସିକା ସହର ସମେତ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ବିଶେଷ କରି ମଙ୍ଗଳପୁର ପଞ୍ଚାୟତର ନବରନ୍ନପୁର ଏବଂ ଗଙ୍ଗାପୁର ପଞ୍ଚାୟତର ମାଗୁରାପଲ୍ଲୀ, ଭାଲିଆପଲ୍ଲୀ ସମେତ ବିଭିନ୍ନ ଗ୍ରାମରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଥିଲା। ବନ୍ୟାରେ ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ନବରନ୍ନପୁର ଗ୍ରାମର ଦୁଇଟି ବ୍ରିଜ୍ ମଧ୍ୟ ଭାଙ୍ଗି ଯାଇଥିଲା। ଫଳରେ ଅଞ୍ଚଳବାସୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗିଥିଲେ। ତେବେ ବନ୍ୟା ପରବର୍ତ୍ତୀ ସମୟରେ ପ୍ରଭାବିତ ପରିବାରରେ ରହୁଥିବା ରୋଗଗ୍ରସ୍ତ ବ୍ୟକ୍ତିଙ୍କ ସମସ୍ୟା ଅଧିକ ଜଟିଳ ହୋଇପଡ଼ିଥିଲା। ଆର୍ଥିକ ଅନଟନ ଯୋଗୁଁ ଆବଶ୍ୟକ ଔଷଧ କିଣିବା ମଧ୍ୟ ସେମାନଙ୍କ ପାଇଁ କଷ୍ଟକର ହୋଇଥିଲା। ଏଭଳି ସ୍ଥିତିରେ ପ୍ରଭାବିତ ରୋଗୀଙ୍କ ପାଖରେ ସହାୟତାର ହାତ ବଢ଼ାଇଛି ଗଞ୍ଜାମ ଜିଲ୍ଲା ପ୍ରଶାସନ। ନବରନ୍ନପୁର ଗ୍ରାମର ତିନିଜଣ ରୋଗଗ୍ରସ୍ତ ବ୍ୟକ୍ତିଙ୍କ ଔଷଧ ଖର୍ଚ୍ଚ ପାଇଁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କର୍କଟ ରୋଗରେ ପୀଡ଼ିତ ବାବୁ ପୋଲେଇଙ୍କୁ ୧୫ ହଜାର ଟଙ୍କା ଏବଂ ପକ୍ଷାଘାତ ରୋଗରେ ପୀଡ଼ିତ କାମେଶ୍ୱର ପୋଲେଇ ଓ ଶିବ ବିଶ୍ୱାଳଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଆସିକା ତହସିଲଦାର ସଂଗୀତା ସେଣ, ଅତିରିକ୍ତ ତହସିଲଦାର ଅମରେଶ ସାବତ ପ୍ରଦାନ କରିଛନ୍ତି ।

ଚାଷୀଙ୍କ ଫସଲ କ୍ଷୟକ୍ଷତି ଆକଳନ କଲା ପ୍ରଶାସନ

ଆସିକା,୧୧।୧୧ (ନିପ୍ର): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ପ୍ରଭାବରେ ଗଞ୍ଜାମ ଜିଲ୍ଲାର ଆସିକା ତହସିଲ ଅଧୀନ ଅଞ୍ଚଳରେ ଚାଷବାସ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ହଜାର ହଜାର ହେକ୍ଟର ଚାଷ ଜମିରେ ହୋଇଥିବା ଧାନ ଫସଲ ସମେତ ପନିପରିବା, ଆଖୁ ଓ ମକା ଚାଷ ନଷ୍ଟ ହୋଇଛି। ବାକି ସାକୀ କରି ଚାଷ କରିଥିବା ଚାଷୀଙ୍କ ଫସଲ ବନ୍ୟା ଜଳରେ ନଷ୍ଟ ହୋଇଯିବାରୁ ସେମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଫସଲ କ୍ଷୟକ୍ଷତି ଆକଳନ ଆରମ୍ଭ କରାଯାଇଛି। ଆସିକା ତହସିଲ ଅଧୀନରେ ଥିବା ୯ଟି ରାଜସ୍ୱ ନିରୀକ୍ଷକ (ଆର.ଆଇ.) ସର୍କଲର ରାଜସ୍ୱ ନିରୀକ୍ଷକମାନେ ବିଭିନ୍ନ ଗ୍ରାମକୁ ଯାଇ ଚାଷଜମି ପରିଦର୍ଶନ କରିବା ସହ କ୍ଷୟକ୍ଷତିର ଆକଳନ କରୁଛନ୍ତି। ଏଥିସହ ଆସିକା ତହସିଲ ପକ୍ଷରୁ ବିଭିନ୍ନ ଗ୍ରାମରେ କ୍ୟାମ୍ପ କାର୍ଯ୍ୟାଳୟ ଖୋଲାଯାଇ ଚାଷୀଙ୍କ ଅଭିଯୋଗ ଶୁଣାଯାଉଛି। କ୍ଷତିପୂରଣ ପାଇବା ପାଇଁ ଆବଶ୍ୟକ ଫର୍ମ ମଧ୍ୟ ଦାଖଲ କରାଯାଉଛି। ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତିର ସଠିକ୍ ତଥ୍ୟ ସଂଗ୍ରହ କରାଯାଉଛି। କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଶେଷ ହେବା ପରେ ସରକାରୀ ନିୟମ ଓ ନିର୍ଦ୍ଧାରିତ ମାପଦଣ୍ଡ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଆସିକା ତହସିଲଦାର ସଙ୍ଗୀତା ସେଣ ଓ ଅତିରିକ୍ତ ତହସିଲଦାର ଅମରେଶ ସାବତ ସୂଚନା ଦେଇଛନ୍ତି।

ପିଏନବି ଆର୍ଥିକ ସାକ୍ଷରତା ଶିବିର ସରିଲା


ଭାପୁର,୧୧।୧୧(ନିପ୍ର) ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ କଲ୍ୟାଣ ମଣ୍ଡପରେ ଆୟୋଜିତ କ୍ଷେତ୍ର ସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ୟାମ୍ପ ସଫଳତାର ସହ ଆୟୋଜିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ର ମିଳିତ ପ୍ରମୁଖ ପ୍ରୟାସ ଥିଲା,ଯେଉଁଥିରେ ପିଏନବି ପଦ୍ମାବତୀ ଶାଖାର ଶାଖା ପ୍ରବନ୍ଧକ ଶ୍ରୀ ଲୋକନାଥ ବେହେରାଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳତାର ସହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ମଧୁକର ଆନନ୍ଦ ଏବଂ ପିଏନବି ବ୍ରହ୍ମପୁର ସର୍କଲ ଅଫିସର ସର୍କଲ ହେଡ୍ ପ୍ରତାପ କୁମାର ବୈରିଗଞ୍ଜନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମଧୁକର ଆନନ୍ଦ ନିଜ ଅଭିଭାଷଣରେ ରିଜର୍ଭ ବ୍ୟାଙ୍କର ବ୍ୟାପକ ଆର୍ଥିକ ସାକ୍ଷରତା ସଚେତନତା ଉପରେ ଆଲୋକପାତ କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ସୁରକ୍ଷିତ ବ୍ୟାଙ୍କିଙ୍ଗ ଏବଂ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ର ସମସ୍ତ



ଗୁରୁତ୍ୱପୂର୍ଣ୍ଣ ଦିଗ ବିଷୟରେ ବୁଝାଇଥିଲେ। ପିଏନବି ସର୍କଲ ହେଡ୍ ପ୍ରତାପ କୁମାର ବୈରିଗଞ୍ଜନ ଗ୍ରାହକଙ୍କ ଦୁଆରମୁହଁରେ ବ୍ୟାଙ୍କିଂ ସେବା,ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ରି-କେୱାଇସି ଅନୁପାଳନ, ଆର୍ଥିକ ସଚେତନତା, ସୁରକ୍ଷିତ ବ୍ୟାଙ୍କିଙ୍ଗ ଏବଂ ସମସ୍ତଙ୍କ ପାଇଁ ସହଜ ବ୍ୟାଙ୍କିଂ ସେବା ଯୋଗାଇଦେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ପିଏନବି ପଦ୍ମାବତୀ ଶାଖାର ଡେପୁଟି ମ୍ୟାନେଜର ଇମତିୟାଜ ଖାନଙ୍କ ସମେତ ଶାଖାର ଅନ୍ୟାନ୍ୟ କର୍ମଚାରୀ ମିଥୁନ ହାତୀ,ପ୍ରତାପ ମୁଦୁଲି ଓ ପଞ୍ଚାନନ ସାହୁଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶାଖାର କର୍ମଚାରୀ ମାନଙ୍କ ବ୍ୟତୀତ ପିଏନବି ବ୍ରହ୍ମପୁର ସର୍କଲ ଅଫିସର ଏକ ସ୍ୱତନ୍ତ୍ର ଟିମ୍ ଏହି ମେଗା କ୍ୟାମ୍ପକୁ ସଫଳ କରିବାରେ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ । ସର୍କଲ ଅଫିସର ସିନିୟର ମ୍ୟାନେଜର ଅଂଶୁମାନ ସାହୁ ଓ ସରୋଜ ପାତ୍ର ଏବଂ ମ୍ୟାନେଜର ମୁରଲୀ ରାଓ, ରଞ୍ଜନ ପ୍ରଧାନ, ରାହୁଲ ରାନ୍ତା ଓ ଆଶୀର୍ବାଦ ମହାପାତ୍ର ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ଦୁଆର ଦୁଆର ବୁଲି ଟାର୍ଗେଟ୍ ଗ୍ରାହକମାନଙ୍କର ତତ୍କାଳ ରି-କେୱାଇସି ସମ୍ପୂର୍ଣ୍ଣ କରିବା ସହ ସମଗ୍ର କାର୍ଯ୍ୟକ୍ରମର ସୁପରିଚାଳନାରେ ପ୍ରଶଂସନୀୟ ସହଯୋଗ କରିଥିଲେ।

କରଣସାହି ଚାରିଛକରେ ଟ୍ରାଫିକ୍ ଜାମ୍, ଦୁର୍ଦ୍ଦଶାରେ ସହରବାସୀ

ପାରଳାଖେମୁଣ୍ଡି,୧୧।୧୧ (ନିପ୍ର); ଗଜପତି ଜିଲ୍ଲାର ମୁଖ୍ୟାଳୟ ପାରଳାଖେମୁଣ୍ଡି ସହରରେ ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ଗମ୍ଭୀର ରୂପ ଧାରଣ କରୁଛି। ସହରର ମୁଖ୍ୟ ଚାରିଛକ କରଣସାହି ଅଞ୍ଚଳରେ ପ୍ରାୟ ପ୍ରତିଦିନ ଅସମ୍ଭାଳ ଟ୍ରାଫିକ୍ ଜାମ ଦେଖିବାକୁ ମିଳୁଛି। ଏହା ଯୋଗୁଁ ଛାତ୍ରଛାତ୍ରୀ, ମହିଳା, ବୟସ୍କ ବ୍ୟକ୍ତି, ରୋଗୀ ଓ ସାଧାରଣ ଯାତ୍ରୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏହି ଚାରିଛକର ଗୋଟିଏ ପାର୍ଶ୍ୱରେ କରଣ ସାହି ଓ ଗାର୍ଲ୍ସ ହାଇସ୍କୁଲ ରାସ୍ତା, ଅନ୍ୟ ପାର୍ଶ୍ୱରେ କୁମୁଟି ସାହି ରାସ୍ତା ଏବଂ ଅନ୍ୟ ଦିଗରେ ସହରର ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ରାସ୍ତା ରହିଛି। ଏହି ରାସ୍ତା ଦେଇ ହାଇସ୍କୁଲ, କଲେଜ, ବ୍ୟାଙ୍କ, ଟ୍ରେଜେରୀ, ପୋଲିସ ଷ୍ଟେସନ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଆରଟିଓ କାର୍ଯ୍ୟାଳୟକୁ ପ୍ରତିଦିନ ବହୁ ସଂଖ୍ୟକ ଲୋକ ଯାତାୟାତ କରନ୍ତି। ଏତେ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବା ସତ୍ତ୍ୱେ ଏଠାରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁବ୍ୟବସ୍ଥିତ ଯାତାୟାତ ପାଇଁ ଆବଶ୍ୟକ ପଦକ୍ଷେପର ଅଭାବ ସ୍ପଷ୍ଟ ଅନୁଭୂତ ହେଉଛି। ଯେତେବେଳେ ଦେଖିବେ ସେତେବେଳେ ଏହି ଛକରେ ଗାଡ଼ିମୋଟରର ଲମ୍ବା ଧାଡ଼ି ଓ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳୁଛି। ଫଳରେ ଜରୁରୀ କାର୍ଯ୍ୟରେ ଯାଉଥିବା ଲୋକମାନେ ମଧ୍ୟ ଦୀର୍ଘ ସମୟ ଧରି ଅଟକି ରହୁଛନ୍ତି। ଏହି ସମସ୍ୟା ନେଇ ବହୁବାର ଅଭିଯୋଗ ଓ ଦାବି ହୋଇଥିଲେ ମଧ୍ୟ ଏଯାବତ୍ କୌଣସି ଆଖିଦୃଶିଆ ସୁଫଳ ମିଳିନାହିଁ ବୋଲି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ନହେବା ସହରବାସୀଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଭଲ ରାସ୍ତା,



ନାଳନର୍ଦ୍ଦମାର ସୁବ୍ୟବସ୍ଥା, ପୋଖରୀ ସଂରକ୍ଷଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଉନ୍ନତ ଗମନାଗମନ ଭଳି ମୌଳିକ ସୁବିଧାରୁ ମଧ୍ୟ ସହରବାସୀ ବଞ୍ଚିତ ହେଉଥିବା ନେଇ ଅସନ୍ତୋଷ ବଢୁଛି। ତେଣୁ ଜିଲ୍ଲା ପ୍ରଶାସନ, ପୌର ପରିଷଦ ଓ ପୋଲିସ ବିଭାଗ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ମୁଖ୍ୟ ଚାରିଛକରେ ନିୟମିତ ଟ୍ରାଫିକ୍ ନିୟନ୍ତ୍ରଣ, ଅବୈଧ ପାର୍କିଂ ଉପରେ କଟକଣା ଏବଂ ଆବଶ୍ୟକ ସ୍ଥଳେ ରାସ୍ତାର ପ୍ରଶସ୍ତୀକରଣ ଭଳି ପଦକ୍ଷେପ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି। ପାରଳାଖେମୁଣ୍ଡିର ସୁନ୍ଦର ଓ ସୁବ୍ୟବସ୍ଥିତ ସହରୀକରଣ ପାଇଁ କେବଳ ଯୋଜନା ନୁହେଁ, ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ଖୋଲା ଅବସ୍ଥାରେ ବିଦ୍ୟୁତ୍ ସବ୍‌ଷ୍ଟେସନ୍,ସୁରକ୍ଷା ପ୍ରାଚୀର ନିର୍ମାଣ ଦାବି

ପାରଳାଖେମୁଣ୍ଡି,୧୧।୧୧ (ନିପ୍ର); ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ ଅନ୍ତର୍ଗତ ଗୋଷାଣି ପଞ୍ଚାୟତର ଆଙ୍କୁଡି ଗ୍ରାମର ପ୍ରବେଶ ପଥରେ ଖୋଲା ଅବସ୍ଥାରେ ବିଦ୍ୟୁତ୍ ସବଷ୍ଟେସନ ରହିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ସବ୍‌ଷ୍ଟେସନଟି ଖୋଲା ଅବସ୍ଥାରେ ରହିଥିବାରୁ ଏହା ସ୍ଥାନୀୟ ଜନସାଧାରଣଙ୍କ ସମେତ ଗୃହପାଳିତ ପଶୁମାନଙ୍କ ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି। ଅସାବଧାନତାବଶତଃ କୌଣସି ବ୍ୟକ୍ତି କିମ୍ବା ପଶୁ ଏହାର ସଂସ୍ପର୍ଶରେ ଆସିଲେ ବିଦ୍ୟୁତ୍ ଆଘାତ ଜନିତ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହିଛି। ବିଶେଷକରି ଗ୍ରାମବାସୀଙ୍କ ଯାତାୟାତ ରାସ୍ତା ନିକଟରେ ଏଭଳି ବିପଦପୂର୍ଣ୍ଣ ସ୍ଥିତିରେ ରହିବା ଚିନ୍ତାର ବିଷୟ ହୋଇଛି। କୌଣସି ଅଘଟଣ ଘଟିବା ପରେ ପଦକ୍ଷେପ ନେବା ପରିବର୍ତ୍ତେ ପୂର୍ବରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।ଏଣୁ ବିଦ୍ୟୁତ୍ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସବ୍‌ଷ୍ଟେସନ୍ ଚାରିପାଖରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବା ସହ ଆବଶ୍ୟକ ସତର୍କତାମୂଳକ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜନସାଧାରଣ ଦାବି ଜଣାଇଛନ୍ତି। ଜନସାଧାରଣ ଓ ଗୃହପାଳିତ ପଶୁଙ୍କ ଜୀବନ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



ଗଜପତିରେ କ୍ଷୟକ୍ଷତି ଭରଣା ଓ ରିଲିଫ ବଣ୍ଟନରେ ତ୍ରୁଟି ସୁଧାର ଦାବି

- ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ ରୂପେଶ ପାଣିଗ୍ରାହୀ
- ନଦୀକୂଳିଆ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ସହ ମହେନ୍ଦ୍ରତନୟାରେ ଆନିକଟ ନିର୍ମାଣ ଦାବି

ପାରଳାଖେମୁଣ୍ଡି,୧୧।୧୧ (ନିପ୍ର): ପାରଳାଖେମୁଣ୍ଡି ବାତ୍ୟା 'ଅର୍ଣ୍ଣବ' ଓ ଏହାର ପ୍ରଭାବରେ ଗଜପତି ଜିଲ୍ଲାରେ ହୋଇଥିବା ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନଜନିତ କ୍ଷୟକ୍ଷତିର ଭରଣା ସହ ରିଲିଫ ବଣ୍ଟନରେ ରହିଥିବା ସମସ୍ୟାର ସମାଧାନ ଦାବି । ପ୍ରଭାବିତ ଲୋକଙ୍କୁ ସରକାରୀ ଘୋଷଣା ଅନୁଯାୟୀ ସମସ୍ତ ସହାୟତା ମିଳି ନଥିବା ଏବଂ ବିଭିନ୍ନ ଅଞ୍ଚଳରେ ଏବେ ବି ଅନେକ ସମସ୍ୟା ଲାଗି ରହିଥିବା ପ୍ରସଙ୍ଗକୁ ନେଇ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ ଆଜି ଭୁବନେଶ୍ୱରଠାରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ଜିଲ୍ଲାର ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। କେବଳ ତତ୍କାଳୀନ ରିଲିଫ ଓ କ୍ଷୟକ୍ଷତି ଭରଣା ନୁହେଁ, ବରଂ ଭବିଷ୍ୟତରେ ବନ୍ୟା ଓ ଭୂସ୍ଖଳନ ଭଳି ବିପର୍ଯ୍ୟୟରୁ ଜିଲ୍ଲାବାସୀଙ୍କୁ ସୁରକ୍ଷା ଦେବା ପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ମୁଖ୍ୟ ଶାସନ ସଚିବ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଜିଲ୍ଲାର ବିପର୍ଯ୍ୟୟ ପରବର୍ତ୍ତୀ ସ୍ଥିତି ସମ୍ପର୍କରେ ଅବଗତ କରାଇବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ସଠିକ୍ ଭାବେ ସରକାରୀ ସହାୟତା ପହଞ୍ଚାଇବାକୁ ଦାବି କରିଥିଲେ। କ୍ଷୟକ୍ଷତି ଆକଳନ ଓ ରିଲିଫ ବଣ୍ଟନ ପ୍ରକ୍ରିୟାରେ ଅବହେଳା ରହିଛି, ତାହାର ସମୀକ୍ଷା କରି ହିତାଧିକାରୀଙ୍କୁ ତୁରନ୍ତ ସହାୟତା ଯୋଗାଇବା ଉପରେ ସେ ଜୋର ଦେଇଥିଲେ। ବିଶେଷକରି ଗୋଷାଣୀ ବ୍ଲକର ନଦୀକୂଳିଆ ଓ ତଳିଆ ଅଞ୍ଚଳରେ ଅବସ୍ଥିତ ବିଦ୍ୟାଳୟ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ବର୍ଷା ଋତୁରେ ନଦୀର ଜଳସ୍ତର ବୃଦ୍ଧି ଓ ବନ୍ୟାଜଳ ପ୍ରବେଶ ଯୋଗୁଁ ଏହି ଅଞ୍ଚଳରେ ଜନଜୀବନ ବିପନ୍ନ ହେଉଥିବା ବେଳେ ଶିକ୍ଷାନୁଷ୍ଠାନ ଓ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକ ବିପର୍ଯ୍ୟୟ ସମୟରେ ସମସ୍ୟା ଉପୁଜିବା ପୂର୍ବରୁ ଏହି ଅନୁଷ୍ଠାନଗୁଡ଼ିକୁ ସୁରକ୍ଷିତ ଉଚ୍ଚସ୍ଥାନକୁ ସ୍ଥାନାନ୍ତର କରିବା ଆବଶ୍ୟକ । ଏହାଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷକ, ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରିବ ବୋଲି ବିଧାୟକ ମତ ରଖିଥିଲେ। ସେହିପରି ମହେନ୍ଦ୍ରତନୟା ନଦୀର ଜଳପରିଚାଳନା ଓ ପୁନରୁଦ୍ଧାର ପ୍ରସଙ୍ଗକୁ ମଧ୍ୟ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ନଦୀରେ ଜଳପ୍ରବାହକୁ ସୁବ୍ୟବସ୍ଥିତ କରିବା ସହ ଜଳସମ୍ପଦର ସଠିକ୍ ବିନିଯୋଗ ଓ ଭବିଷ୍ୟତରେ ଉପୁଜୁଥିବା ଜଳଜନିତ ସମସ୍ୟାର ମୁକାବିଲା ପାଇଁ ଆନିକଟ ନିର୍ମାଣ କରିବାକୁ ବିଧାୟକ ଦାବି କରିଥିଲେ। ଏଥିସହ ଦୀର୍ଘଦିନ ଧରି ଅବହେଳିତ ରହିଥିବା ନଦୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେବାକୁ ମଧ୍ୟ ସେ ଦାବି ଜଣାଇଥିଲେ। ନଦୀର ଜଳଧାରଣ ଓ ଜଳପ୍ରବାହ ବ୍ୟବସ୍ଥାର ସୁଧାର ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ପୌରପରିଷଦ ଅଞ୍ଚଳରେ ରିଲିଫ ବଣ୍ଟନକୁ ନେଇ ରହିଥିବା ଅସନ୍ତୋଷ ଓ ସମସ୍ୟା ସମ୍ପର୍କରେ ମଧ୍ୟ ବିଧାୟକ ଅବଗତ କରାଇଥିଲେ। ସରକାରଙ୍କ ପକ୍ଷରୁ ବିପର୍ଯ୍ୟୟ ପ୍ରଭାବିତ ପରିବାରଙ୍କ ପାଇଁ ଘୋଷଣା କରାଯାଇଥିବା ଚାଉଳ ଓ ଆର୍ଥିକ ସହାୟତା ଏବେ ବି ହିତାଧିକାରୀଙ୍କ ନିକଟରେ ପହଞ୍ଚି ନଥିବା ଏପରିକି ସମସ୍ତଙ୍କୁ ଘୋଷିତ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଥିଲେ। ଏହି ସାକ୍ଷାତ ଓ ଆଲୋଚନା ସମୟରେ ଗଜପତି ଓ କନ୍ଧମାଳ ଜିଲ୍ଲାରେ ଭୂସ୍ଖଳନ ସମସ୍ୟାର ସ୍ଥାୟୀ ସମାଧାନ ପ୍ରସଙ୍ଗ ମଧ୍ୟ ଗୁରୁତ୍ୱ ପାଇଥିଲା। ଉଭୟ ଜିଲ୍ଲାରେ ଚିହ୍ନଟ ହୋଇଥିବା ଭୂସ୍ଖଳନ ପ୍ରବଣ ଅଞ୍ଚଳ ଏବଂ ଭବିଷ୍ୟତରେ ଭୂସ୍ଖଳନ ଘଟିବାର ଆଶଙ୍କା ଥିବା ସ୍ଥାନଗୁଡ଼ିକରେ କିପରି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବ, ସେନେଇ ଆଲୋଚନା ହୋଇଥିଲା। ପାହାଡ଼ିଆ ଓ ଦୁର୍ଗମ ଭୌଗୋଳିକ ସ୍ଥିତି ଯୋଗୁଁ ଏହି ଅଞ୍ଚଳରେ ବର୍ଷା ସମୟରେ ଭୂସ୍ଖଳନ ଘଟି ରାସ୍ତାଘାଟ ଅବରୋଧ, ଗ୍ରାମଗୁଡ଼ିକର ଯୋଗାଯୋଗ ବିଚ୍ଛିନ୍ନ ଏବଂ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହୁଛି। ତେଣୁ କେବଳ ଅସ୍ଥାୟୀ ମରାମତି ନୁହେଁ, ବରଂ ବିପଦପ୍ରବଣ ସ୍ଥାନଗୁଡ଼ିକର ବୈଜ୍ଞାନିକ ଅନୁଧ୍ୟାନ କରି ଦୀର୍ଘମିଆଦି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଗଜପତି ଓ କନ୍ଧମାଳ ଜିଲ୍ଲାର ଭୂସ୍ଖଳନ ପ୍ରବଣ ଅଞ୍ଚଳର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଥିବା ସୂଚନା ଦେଇଥିଲେ। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବା ସହ ଖୁବ୍‌ଶୀଘ୍ର ଏକ ବୈଠକ ଆୟୋଜନ କରାଯିବ। ବିଶେଷଜ୍ଞଙ୍କ ମତାମତ ଓ ଅନୁଧ୍ୟାନ ଆଧାରରେ ଭୂସ୍ଖଳନ ପ୍ରବଣ ସ୍ଥାନଗୁଡ଼ିକରେ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଜଣାଇଥିବା ବିଧାୟକ ଇଂ. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ସେନସେକ୍ସ-ନିଫ୍ଟି ଉପରମୁହାଁ

ମୁମ୍ବାଇ, ୧୧।୧୧ : ଉଛୁଳିଲା ଷ୍ଟକ୍ ବଜାର। ସେନସେକ୍ସ ୧୩ ଶହ ଅଙ୍କ ବୃଦ୍ଧି ପାଇଥିବା ବେଳେ ନିଫ୍ଟି ୩୫୦ ଅଙ୍କ ବଢ଼ିଛି। ୧୦ମାସରେ ବଜାର ୧୬ ପ୍ରତିଶତ ଖସିଥିବା ବେଳେ ଗୋଟିଏ ମାସରେ ଏହାର ଭରଣା ହୋଇଯାଇଛି। ଆଜି ସେନସେକ୍ସ ୧.୬୫% ବୃଦ୍ଧି ପାଇ ୮୨ ହଜାର ୪୦୦ ଉପରେ କାରବାର କରୁଛି । ଏହା ଫଳରେ ନିବେଶକଙ୍କ ସମ୍ପତ୍ତିରେ ଆଜି ଗୋଟିଏ ଦିନରେ ଯୋଡି ହୋଇଛି ୬ ଲକ୍ଷ କୋଟି ଟଙ୍କାରୁ ଅଧିକ । ସେହିପରି ନିଫ୍ଟି ମଧ୍ୟ ୩୫୦ପଏଣ୍ଟ ବୃଦ୍ଧି ପାଇ ୨୫ ହଜାର ୪ଶହ ଉପରେ କାରବାର କରୁଛି। ବ୍ୟାଙ୍କିଙ୍ଗ୍ ଏବଂ ଅଟୋ ଷ୍ଟକ୍‌କୁ ସର୍ବାଧିକ ଫାଇଦା ମିଳିଛି। ଚଳିତ ବର୍ଷ ଜାନୁଆରୀ ୧ ରେ ୮୫ ହଜାର ୧୮୮ରେ ଶୀର୍ଷରେ ପହଞ୍ଚିଥିଲା ଷ୍ଟକ ମାର୍କେଟ୍। ଏହା ପରେ ବଜାରରେ ନିମ୍ନଗାମୀ ଧାରା ଆରମ୍ଭ ହୋଇଥିଲା, ଅକ୍ଟୋବର ୧ରେ ବର୍ଷର ସର୍ବନିମ୍ନ ସ୍ତର ୭୧ ହଜାର ୨୯୨ରେ ପହଞ୍ଚିଥିଲା। ଏହି ସମୟ ମଧ୍ୟରେ, ବଜାର ୧୬% ହ୍ରାସ ପାଇଥିଲା। ଏହାପରେ ବଜାର ପୁଣି ଉପରମୁହାଁ ହୋଇଥିଲା । ସେନସେକ୍ସ ୧୫% ବୃଦ୍ଧି ପାଇ ୮୨ ହଜାର ୫୨୦ରେ ପହଞ୍ଚିଛି, ଯାହା ପୂର୍ବ ୧୦ ମାସରେ ହୋଇଥିବା କ୍ଷତିକୁ ପ୍ରାୟ ପୂରଣ କରିଛି।

ସ୍ୱଚ୍ଛ ସର୍ଭେକ୍ଷଣ : ନଭି ମୁମ୍ବାଇ ପ୍ରଥମ

ନୂଆଦିଲ୍ଲୀ, ୧୧।୧୧: ସ୍ୱଚ୍ଛତା କ୍ଷେତ୍ରରେ ଦେଶର ସହରଗୁଡ଼ିକ ମଧ୍ୟରେ ପୁଣି ଆରମ୍ଭ ହୋଇଛି ପ୍ରତିଯୋଗିତା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର 'ସ୍ୱଚ୍ଛ ସର୍ଭେକ୍ଷଣ ୨୦୨୫' ପୁରସ୍କାର ପ୍ରଦାନ କରିଛନ୍ତି। ଏଥର 'ସୁପର ସ୍ୱଚ୍ଛ ଲିଗ୍'ରେ ନଭି ମୁମ୍ବାଇ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ସୁରଟ ଦ୍ୱିତୀୟ ଏବଂ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଓଡ଼ିଶା ପାଇଁ ମଧ୍ୟ ଖୁସି ଖବର। ସ୍ୱଚ୍ଛ ଉପକୂଳ ସହର ତାଲିକାରେ ପୁରୀ ସ୍ଥାନ ପାଇଛି। ଗତ ସର୍ଭେକ୍ଷଣରେ ଇନ୍ଦୋର ଏହି ବର୍ଗରେ ପ୍ରଥମ ସ୍ଥାନରେ ଥିବାବେଳେ ସୁରତ ଦ୍ୱିତୀୟ ଏବଂ ନଭି ମୁମ୍ବାଇ ତୃତୀୟ ସ୍ଥାନରେ ରହିଥିଲା। ଏଥର କିନ୍ତୁ ନଭି ମୁମ୍ବାଇ ନିଜର ପ୍ରଦର୍ଶନରେ ଉନ୍ନତି ଆଣି ପ୍ରଥମ ସ୍ଥାନ ହାସଲ କରିଛି। ଏହାସହ ରାଜସ୍ଥାନର ଜୟପୁର ଏବଂ ମଧ୍ୟପ୍ରଦେଶର ଗ୍ୱାଲିୟରକୁ ସବୁଠାରୁ ସ୍ୱଚ୍ଛ ସହର ଭାବେ ମାନ୍ୟତା ଦିଆଯାଇଛି। 'ସ୍ୱଚ୍ଛ ସିଟି ପେୟାର' ପଦକ୍ଷେପ ଅଧୀନରେ ସାଣନ୍ଦ, ଦେପାଳପୁର ଏବଂ କୁମ୍ଭମକୁ ଯଥାକ୍ରମେ ଅହମଦାବାଦ, ଇନ୍ଦୋର ଏବଂ ତିରୁପତିର 'ମେଣ୍ଟର ସିଟି' ଭାବେ ଚୟନ କରାଯାଇଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛତା କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଥିବା ସହରଗୁଡ଼ିକର ଅଭିଜ୍ଞତା ଓ ପରିଚାଳନା ପଦ୍ଧତିକୁ ଅନ୍ୟ ସହରଗୁଡ଼ିକ ସହ ବାଣ୍ଟିବା।

କୁଲଗାମରେ ଆତଙ୍କବାଦୀ ଆକ୍ରମଣ: ୩ ସିଆରପିଏଫ୍ ଯବାନ ଆହତ

ଶ୍ରୀନଗର, ୧୧।୧୧: ଜାମ୍ମୁ-କାଶ୍ମୀରର କୁଲଗାମରେ ଆତଙ୍କବାଦୀ ଆକ୍ରମଣରେ ୩ ଜଣ ସିଆରପିଏଫ୍ ଯବାନ ଆହତ ହୋଇଛନ୍ତି। କୁଲଗାମର ଅଖରାନ ନିକଟରେ ଆତଙ୍କବାଦୀମାନେ ସିଆରପିଏଫ୍ ଯବାନଙ୍କ ଉପରେ ଗୁଳି ଚଳାଇଥିଲେ। ଆତଙ୍କବାଦୀମାନେ ବାଇକ୍‌ରେ ଆସି ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ତିନି ଜଣ ସିଆରପିଏଫ୍ ଯବାନଙ୍କ ଉପରେ ଗୁଳି ବାଜିଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଅଛି। ଆକ୍ରମଣ ପରେ ସିଆରପିଏଫ୍ ଯବାନମାନେ ପାଲଟା ଆକ୍ରମଣ ଆରମ୍ଭ କରିଛନ୍ତି। ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ଓ ସୁରକ୍ଷା ବାହିନୀ ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। କ୍ୱିକ୍ ରିଆକ୍ସନ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଆକ୍ରମଣକାରୀ ଆତଙ୍କବାଦୀଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ସର୍ଚ୍ଚ ଅପରେସନ୍ ଚାଲିଛି।

ବ୍ରିଟେନରେ ଭାରତବିରୋଧୀ କାର୍ଯ୍ୟକଳାପ ନେଇ ରାଷ୍ଟ୍ରପତିଙ୍କୁ ୫୦ ପ୍ରବାସୀ ସଂଗଠନର ଚିଠି

ଲଣ୍ଡନ, ୧୧।୧୧: ବ୍ରିଟେନରେ ଭାରତବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ କରି ସେଠାକାର ୫୦ଟି ପ୍ରବାସୀ ଭାରତୀୟ ଓ ସାମାଜିକ ସଂଗଠନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି। ଗତ ଅକ୍ଟୋବର ମାସରେ ଲଣ୍ଡନରେ ଅନୁଷ୍ଠିତ ଦୁଇଟି ବିକ୍ଷୋଭ ସମାବେଶକୁ ନେଇ ଏହି ସଂଗଠନଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବିକ୍ଷୋଭ ପଛରେ ଉଗ୍ରବାଦୀ ଓ ବିଚ୍ଛିନ୍ନତାବାଦୀ ସଂଗଠନଗୁଡ଼ିକର ସମ୍ପୃକ୍ତି ଥିବା ସନ୍ଦେହ ପ୍ରକାଶ କରି ସେମାନେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଶେଷକରି ପାକିସ୍ତାନ ଓ ବାଂଲାଦେଶର ଇସଲାମୀ ସଂଗଠନ ଏବଂ ଖଲିସ୍ତାନ ସମର୍ଥକ ବିଚ୍ଛିନ୍ନତାବାଦୀଙ୍କ ସମ୍ଭାବ୍ୟ ସମ୍ପୃକ୍ତି ଯାଞ୍ଚ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏହି ଚିଠିରେ ହିନ୍ଦୁ କମ୍ୟୁନିଟି ଅର୍ଗାନାଇଜେସନ୍ସ ଗ୍ରୁପ୍, ଇଣ୍ଡିଆନ୍ ଡାଏସ୍ପୋରା ଇନ୍ ଦି ୟୁକେ (ଆଇଡିୟୁକେ), ଫ୍ରେଣ୍ଡସ୍ ଅଫ୍ ଇଣ୍ଡିଆ ସୋସାଇଟି ଇଣ୍ଟରନ୍ୟାସନାଲ୍ (ଏଫ୍‌ଆଇଏସ୍‌ଆଇ) ୟୁକେ ଏବଂ ଇଣ୍ଡିଆନ୍ ନ୍ୟାସନାଲ୍ ଷ୍ଟୁଡେଣ୍ଟ୍ସ ଆସୋସିଏସନ୍ (ଆଇଏନ୍‌ଏସ୍‌ଏ) ୟୁକେ ସମେତ ୫୦ଟି ସଂଗଠନ ସାମିଲ ହୋଇଛନ୍ତି। ଗତ ସପ୍ତାହାନ୍ତରେ ପ୍ରେରିତ ଏହି ଚିଠିରେ ଭାରତର ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବିଦେଶରେ ଯୋଜନାବଦ୍ଧ ଭାବେ ବଦନାମ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ କରାଯାଇଛି।

ଆମେରିକା ବିମାନକୁ ପ୍ରବେଶ ମନା କଲା ପାକିସ୍ତାନ

ୱାଶିଂଟନ, ୧୧।୧୧: ଆମେରିକାରେ ରହୁଥିବା ଇରାନୀ ପ୍ରବାସୀମାନଙ୍କୁ ଦେଶାନ୍ତର କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ପ୍ରୟାସକୁ ଏକ ବଡ଼ ଝଟକା ଲାଗିଛି। ଆରିଜୋନାରୁ ଇରାନୀମାନଙ୍କୁ ନେଇ ଏକ ଆମେରିକୀୟ ନିର୍ବାସନ ବିମାନ ମଝି ଆକାଶରୁ ଫେରିଯାଇଛି। ଯୋଜନା ଥିଲା ସେମାନଙ୍କୁ ପ୍ରଥମେ ପାକିସ୍ତାନ ଏବଂ ତା'ପରେ ଇରାନକୁ ପଠାଯିବ। କିନ୍ତୁ ପାକିସ୍ତାନ ହଠାତ୍ ସେମାନଙ୍କୁ ଦେଶରେ ପ୍ରବେଶ କରିବାକୁ ଅନୁମତି ଦେବାକୁ ମନା କରିଦେଇଥିଲା। ଫଳସ୍ୱରୂପ ବିମାନକୁ ଆମେରିକାକୁ ଫେରିବାକୁ ପଡିଥିଲା।ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟ ପରେ, ପାକିସ୍ତାନ ମଧ୍ୟ ଆମେରିକା ପ୍ରତି ଆକ୍ରମଣାତ୍ମକ ପ୍ରଦର୍ଶନ କରିବା ଆରମ୍ଭ କରିଛି। ପାକିସ୍ତାନର ମନା ପରେ ଇରାନୀ ପ୍ରବାସୀମାନଙ୍କୁ ନେଇ ଯାଉଥିବା ଆମେରିକୀୟ ବିମାନ ଆରିଜୋନା ଫେରିଛି। ରିପୋର୍ଟ ଅନୁଯାୟୀ, ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ବାତିଲ ହୋଇଥିବା ନିର୍ବାସନ ଅଭିଯାନ ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ଗତ କିଛି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଆରିଜୋନାରୁ ଇରାନୀ ନାଗରିକଙ୍କ ଯୋଜନାବଦ୍ଧ ନିର୍ବାସନକୁ ବାତିଲ କରାଯାଇଛି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି ଯେ, ଟ୍ରମ୍ପ ପ୍ରଶାସନ ଇରାନ ଏବଂ ଆଫଗାନିସ୍ତାନ ପ୍ରବାସୀମାନଙ୍କୁ ପାକିସ୍ତାନ ଦେଇ ପଠାଇବା ପାଇଁ ବ୍ୟବସ୍ଥା କରୁଛି। କାରଣ ସେସବୁ ଦେଶ ସହିତ ଆମେରିକାର କୂଟନୈତିକ ସମ୍ପର୍କ ନାହିଁ।

ସୁପ୍ରିମକୋର୍ଟ ପରିସରରେ ହଟିନାହିଁ ନିଷେଧାଦେଶ

ସୂଚନା ଫଳକ ଲଗାଇପାରିବେ କର୍ତ୍ତୃପକ୍ଷ



ନୂଆଦିଲ୍ଲୀ, ୧୧।୧୧: ସୁପ୍ରିମକୋର୍ଟ ପରିସର ଓ ଏହାର ଆଖପାଖ ଅଞ୍ଚଳରେ ଲାଗୁ ହୋଇଥିବା ନିଷେଧାଦେଶ ଏଯାଏ ହଟାଯାଇନାହିଁ। ଏହି ନିଷେଧାଦେଶ ସମ୍ପର୍କରେ ସୂଚନା ଦେବା ପାଇଁ କର୍ତ୍ତୃପକ୍ଷ ପୁନର୍ବାର ସୂଚନା ଫଳକ ଲଗାଇପାରିବେ। ତେବେ ଏହାଦ୍ୱାରା ସୁପ୍ରିମକୋର୍ଟ କିମ୍ବା ଅନ୍ୟ କୌଣସି ଅଦାଲତକୁ ଆସୁଥିବା ଓକିଲ, ମହକିଲ ଓ ଅନ୍ୟ ବ୍ୟକ୍ତିଙ୍କ ଯାତାୟାତରେ ଯେପରି କୌଣସି ବାଧା ସୃଷ୍ଟି ନହୁଏ, ତାହା ନିଶ୍ଚିତ କରିବାକୁ ପଡ଼ିବ। ବୁଧବାର ସୁପ୍ରିମକୋର୍ଟ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଅକ୍ଟୋବର ୧୧ ନିର୍ଦ୍ଦେଶର ୧୬(ଇ) ଅନୁଚ୍ଛେଦକୁ ପ୍ରତ୍ୟାହାର କରି ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ପୂର୍ବ ନିର୍ଦ୍ଦେଶର ଭୁଲ୍ ଅର୍ଥ କରାଯାଉଥିବା ଏବଂ ଏହାର ଅପବ୍ୟବହାର ହେଉଥିବା ଖଣ୍ଡପୀଠ ଜାଣିବାକୁ ପାଇଥିଲେ। ଅକ୍ଟୋବର ୧୦ରେ ଦିଲ୍ଲୀରେ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ହୋଇଥିବା ବିକ୍ଷୋଭରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ଆଗତ ମାମଲାର ଶୁଣାଣି ସମୟରେ ଅକ୍ଟୋବର ୧୧ରେ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଅଦାଲତ ପରିସର ଓ ଏହାର ଆଖପାଖରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୬୩ ଲାଗୁ ହୋଇଥିବା ଦର୍ଶାଇ ଏକ ସୂଚନା ଫଳକ ଲଗାଯାଇଥିଲା। ଏହାକୁ ତୁରନ୍ତ ହଟାଇବାକୁ ଖଣ୍ଡପୀଠ କହିଥିଲେ। ସୁପ୍ରିମକୋର୍ଟ କିମ୍ବା ଅନ୍ୟ ଅଦାଲତକୁ ଯିବାଆସିବା ସମୟରେ ଲୋକଙ୍କ ମନରେ ଯେପରି ଭୟ କିମ୍ବା ଆଶଙ୍କା ସୃଷ୍ଟି ନହୁଏ, ସେଥିପାଇଁ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହାର ଅର୍ଥ ଧାରା ୧୬୩ ଅନୁଯାୟୀ ଜାରି ନିଷେଧାଦେଶକୁ ଉଠାଇ ଦିଆଯାଇଛି ବୋଲି କିଛି ଲୋକ ପ୍ରଚାର କରୁଥିବା ଖଣ୍ଡପୀଠଙ୍କ ନଜରକୁ ଆସିଥିଲା। ନଭେମ୍ବର ୩ରେ ମଧ୍ୟ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ, ପୂର୍ବ ନିର୍ଦ୍ଦେଶର ଉଦ୍ଦେଶ୍ୟ କେବଳ ଅଦାଲତକୁ ଅବାଧ ପ୍ରବେଶ ଓ ପ୍ରସ୍ଥାନ ସୁନିଶ୍ଚିତ କରିବା। ନିଷେଧାଦେଶକୁ ସ୍ଥଗିତ ରଖିବା କିମ୍ବା ଏହାର ପ୍ରଭାବ କମାଇବା ଏହାର ଉଦ୍ଦେଶ୍ୟ ନଥିଲା। ଏହି ନିଷେଧାଦେଶର ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଦୁଇଟି ରିଟ୍ ପିଟିସନ୍ (କ୍ରିମିନାଲ୍) ନମ୍ବର ୪୨୭/୨୦୨୬ ଓ ୪୨୯/୨୦୨୬ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଏହାବ୍ୟତୀତ ଏକାଠି ଶୁଣାଣି ହେଉଥିବା ୩୩ଟି ମାମଲାକୁ ୧୧ଟି ବର୍ଗରେ ବିଭକ୍ତ କରିଛନ୍ତି ଖଣ୍ଡପୀଠ।

ଏୟାର ଇଣ୍ଡିଆ ବିମାନରେ ହାଇଜାକ୍ ଆଲର୍ଟ
କୋଲକାତା-ମୁମ୍ବାଇ ଫ୍ଲାଇଟରେ ଆତଙ୍କ

କୋଲକାତା, ୧୧।୧୧: କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ସେତେବେଳେ ହଇଚଇ ସୃଷ୍ଟି ହୋଇଥିଲା, ଯେତେବେଳେ ଉଡ଼ାଣ ଭରିବାର ଠିକ୍ ପୂର୍ବରୁ ଏୟାର ଇଣ୍ଡିଆର ଏକ ବିମାନରୁ ହାଇଜାକ୍ (ବିମାନ ଅପହରଣ) ଆଲର୍ଟ ଜାରି କରାଯାଇଥିଲା। ବୁଧବାର ସକାଳେ କୋଲକାତାରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆର ଫ୍ଲାଇଟ୍ ଏଆଇ ୭୭୨ରେ ଏହି ଘଟଣା ଘଟିଥିଲା। ସୂତ୍ର ଅନୁଯାୟୀ, ବିମାନ ଉଡ଼ାଣ ଭରିବାର ଠିକ୍ ପୂର୍ବରୁ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି)କୁ ହାଇଜାକ୍ ସମ୍ପର୍କିତ ବାର୍ତ୍ତା ପଠାଇଥିଲେ। ଏହି ଆଲର୍ଟ ମିଳିବା ମାତ୍ରେ ବିମାନବନ୍ଦର କର୍ତ୍ତୃପକ୍ଷ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ତୁରନ୍ତ ସତର୍କ ହୋଇଯାଇଥିଲେ। ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିମାନଟିକୁ ତୁରନ୍ତ ଆଇସୋଲେସନ୍ ବେ (ସୁରକ୍ଷିତ ଅଞ୍ଚଳ)କୁ ନିଆଯାଇଥିଲା। ସୁରକ୍ଷାକର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ବିମାନକୁ ଘେରାଉ କରିଥିଲେ। ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବା ପରେ ବିମାନରେ ବ୍ୟାପକ ଯାଞ୍ଚ ଆରମ୍ଭ କରାଯାଇଥିଲା।ବର୍ତ୍ତମାନ ପାଇଲଟ୍ କାହିଁକି ଏହି ହାଇଜାକ୍ ଆଲର୍ଟ ପଠାଇଥିଲେ, ସେନେଇ ବ୍ୟାପକ ତଦନ୍ତ କରାଯାଉଛି। ଏହି ଆଲର୍ଟ କୌଣସି ବୈଷୟିକ ତ୍ରୁଟିର ପରିଣାମ ଥିଲା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଥିଲା, ତାହା ଜାଣିବାକୁ ବିମାନବନ୍ଦର କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ଅଧିକାରୀମାନେ ଉଦ୍ୟମ କରୁଛନ୍ତି। ଏହା ପୂର୍ବରୁ ଅକ୍ଟୋବର ମାସରେ ମଧ୍ୟ କୋଲକାତା ବିମାନବନ୍ଦରରେ କ୍ରମାଗତ ଦୁଇ ଦିନ ଧରି ବୋମା ଥିବା ଗୁଜବ ଯୋଗୁଁ ଆତଙ୍କ ସୃଷ୍ଟି ହୋଇଥିଲା।

ଟ୍ରାକରୁ ଖସିଗଲା ଏକ୍ସପ୍ରେସର ୭ ବଗି



ଗୌହାଟୀ, ୧୧।୧୧ : ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା। ଆସାମରେ ବୁଧବାର ସକାଳେ ଏକ ଟ୍ରେନ୍ ଦୁର୍ଘଟଣାର ଶିକାର ହୋଇଛି। ଗୌହାଟୀ ନିକଟବର୍ତ୍ତୀ ଡିଙ୍ଗାରୁ ଅଞ୍ଚଳରେ କୋଲକାତା-ସେରାଙ୍ଗ୍ ଏକ୍ସପ୍ରେସର ସାତୋଟି ବଗି ଲାଇନଚ୍ୟୁତ ହୋଇଛି । ଏଥିରେ ଅନେକ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଦୁର୍ଘଟଣାରେ କେହି ପ୍ରାଣ ହରାଇ ନାହାଁନ୍ତି । କିଛି ଯାତ୍ରୀଙ୍କୁ ସାମାନ୍ୟ ଆଘାତ ଲାଗିଛି। ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ରିପୋର୍ଟ ଅନୁସାରେ, ଟ୍ରେନ୍ ନମ୍ବର ୧୩୧୨୫ କୋଲକାତା-ସେରାଙ୍ଗ ଏକ୍ସପ୍ରେସ୍ ବୁଧବାର ସକାଳ ୬ଟା ୫୪ରେ ଡିଙ୍ଗାରୁ ଷ୍ଟେସନ୍ ଅଭିମୁଖେ ଯାତ୍ରା କରୁଥିଲା। ଏହି ସମୟରେ ଅନ୍ୟ ଏକ ଟ୍ରେନକୁ ରାସ୍ତା ଦେବା ପାଇଁ ଏକ୍ସପ୍ରେସଟି ଷ୍ଟେସନ ଯାଉଥିଲା । କିନ୍ତୁ ଟ୍ରେନର ଗତି ନିୟନ୍ତ୍ରଣ ହୋଇ ପାରିନଥିଲା । ଫଳରେ ଏହାର ୭ଟି ବଗି ଧାରଣାରୁ ବାହାରି ଯାଇଥିଲା।

ରବି ଫସଲ ପାଇଁ ୬୨,୩୭୦ କୋଟିର ସାର ସବସିଡି



ନୂଆଦିଲ୍ଲୀ, ୧୧।୧୧: ରବି ଫସଲ ଋତୁ ୨୦୨୬-୨୭ ପାଇଁ ଚାଷୀଙ୍କୁ ସାର ରିହାତି ଦରରେ ଯୋଗାଇ ଦେବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୨,୩୭୦.୦୨ କୋଟି ଟଙ୍କାର ସବସିଡିକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରି ମିଳିଛି। ଫସ୍ଫେଟ୍ ଓ ପଟାସ୍ ଯୁକ୍ତ (ପିଆଣ୍ଡକେ) ସାର ଉପରେ ପୋଷକତତ୍ତ୍ୱ ଆଧାରିତ ସବସିଡି (ଏନବିଏସ୍) ଯୋଜନାରେ ଏହି ରିହାତି ଦିଆଯିବ। ୨୦୨୬ ଅକ୍ଟୋବର ୧ରୁ ୨୦୨୭ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଚଳିତ ରବି ଋତୁ ପାଇଁ ସାର ସବସିଡି ବାବଦରେ ପ୍ରାୟ ୬୨,୩୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ଗତବର୍ଷ ରବି ଋତୁରେ ଏଥିପାଇଁ ୩୭,୯୫୨.୨୯ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଅର୍ଥାତ୍ ଗତବର୍ଷ ତୁଳନାରେ ଏଥର ସବସିଡି ବଜେଟ୍ ପ୍ରାୟ ୨୪,୪୧୭.୭୩ କୋଟି ଟଙ୍କା ବୃଦ୍ଧି ପାଇଛି। ଏହି ନିଷ୍ପତ୍ତି ଫଳରେ ଚାଷୀମାନେ ଡିଏପି ଏବଂ ଏନପିକେଏସ୍ ସମେତ ବିଭିନ୍ନ ପ୍ରକାରର ଫସଫେଟ୍ ଓ ପଟାସ୍ ଯୁକ୍ତ ସାର ରିହାତି ଦରରେ ପାଇପାରିବେ। ଅନ୍ତର୍ଜାତୀୟ ବଜାରରେ ସାର ଓ ଏହାର କଞ୍ଚାମାଲର ଦରରେ ହେଉଥିବା ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସବସିଡି ହାର ନିର୍ଦ୍ଧାରଣ କରାଯାଇଛି। ବର୍ତ୍ତମାନ କେନ୍ଦ୍ର ସରକାର ୨୮ ପ୍ରକାରର ପି ଆଣ୍ଡ କେ ସାର ଚାଷୀଙ୍କୁ ରିହାତି ଦରରେ ଯୋଗାଇ ଦେଉଛନ୍ତି।

ବନ୍ଦ ହେଲା କେଦାରନାଥ ଧାମର ଦର୍ଶନ

ନୂଆଦିଲ୍ଲୀ, ୧୧।୧୧: ଶୀତ ଋତୁର ଆଗମନ ସହ ବନ୍ଦ ହୋଇଛି ପ୍ରସିଦ୍ଧ କେଦାରନାଥ ଧାମର ଦ୍ୱାର। ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପାରମ୍ପରିକ ନୀତିକାନ୍ତି ସମ୍ପନ୍ନ ହେବା ପରେ ଆଜି ସକାଳ ୮ଟା ୩୦ ମିନିଟରେ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ କରାଯାଇଛି ବାବା କେଦାରନାଥଙ୍କ ମନ୍ଦିର ଦ୍ୱାର। ପ୍ରବଳ ତୁଷାରପାତ ଓ ଅତ୍ୟଧିକ ଥଣ୍ଡାକୁ ଦୃଷ୍ଟିରେ ରଖି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଧାମରେ ଦର୍ଶନ ବନ୍ଦ ରହିବ। ତେବେ ଏହି ସମୟରେ ମଧ୍ୟ ଭକ୍ତମାନେ ବାବାଙ୍କ ଦର୍ଶନରୁ ବଞ୍ଚିତ ହେବେ ନାହିଁ। ଶୀତକାଳୀନ ପୂଜା ପାଇଁ ପ୍ରଭୁ କେଦାରନାଥଙ୍କ ଚଳନ୍ତି ବିଗ୍ରହ ଓଁକାରେଶ୍ୱର ମନ୍ଦିରକୁ ସ୍ଥାନାନ୍ତର ହେବେ। ସେଠାରେ ଶ୍ରଦ୍ଧାଳୁମାନେ ବାବାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିପାରିବେ। ସେହିପରି ଆଜି ସକାଳ ପ୍ରାୟ ୧୦ଟା ୩୦ ମିନିଟରେ ଗଙ୍ଗୋତ୍ରୀ ଧାମର କବାଟ ମଧ୍ୟ ବନ୍ଦ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ଆସନ୍ତା ୧୬ ତାରିଖରେ ବଦ୍ରିନାଥ ଧାମର ଦ୍ୱାର ବନ୍ଦ ହେବାକୁ ଯାଉଛି।

କୋଳରେ ଶିଶୁଙ୍କୁ ଧରି ଆସଲ୍ଟ ରାଇଫଲ୍ ଚଳାଇବା ଶିଖୁଛନ୍ତି ଇରାନୀ ମହିଳା

ତେହେରାନ, ୧୧।୧୧: ଆମେରିକା ସହିତ ବଢୁଥିବା ଉତ୍ତେଜନା ଏବଂ ସମ୍ଭାବ୍ୟ ସାମରିକ ଆକ୍ରମଣର ଆଶଙ୍କା ମଧ୍ୟରେ ଇରାନ ଏବେ ଦେଶର ମହିଳାମାନଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ କରୁଛି। ରାଜଧାନୀ ତେହେରାନର ଆଜାଦୀ ସ୍କୋୟାରରେ ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ସାମରିକ ତାଲିମ ଶିବିର ପ୍ରତିଷ୍ଠା କରାଯାଇଛି। ସେଠାରେ ମହିଳାମାନେ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ଶିକ୍ଷା ସହିତ କଠିନ ପରିସ୍ଥିତିରେ ଶତ୍ରୁର ମୁକାବିଲା ଏବଂ ଦେଶକୁ ରକ୍ଷା କରିବା ମଧ୍ୟ ଶିଖୁଛନ୍ତି। ଇରାନର ଏହି ପଦକ୍ଷେପ ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ଇରାନର ଏହି ସ୍ୱତନ୍ତ୍ର ତାଲିମ କେନ୍ଦ୍ରରେ ମହିଳାମାନଙ୍କୁ ବିଭିନ୍ନ ସାମରିକ କାର୍ଯ୍ୟକଳାପରେ ତାଲିମ ଦିଆଯାଉଛି। ସୋସିଆଲ ମିଡିଆରେ ପ୍ରସାରିତ ଫଟୋ ଏବଂ ଭିଡିଓରେ ମହିଳାମାନଙ୍କୁ ଆସଲ୍ଟ ରାଇଫଲ୍ ସହ ଅଭ୍ୟାସ କରୁଥିବାର ଦେଖାଯାଉଛି। କେତେକ ଉଚ୍ଚ କାନ୍ଥ ଚଢ଼ିବାକୁ ଚେଷ୍ଟା କରୁଛନ୍ତି, ଅନ୍ୟମାନେ ଜିପଲାଇନ୍ ଦ୍ୱାରା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ପହଞ୍ଚିବାର ଅଭ୍ୟାସ କରୁଛନ୍ତି। ଏହି ଶିବିରର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଯେ କେବଳ ଯୁବତୀମାନେ ନୁହେଁ ବରଂ ନିଜ ନିଜ ଛୋଟ ଶିଶୁଙ୍କୁ କୋଳରେ ଧରି ମହିଳାମାନେ ମଧ୍ୟ ଯୋଗ ଦେଉଛନ୍ତି। ଅଲ୍ ଜଜିରା ଅନୁଯାୟୀ, ଇରାନୀ ଅଧିକାରୀମାନେ କହିଛନ୍ତି ଯେ, ଏହି ତାଲିମର ଲକ୍ଷ୍ୟ ମହିଳାମାନଙ୍କୁ ଆମେରିକାର ସମ୍ଭାବ୍ୟ ସ୍ଥଳ ଆକ୍ରମଣ ପାଇଁ ପ୍ରସ୍ତୁତ କରିବା। ସାମରିକ ଅଭ୍ୟାସ ବ୍ୟତୀତ ସେମାନଙ୍କୁ ଜରୁରୀକାଳୀନ ରିଲିଫ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ବିଷୟରେ ମଧ୍ୟ ତାଲିମ ଦିଆଯାଉଛି।

ଦିଲ୍ଲୀ-ଏନସିଆରରେ ପ୍ରାକ୍-ଦୀପାବଳି ପ୍ରଦୂଷଣ ୩ ବର୍ଷର ସର୍ବୋଚ୍ଚ ସ୍ତରରେ
୨୦୨୫ ତୁଳନାରେ ୯୭ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ, ୧୧।୧୧: ଶୀତ ଋତୁ ଆରମ୍ଭରୁ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର)ରେ ବାୟୁ ପ୍ରଦୂଷଣ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଦୀପାବଳିର ଠିକ୍ ପୂର୍ବରୁ ଏଠାରେ ସୂକ୍ଷ୍ମ ଧୂଳିକଣା ପିଏମ୍୨.୫ର ହାରାହାରି ମାତ୍ରା ଗତ ୩ ବର୍ଷ ମଧ୍ୟରେ ସର୍ବାଧିକ ରହିଥିବା ଜଣାପଡ଼ିଛି। ବିଜ୍ଞାନ ଓ ପରିବେଶ କେନ୍ଦ୍ର (ସିଏସ୍‌ଇ) ପକ୍ଷରୁ ବୁଧବାର ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ରିପୋର୍ଟ ଅନୁସାରେ, ଦୀପାବଳି ପୂର୍ବ ସପ୍ତାହରେ ପିଏମ୍୨.୫ର ହାରାହାରି ମାତ୍ରା ଘନମିଟର ପ୍ରତି ୨୩୬ ମାଇକ୍ରୋଗ୍ରାମ୍ ରହିଥିଲା। ଏହା ୨୦୨୫ର ସମାନ ସମୟର ୧୨୦ ମାଇକ୍ରୋଗ୍ରାମ୍ ତୁଳନାରେ ୯୭ ପ୍ରତିଶତ ଏବଂ ୨୦୨୪ର ୧୭୯ ମାଇକ୍ରୋଗ୍ରାମ୍ ତୁଳନାରେ ୩୨ ପ୍ରତିଶତ ଅଧିକ। ସିଏସ୍‌ଇର ଗବେଷଣା ଓ ଅଭିଯାନ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁମିତା ରାୟଚୌଧୁରୀ କହିଛନ୍ତି, ଚଳିତ ବର୍ଷ ଶୀତ ଋତୁ ପୂର୍ବରୁ ହିଁ ପ୍ରଦୂଷଣର ସ୍ତର ପୂର୍ବବର୍ଷଗୁଡ଼ିକ ତୁଳନାରେ ଅଧିକ ରହିଛି। ବର୍ଷସାରା ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସିଏସ୍‌ଇ ଏହି ଅଧ୍ୟୟନ ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ବାୟୁ ଗୁଣବତ୍ତା ତଥ୍ୟ, ଭାରତୀୟ ଉଷ୍ଣମଣ୍ଡଳୀୟ ପାଣିପାଗ ବିଜ୍ଞାନ ସଂସ୍ଥା (ଆଇଆଇଟିଏମ୍)ର ପ୍ରଦୂଷଣ ଉତ୍ସ ଆକଳନ, ଭାରତୀୟ କୃଷି ଗବେଷଣା ସଂସ୍ଥାର ନଡ଼ାପୋଡ଼ି ତଥ୍ୟ ଏବଂ ଟମଟମ୍ କମ୍ପାନିର ଯାତାୟାତ ସମ୍ପର୍କିତ ତଥ୍ୟକୁ ଆଧାର କରିଛି। ନଭେମ୍ବର ୧ରୁ ୮ ମଧ୍ୟରେ ଦିଲ୍ଲୀର ପିଏମ୍୨.୫ ପ୍ରଦୂଷଣର ୫୪.୪୩ ପ୍ରତିଶତ ପଡ଼ୋଶୀ ଏନ୍‌ସିଆର୍ ଅଞ୍ଚଳରୁ ଆସିଥିବା ବେଳେ ସ୍ଥାନୀୟ ଉତ୍ସର




ଅବଦାନ ୩୩.୦୬ ପ୍ରତିଶତ ଏବଂ ନଡ଼ାପୋଡ଼ିର ଅବଦାନ ୧୪.୨୯ ପ୍ରତିଶତ ଥିଲା। ସ୍ଥାନୀୟ ପ୍ରଦୂଷଣ ଉତ୍ସ ମଧ୍ୟରେ ଯାନବାହନ ଧୂଆଁ ସବୁଠାରୁ ଅଧିକ ଦାୟୀ। ଏହାର ଅବଦାନ ୫୨ ପ୍ରତିଶତ ଥିବା ବେଳେ ଘରୋଇ କାର୍ଯ୍ୟକଳାପରୁ ୧୩ ପ୍ରତିଶତ ଏବଂ ଦିଲ୍ଲୀ ଉପକଣ୍ଠର ଶିଳ୍ପାନୁଷ୍ଠାନରୁ ୧୧ ପ୍ରତିଶତ ପ୍ରଦୂଷଣ ହେଉଛି। ନିର୍ମାଣ କାର୍ଯ୍ୟର ଅବଦାନ ୭ ପ୍ରତିଶତ ରହିଛି। ଏହାବ୍ୟତୀତ ଶକ୍ତି ବ୍ୟବହାର ଓ ଆବର୍ଜନା ପୋଡ଼ିବାରୁ ୫ ପ୍ରତିଶତ ଲେଖାଏଁ ପ୍ରଦୂଷଣ ହେଉଛି। ରିପୋର୍ଟରେ ଦିଲ୍ଲୀରେ ନଡ଼ାପୋଡ଼ିର ପ୍ରଭାବ ହ୍ରାସ ପାଇଥିଲେ ମଧ୍ୟ ପ୍ରଦୂଷଣ ଗମ୍ଭୀର ରହିଥିବା କୁହାଯାଇଛି।

ପାକିସ୍ତାନ ପୋଲିସ ଟିମ୍ ଉପରେ ଆକ୍ରମଣ: ୧୧ ନିହତ

ଇସ୍ଲାମାବାଦ, ୧୧।୧୧: ପାକିସ୍ତାନର ଖାଇବର ପଖତୁନଖା ପ୍ରଦେଶରେ ଆଜି ଏକ ପୁଲିସ ଟିମ୍ ଉପରେ ଆକ୍ରମଣ ହୋଇଛି। ଏଥିରେ ଜଣେ ଡିଏସପି ଓ ଜଣେ ଏସ୍‌ଆଇଙ୍କ ସମେତ ୧୧ ପୁଲିସ ନିହତ ହୋଇଥିବା ବେଳେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ପୁଲିସ ଟିମ୍ କୋହଟର ଗମ୍ବଟ ଅଞ୍ଚଳରେ ଥିବା ଏକ ବେଆଇନ ସୁନା ଖଣିରେ ଚଢ଼ଉ ପାଇଁ ଯାଉଥିବା ସମୟରେ କୋହଟ ଓ କରକ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏହି ଆକ୍ରମଣ ହୋଇଥିଲା। ପାର୍ଶ୍ୱବର୍ତ୍ତୀ ପାହାଡ଼ ଉପରୁ ଆକ୍ରମଣକାରୀମାନେ ଗୁଳି ଚଳାଇଥିଲେ। ଏଥିରେ ଅନେକ ପୋଲିସ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୫ଟି ଗାଡ଼ିକୁ ଜାଳି ଦିଆଯାଇଛି। କୋହଟ ପୁଲିସ ମୁଖପାତ୍ର ମହମ୍ମଦ ନୌମାନ ଜେବ୍ କହିଛନ୍ତି, ଆକ୍ରମଣକାରୀ ଓ ପୁଲିସ ଟିମ୍ ମଧ୍ୟରେ କିଛି ସମୟ ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ୧୧ ପୁଲିସଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଆହତ ହୋଇଥିଲେ। ନିହତଙ୍କ ମଧ୍ୟରେ ଗମ୍ବଟ ଡିଏସ୍ପି ହାଇଦର ଜାମନ ଓ ଏସ୍‌ଆଇ ମୁଖତିଆର୍ ରହିଛନ୍ତି। ଆହତଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟାଳୟ ଟିଚିଂ ହସ୍ପିଟାଲ୍ରେ ଜରୁରିକାଳୀନ ସେବା ଘୋଷଣା କରାଯାଇଛି।

ପୁଣି କରୋନାର ୟୁଟର୍ଣ୍ଣ: ନୂଆ ଭାରିଏଣ୍ଟ ଚିହ୍ନଟ ପରେ ବିଶ୍ୱରେ ଆତଙ୍କ



ଓଟାଓ୍ୱା ୧୧/୧୧ : କରୋନା ମହାମାରୀର ଭୟ ମନରୁ ନଲିଭୁଣୁ ପୁଣି ଥରେ ନୂଆ ରୂପରେ ସାମ୍ନାକୁ ଆସିଛି କରୋନା ଭାଇରସ୍। ବିଶ୍ୱର ବିଭିନ୍ନ ଦେଶରେ ଏବେ ଚର୍ଚ୍ଚାରେ କରୋନାର ନୂଆ ଭାରିଏଣ୍ଟ PJ.୨.୧। ବୈଜ୍ଞାନିକଙ୍କ ମତରେ, ଏହି ଭାରିଏଣ୍ଟରେ ଅନେକ ଜେନେଟିକ୍ ପରିବର୍ତ୍ତନ ଦେଖିବାକୁ ମିଳିଛିଫ କରୋନା ଭାଇରସର ଏହି ନୂଆ ଅବତାର ପୂର୍ବ ଅପେକ୍ଷା ଅଧିକ ବିପଦ ବୋଲି କୁହାଯାଉଛି। ପିଜେ.୨.୧ ନାମକ ଏକ ନୂତନ ଭୂତାଣୁ ଚିହ୍ନଟ ହେବା ପରେ ଏହାକୁ ନେଇ ଏବେ ଚାରିଆଡେ ଖେଳିଯାଇଛି ଆତଙ୍କ। ପିଜେ.୨.୧ ହେଉଛି କରୋନା ଭାଇରସର ଏକ ନୂତନ ପ୍ରକାର, SARS-CoV-୨ । ଏହା ଓମିକ୍ରନ୍ ବଂଶର ଏକ ଉପ-ଭାରିଏଣ୍ଟ । ବୈଜ୍ଞାନିକମାନେ ରିସର୍ଚ୍ଚ କରୁଛନ୍ତି ଯେ ଏହି ଭାରିଏଣ୍ଟ କେତେ ଶୀଘ୍ର ମଣିଷ ଶରୀରରେ ବ୍ୟାପିପାରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ଉପରେ କେତେ ପ୍ରଭାବ ପକାଇବ। ଜର୍ମାନ ବୈଜ୍ଞାନିକ ମାର୍କସ୍ ହଫମ୍ୟାନ୍ ଏବଂ ତାଙ୍କ ଦଳ ପି.ଜେ.୨.୧ ର ସଂକ୍ରମଣ ଢାଞ୍ଚା ଏବଂ ଏହାର ସ୍ପାଇକ୍ ପ୍ରୋଟିନର ଆଚରଣ ଅଧ୍ୟୟନ କରିଥିଲେ। ଏଥିରୁ ପ୍ରକାଶ ପାଇଥିଲା ଯେ ପିଜେ.୨.୧ରେ କିଛିଟା ପରିବର୍ତ୍ତନ ଅଛି ଯାହା ଏହାକୁ ମାନବ ଶରୀରର କୋଷରେ ପ୍ରବେଶ କରିବାରେ ସାହାଯ୍ୟ କରିପାରେ। ମିଳିଥିବା ସୂଚନା ଅନୁଯାଇ ପିଜି.୨.୧ ପ୍ରଥମ ଥର ଗତ ମେ ମାସରେ କାନାଡାର ଅଣ୍ଟାରିଓରେ ଚିହ୍ନଟ ହୋଇଥିଲା । ପରବର୍ତ୍ତୀ ସମୟରେ, ଆମେରିକା, ୟୁରୋପ ଏବଂ ଏସିଆର କିଛି ଅଂଶରେ ଏହାର କାୟାବିସ୍ତାର କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି । ତେବେ ଏହି ନୂଆ ଭାରିଏଣ୍ଟକୁ ନେଇ ଏବେଠାରୁ ଆତଙ୍କିତ ହେବାର ଆବଶ୍ୟକତା ନାହିଁ । ପ୍ରାଥମିକ ଗବେଷଣାରେ ଏହା ପୂର୍ବ ଭାରିଏଣ୍ଟ ତୁଳନାରେ ଅଧିକ ଗୁରୁତର ବୋଲି କୌଣସି ଠୋସ୍ ପ୍ରମାଣ ଏଯାଏଁ ମିଳିନାହିଁ । ସେପଟେ ଏହି ଭାରିଏଣ୍ଟ ଭାରତରେ ଚିହ୍ନଟ ହୋଇଥିବା ନେଇ ସ୍ପଷ୍ଟ ତଥ୍ୟ ମିଳିନାହିଁ। ତଥାପି ଦେଶରେ ସତର୍କ ସୂଚନା ଜାରି କରାଯାଇଛି।

ଜାଲ୍ କାଗଜପତ୍ର ମାଧ୍ୟମରେ ଜମି ଠକେଇ, ୩ ଧରାପଡ଼ିଲେ

ଭୁବନେଶ୍ୱର(ନି.ପ୍ର): ଜାଲ କାଗଜପତ୍ର ମାଧ୍ୟମରେ ଜମି ଠକେଇ କରିବା ଅଭିଯୋଗରେ ବଡଗଡ ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅମିତ କୁମାର ସାହୁ, ଜାମିନିକାନ୍ତ ରାଉତ ଓ ପ୍ରୟାଗ ଗୌଡ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ଡଃ ସୀମନ୍ତ ଦାସ ୨୦୨୩ ମସିହାରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଆରବି ଶାଖା ଦ୍ୱାରା ଆୟୋଜିତ ନିଲାମ ପ୍ରକ୍ରିୟାରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ଭୁବନେଶ୍ୱର ଟାଉନ ୟୁନିଟ୍ ନଂ-୩୦, ପ୍ଲଟ୍ ନଂ-୧୮୨୫/୩୪୨୯, ୧୭୪୦ ବର୍ଗଫୁଟ ଜମି ସହିତ ଏକ ଘରକୁ ୫୨ ଲକ୍ଷ ଟଙ୍କାରେ ଆଇନଗତ ଭାବେ କ୍ରୟ କରିଥିଲେ । ଆଇନ ଅନୁଯାୟୀ ବ୍ୟାଙ୍କ ପୋଲିସ ଉପସ୍ଥିତିରେ ତାଙ୍କୁ ରେଜିଷ୍ଟ୍ରିକୃତ ବିକ୍ରୟ ଦଲିଲ ଓ ଘରର ଦଖଲ ହସ୍ତାନ୍ତର କରିଥିଲା । ପରବର୍ତ୍ତୀ ସମୟରେ, ବ୍ୟାଙ୍କରୁ ୨୨ ଲକ୍ଷ ଟଙ୍କା ଋଣ ନେଇ ପରିଶୋଧ କରିନଥିବା ପୂର୍ବତନ ମାଲିକ ଜମିନୀକାନ୍ତ ରାଉତ ଷଡ଼ଯନ୍ତ୍ର କରି ଉକ୍ତ ସମ୍ପତ୍ତିକୁ ବେଆଇନ ଭାବେ ପୁନର୍ବାର ଦଖଲ କରିବାକୁ ଯୋଜନା କରିଥିଲେ। ଏହି ଯୋଜନା ଅନୁଯାୟୀ, ଅଭିଯୁକ୍ତ ଜାମିନୀକାନ୍ତ ରାଉତ ନିଜକୁ ପ୍ରକୃତ ମାଲିକ ଡଃ ସୀମନ୍ତ ଦାସ ବୋଲି ପରିଚୟ ଦେଇ ତାଙ୍କର ନକଲି ଆଧାର କାର୍ଡ ଓ ପାନ୍ କାର୍ଡ ପ୍ରସ୍ତୁତ କରିଥିଲେ। ଏହି ଜାଲ୍ ପରିଚୟପତ୍ର ବ୍ୟବହାର କରି ଗତ ୧୪.୧୧.୨୦୨୫ ରେ ସହ ଅଭିଯୁକ୍ତ ଅମିତ କୁମାର ସାହୁଙ୍କ ନାମରେ ୧,୦୪,୭୫,୧୮୫ ଟଙ୍କାର ମିଥ୍ୟା ବିକ୍ରୟ ମୂଲ୍ୟ ଦର୍ଶାଇ ଏକ ଜାଲିଆତିପୂର୍ଣ୍ଣ ବିକ୍ରୟ ଦଲିଲ ପ୍ରସ୍ତୁତ କରିଥିଲେ। ଏହି କାରବାର ବାବଦରେ ଅଭିଯୋଗକାରୀ କୌଣସି ଟଙ୍କା ପାଇନଥିଲେ। ଅଭିଯୁକ୍ତ ଅମିତ କୁମାର ସାହୁ ମଧ୍ୟ ଏଥିପାଇଁ କୌଣସି ଟଙ୍କା ପ୍ରଦାନ କରିନଥିଲେ । ପରେ ଅମିତ କୁମାର ସାହୁ ଏହି ଜାଲିଆତି ସମ୍ପର୍କରେ ଜାଣିଥାଇ ମଧ୍ୟ ଉକ୍ତ ସମ୍ପତ୍ତିକୁ ସସ୍ମିତା ଜେନାଙ୍କୁ ବିକ୍ରୟ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଭୁବନେଶ୍ୱର ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟରତ ଅଭିଯୁକ୍ତ ପ୍ରୟାଗ ଗୌଡ଼ ଏହି ଅପରାଧରେ ସକ୍ରିୟ ଭାବେ ସହଯୋଗ କରିଥିଲେ । ସେ ଜାଲ୍ ଆଧାର ବିବରଣୀକୁ ରେଜିଷ୍ଟ୍ରେସନ୍ ସିଷ୍ଟମ୍‌ରେ ଅପଲୋଡ୍ କରିବା ସହ ଓଟିପି ଜେନେରେସନ୍ ପ୍ରକ୍ରିୟାରେ ହେରଫେର କରି ଅଭିଯୁକ୍ତଙ୍କୁ ଅନ୍ୟ ଜଣଙ୍କ ପରିଚୟରେ ଦଲିଲ ପଞ୍ଜୀକରଣ କରିବାରେ ସହାୟତା କରିଥିଲେ । ଶେଷରେ, ଗତ ୨୬.୦୯.୨୦୨୬ ରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ଘରର ତାଲା ଜୋରଜବରଦସ୍ତି ଭାଙ୍ଗି ବେଆଇନ ଭାବେ ଘର ଦଖଲ କରିଥିଲେ। ଏହି ଘଟଣାକୁ ନେଇ ଅଭିଯୋଗକାରୀଙ୍କ ରିପୋର୍ଟ ଆଧାରରେ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ବ୍ୟାଙ୍କ ନିଲାମ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜପତ୍ର ଏବଂ ଜମି ପଞ୍ଜୀକରଣ ସମ୍ବନ୍ଧୀୟ ଦଲିଲ ଜବତ କରିଥିଲା । ବିକ୍ରୟ ଦଲିଲ ପଞ୍ଜୀକରଣ ସମୟର ଭିଡିଓ ରେକର୍ଡିଂ ଫୁଟେଜ୍ ଯୋଗାଇଦେବା ପାଇଁ ଭୁବନେଶ୍ୱର ସବ୍-ରେଜିଷ୍ଟ୍ରାରଙ୍କୁ ଚିଠି ଲେଖାଯାଇଥିଲା। ତେବେ ସେହି ସମୟର କୌଣସି ଭିଡିଓ ଫୁଟେଜ୍ ଉପଲବ୍ଧ ନଥିବା ଜଣାପଡ଼ିଥିଲା । ବିଶ୍ୱସନୀୟ ସୂଚନା ଆଧାରରେ ପୋଲିସ ତିନିଜଣ ଅଭିଯୁକ୍ତଙ୍କୁ ଧରି ପଚରାଉଚରା କରିଥିଲା। ତଦନ୍ତରୁ ଏହି ଅପରାଧରେ ସେମାନଙ୍କ ସମ୍ପୃକ୍ତି ସମ୍ପର୍କରେ ପ୍ରାଥମିକ ପ୍ରମାଣ ମିଳିଥିଲା। ଅପରାଧରେ ବ୍ୟବହୃତ ଅଭିଯୁକ୍ତମାନଙ୍କ ମୋବାଇଲ୍ ଫୋନ୍ ଓ ଏକ ହୋଣ୍ଡା ଆକ୍ଟିଭା ସ୍କୁଟର ଜବତ କରାଯାଇଥିଲା । ତଦନ୍ତରୁ ପ୍ରାଥମିକ ଭାବେ ଜଣାପଡ଼ିଛି ଯେ, ଅନ୍ୟ ଜଣଙ୍କ ପରିଚୟ ଦେଇ ଜାଲ୍ ଦଲିଲ ପ୍ରସ୍ତୁତ କରିବା ଏବଂ ଠକେଇପୂର୍ଣ୍ଣ ଭାବେ ଜମି ପଞ୍ଜୀକରଣ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଥିଲା। ଏଥିରେ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟର କର୍ମଚାରୀଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଛି। ଏହି ଘଟଣାରେ ଅନ୍ୟ କର୍ମଚାରୀଙ୍କ ସମ୍ଭାବ୍ୟ ସମ୍ପୃକ୍ତି ଏବଂ ସସ୍ମିତା ଜେନାଙ୍କ ନାମରେ ହୋଇଥିବା ପରବର୍ତ୍ତୀ ବିକ୍ରୟ କାରବାର ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।

ଚାକିରି ଦେବାକୁ ଡାକି ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ଚାକିରୀ ଦେବାର ପ୍ରଲୋଭନ ଦେଖାଇ ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ମହିଳା ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଦୀନେଶ ସେଠୀ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଅଭିଯୋଗକାରିଣୀ ଜଣେ ବିବାହିତ ମହିଳା ଏବଂ ତାଙ୍କର ଗୋଟିଏ ଝିଅ ଅଛନ୍ତି। ତାଙ୍କ ସ୍ୱାମୀ ଓଡ଼ିଶା ବାହାରେ କାମ କରୁଥିବାବେଳେ, ସେ ଗତ ଏକ ମାସ ହେବ ଚାକିରି ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ରହୁଥିଲେ । ଗତ ୦୬.୧୧.୨୦୨୬ ରେ ସ୍ନାପଚାଟ୍ ମାଧ୍ୟମରେ ତାଙ୍କର ଦିନେଶ ନାମକ ଜଣେ ଯୁବକଙ୍କ ସହ ପରିଚୟ ହୋଇଥିଲା । ଦିନେଶ ନିଜକୁ ଏକ ନିର୍ମାଣ କାର୍ଯ୍ୟସ୍ଥଳର ସୁପରଭାଇଜର ବୋଲି ପରିଚୟ ଦେଇ ଗୌତମ ନଗରସ୍ଥିତ ନିର୍ମାଣସ୍ଥଳରେ ତାଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲେ । ଏହି ଆଶ୍ୱାସନା ପାଇ ମହିଳା ଜଣକ ଗତ ୦୭.୧୧.୨୦୨୬ ସନ୍ଧ୍ୟା ପ୍ରାୟ ୬ଟା ରେ ସେଠାରେ ପହଞ୍ଚିଥିଲେ। କିଛି ସମୟ କଥାବାର୍ତ୍ତା ପରେ ଅଭିଯୁକ୍ତ ତାଙ୍କୁ ନିଜ ରୁମ୍‌କୁ ନେଇ ଚାକିରି ଦେବା ପାଇଁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ । ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ଅଭିଯୁକ୍ତ ଜୋରଜବରଦସ୍ତ ତାଙ୍କ ସହ ଦୁଷ୍କର୍ମ କରିଥିଲେ । ଏହି ଘଟଣା କାହାକୁ ଜଣାଇଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେବାରୁ ଭୟରେ ମହିଳା ଜଣକ ଘଟଣା ସମ୍ପର୍କରେ କାହାକୁ ଜଣାଇନଥିଲେ। ପରେ ୧୦.୧୧.୨୦୨୬ ସକାଳେ ଅଭିଯୁକ୍ତ ନିଜ ହ୍ୱାଟ୍ସଆପ୍ ନମ୍ବରରୁ ମହିଳାଙ୍କ ମୋବାଇଲକୁ ସେମାନଙ୍କ ଶାରୀରିକ ସମ୍ପର୍କର ଭିଡିଓ ପଠାଇଥିଲେ। ଏହାକୁ ନେଇ ତାଙ୍କୁ ବ୍ଲାକମେଲ୍ କରିବା ସହ ପୁନର୍ବାର ଦେଖା କରିବା ଏବଂ ୧ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ଏପରିକି ତାଙ୍କୁ ନଗ୍ନ ଅବସ୍ଥାରେ ଦେଖାଇଲେ ଭିଡିଓ ଡିଲିଟ୍ କରିଦେବେ ବୋଲି କହିଥିଲେ। ଭୟ ଓ ଚାପରେ ମହିଳା ଜଣକ ତାଙ୍କ କଥା ମାନିଥିଲେ । କିନ୍ତୁ ଅଭିଯୁକ୍ତ ବାରମ୍ବାର ସମାନ ଦାବି କରି ତାଙ୍କୁ ହଇରାଣ କରି ଚାଲିଥିଲେ। ଏହି ନିର୍ଯାତନା ସହି ନପାରି ମହିଳା ଜଣକ ସମସ୍ତ ଘଟଣା ନିଜ ସ୍ୱାମୀଙ୍କୁ ଜଣାଇଥିଲେ। ତାଙ୍କ ସ୍ୱାମୀ ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ଯୋଗାଯୋଗ କରିବାରୁ ଅଭିଯୁକ୍ତ ପ୍ରତିଶୋଧ ପରାୟଣ ହୋଇ ମହିଳାଙ୍କ ସମସ୍ତ ନଗ୍ନ ଫଟୋ ତାଙ୍କ ସ୍ୱାମୀଙ୍କ ମୋବାଇଲକୁ ପଠାଇଥିଲେ। ଏଥିସହ ଉକ୍ତ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିବା ସହ ମହିଳାଙ୍କୁ ହତ୍ୟା କରିବାର ଧମକ ମଧ୍ୟ ଦେଇଥିଲେ । ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇଥିବା ବେଳେ ଏକ ଭରସାଯୋଗ୍ୟ ସୂତ୍ରରୁ ଅଭିଯୁକ୍ତ ଦିନେଶ ବାପୁଜୀନଗର ଅଞ୍ଚଳରେ ବୁଲୁଥିବା ଖବର ପାଇଥିଲା। ଏହି ସୂଚନା ଆଧାରରେ ପୋଲିସ ଟିମ୍ ତୁରନ୍ତ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଥିଲା । ଯାଞ୍ଚ ସମୟରେ ଉକ୍ତ ମୋବାଇଲରେ ଅଭିଯୋଗକାରିଣୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଥିବା ଜଣାପଡ଼ିଥିଲା ।

ଅବକାରୀ ବିଭାଗର ଚଢାଉ

ଗଞ୍ଜେଇ ସହ କାର୍ ଜବତ, ଜଣେ ଗିରଫ



କଣ୍ଟିଲୋ(ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ରାଜ କିଆରୀ ଛକରୁ ମଙ୍ଗଳବାର ରାତିରେ ଅବକାରୀ କର୍ମଚାରୀମାନେ ବିଶେଷ ସୂତ୍ରରୁ ଖବରପାଇ ଅଚାନକ ଚଢାଉ କରି ୨ଟି ଜରିବସ୍ତାରେ ଗଞ୍ଜେଇ ବୋଝେଇ ହୋଇଥିବା ଏକ ଧଳା ରଙ୍ଗର କାରକୁ ଜବତ କରିଥିବା ଜଣାଯାଇଛି। ଗଞ୍ଜେଇ ଚୋରାଚାଲାଣ କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ଅବକାରୀ କର୍ମଚାରୀମାନେ ଜଣକୁ ଗିରଫ କରିଥିବା ଜଣାଯାଇଛି। ଗିରଫ ଯୁବକ ଜଣକ ହେଲେ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ଥାନା ଅଧୀନ ଲାବଣ୍ୟ ନଗର, ଶରଧାପୁର ଗ୍ରାମର ପ୍ରଣବ କୁମାର ପ୍ରଧାନ(୩୭) ବୋଲି ଖଣ୍ଡପଡା ଅବକାରୀ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏ ସଂର୍ପକରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଉକ୍ତ କାରରୁ ଜବତ ଗଞ୍ଜେଇର ପରିମାଣ ୩୨ କେଜି ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

ଯୁବତୀଙ୍କୁ ବ୍ଲାକମେଲ କରି ଯୁବକ ଗିରଫ

ଭୁବନେଶ୍ୱର(ନି.ପ୍ର) : ସାମାଜିକ ଗଣମାଧ୍ୟମ ଫେସବୁକ୍‌ରେ ନକଲି ଆଇଡି ଖୋଲି ନିଜ ସମ୍ପର୍କୀୟ ଭଉଣୀଙ୍କ ବ୍ୟକ୍ତିଗତ ଆପତ୍ତିଜନକ ଫଟୋ ଓ ଭିଡିଓ ତାଙ୍କ ବାପାଙ୍କ ମେସେଞ୍ଜରକୁ ପଠାଇବା, ଇଣ୍ଟରନେଟ୍‌ରେ ଭାଇରାଲ୍ କରିଦେବାକୁ ଧମକ ଦେଇ ୫୦,୦୦୦ ଟଙ୍କା ବ୍ଲାକ୍‌ମେଲ୍ ଓ ଦାଦାବଟି ମାଗିବା ଘଟଣାରେ ଭରତପୁର ଥାନା ପୋଲିସ ଅଭିଯୁକ୍ତ ଭାଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସାଇସତ୍ୟମ ମହାନ୍ତି। ପୁଲିସ ତାଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଏକ ମୋବାଇଲ ଫୋନ ଜବତ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଭରତପୁର ଥାନା ଅଞ୍ଚଳରେ ରହୁଥିବା ୧୮ ବର୍ଷୀୟା ଅଭିଯୋଗକାରିଣୀଙ୍କ ବାପାଙ୍କ ଫେସବୁକ୍ ଆକାଉଣ୍ଟକୁ ଗତ ୦୨.୦୯.୨୦୨୬ ପୂର୍ବାହ୍ନ ପ୍ରାୟ ୧୧.୦୦ ଟାରେ 'ତେରା ହିରୋ' ନାମକ ଏକ ଅଜ୍ଞାତ ଫେସବୁକ୍ ଆକାଉଣ୍ଟରୁ ଝିଅଙ୍କର କିଛି ବ୍ୟକ୍ତିଗତ ଆପତ୍ତିଜନକ ଫଟୋ ଆସିଥିଲା । ଏହି ଫଟୋଗୁଡ଼ିକୁ ସୋସିଆଲ୍ ମିଡିଆରେ ଭାଇରାଲ୍ ନକରିବା ପାଇଁ ଅଭିଯୁକ୍ତ ୫୦,୦୦୦ ଟଙ୍କା ଦାବି କରି ଧମକ ଦେଇଥିଲା । ଏହା ଜାଣିବା ପରେ ଅଭିଯୋଗକାରିଣୀ ନିଜେ ଉକ୍ତ ଫେସବୁକ୍ ଆକାଉଣ୍ଟରେ ଯୋଗାଯୋଗ କରିବାରୁ ଅଭିଯୁକ୍ତ ତାଙ୍କ ନିକଟକୁ ଆହୁରି କିଛି ବ୍ୟକ୍ତିଗତ ଆପତ୍ତିଜନକ ଫଟୋ ଓ ଭିଡିଓ ପଠାଇ ପୁନର୍ବାର ୫୦,୦୦୦ ଟଙ୍କା ଦାଦାବଟି ମାଗିଥିଲା ଏବଂ ଟଙ୍କା ନଦେଲେ ଇଣ୍ଟରନେଟ୍‌ରେ ପ୍ରସାରିତ କରିଦେବାକୁ ଧମକ ଦେଇଥିଲା । ପ୍ରଥମେ ଅଭିଯୋଗକାରିଣୀ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ । ସାଇବର ପୋଲିସ ପକ୍ଷରୁ ତୁରନ୍ତ ଏନେଇ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା ।

ମାସକ ମଧ୍ୟରେ ଜବତ ହେଲା ୪୫.୫୭ କୋଟି ଟଙ୍କାର ନିଶାଦ୍ରବ୍ୟ ଓ ଚୋରା ମଦ

ଭୁବନେଶ୍ୱର: ପାର୍ବଣ ଋତୁରେ ରାଜ୍ୟରେ ବେଆଇନ ମଦ ଓ ନିଶାଦ୍ରବ୍ୟର ଉତ୍ପାଦନ, ବିକ୍ରୟ ଏବଂ ପରିବହନକୁ ରୋକିବା ଉଦ୍ଦେଶ୍ୟରେ ଅବକାରୀ ବିଭାଗ ପକ୍ଷରୁ ଚଳିତ ବର୍ଷ ଅକ୍ଟୋବର ୧୦ରୁ ନଭେମ୍ବର ୧୦ ମଧ୍ୟରେ ରାଜ୍ୟବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଧରପଗଡ଼ ଅଭିଯାନରେ ମୋଟ ୪୫.୫୭ କୋଟି ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଓ ଚୋରା ମଦ ଜବତ କରାଯାଇଛି। ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ମୋଟ ୭,୮୨୭ଟି ମାମଲା ରୁଜୁ କରାଯିବା ସହ ୩,୭୬୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ସମୟରେ ୩,୨୦୧ କେଜି ଗଞ୍ଜେଇ, ୬,୩୬୬ ଗ୍ରାମ ହେରୋଇନ୍, ୧୫୦.୫ ଲିଟର କଫ୍ ସିରପ୍, ୧୪,୧୯୩ କେଜି ମହୁଲ ଫୁଲ, ୧,୦୪୫ ଲିଟର ନକଲି ବିଦେଶୀ ମଦ ଏବଂ ୪,୨୮,୫୮୫ ଲିଟର ଚୋରା ଭାଟି ମଦ ଜବତ କରାଯାଇଛି । ଏଥିସହ ୪୦,୬୦,୪୧୦ ଲିଟର ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ପୋଚ ନଷ୍ଟ କରାଯାଇଥିବା ବେଳେ ଏହି ବେଆଇନ କାର୍ଯ୍ୟକଳାପରେ ବ୍ୟବହୃତ ୪୪୨ଟି ଗାଡ଼ି ଜବତ ହୋଇଛି।

ନାଇଟ୍ ୱାଚମ୍ୟାନ୍‌ଙ୍କ ମୃତଦେହ ଠାବ

କଟକ(ନିପ୍ର): ସରକାରୀ ଅଫିସରୁ ମୃତଦେହ ଠାବ। କଟକ ମହାନଦୀବିହାର ସ୍ଥିତ ଜିଲ୍ଲା ଜଳ ପରୀକ୍ଷାଗାର କାର୍ଯ୍ୟାଳୟରୁ ମିଳିଛି ଜଣେ ଠିକା କର୍ମଚାରୀଙ୍କ ମୃତଦେହ। କାର୍ଯ୍ୟାଳୟ ଭିତରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଦେଖିବାକୁ ମିଳିବା ପରେ ପୋଲିସକୁ ଖବର ଦିଆଯାଇଥିଲା। ମୃତକ ହେଉଛନ୍ତି ଦୀନେଶ ଶତପଥି। ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ସେ ଟାଙ୍ଗୀ ଥାନା ଅଞ୍ଚଳର ଜରିପଦା ଗ୍ରାମର ବାସିନ୍ଦା ବୋଲି ଜଣାପଡିଛି। ତେବେ ଦୀନେଶଙ୍କ ମୃତ୍ୟୁ ଆତ୍ମହତ୍ୟା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ଏବେ ତଦନ୍ତ ଜାରି ରଖିଛି କମିଶନରେଟ୍ ପୋଲିସ। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସ ତଦନ୍ତ ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

ପଡୋଶୀଙ୍କୁ ଏସିଡ୍ ମାଡ଼ ଘଟଣା : ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ପଟ୍ଟାମୁଣ୍ଡାଇ: ବହୁ ଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଏସିଡ ମାଡ଼ ଘଟଣାରେ ରାଏ ପ୍ରକାଶ ପାଇଛି। ଏସିଡ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ଦେଢ଼ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଦିଆଯାଇଛି। ଜୋରିମାନା ଅନାଦେୟ ହେଲେ ଅତିରିକ୍ତ ୨ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ପଟ୍ଟାମୁଣ୍ଡାଇ ଅତିରିକ୍ତ ଜିଲ୍ଲା ଦୌରା ଜଜ ବିଦ୍ୟାଧର ପୃଷ୍ଟି ରାୟ ଦେଇଛନ୍ତି। ଘଟଣାର ୧୧ ମାସ ପରେ ରାଏ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ବାଛରା ମଣ୍ଡପଡା ଗାଁରେ ଜମିଜମାକୁ କେନ୍ଦ୍ର କରି ପଡୋଶୀକୁ ଏସିଡ ଆକ୍ରମଣ କରିଥିଲା ଅଭିଯୁକ୍ତ ବିଜୟ ସାହୁ।

ଦାଦାବଟି ଅସୁଲ ବେଳେ ପୋଲିସ ମାଡି ବସିଲା

ଭୁବନେଶ୍ୱର(ନି.ପ୍ର): ବୁଧବାର ସକାଳେ ପାଣ୍ଡରା ଛକରେ ହାତରେ ଖଣ୍ଡ ଧରି ଦାଦାବଟି ଅସୁଲ କରୁଥିବା ଜଣେ ଅପରାଧୀକୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଦିଲ୍ଲୀପ ମହାପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନଯୋଗ୍ୟ ଯେ, ଆଜି ସକାଳ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ମଞ୍ଚେଶ୍ୱର ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ପାଣ୍ଡରା ଛକ ନିକଟରେ ଜଣେ ବ୍ୟକ୍ତି ହାତରେ ଖଣ୍ଡା ଧରି ସାଧାରଣ ଲୋକଙ୍କୁ ଭୟଭୀତ କରୁଥିବା ଏବଂ ଧମକ ଦେଇ ୫୦ ହଜାର ଟଙ୍କା ଦାଦାବଟି ମାଗୁଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା । ଏହି ସୂଚନା ପାଇବା ପରେ ଏସ୍‌ଆଇ ବୀରେନ୍ଦ୍ର ପାଢ଼ୀ ପୋଲିସ ଟିମ୍ ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି, ଘଟଣା ସ୍ଥଳରେ ଜଣେ ବ୍ୟକ୍ତି ହାତରେ ଖଣ୍ଡା ଧରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ଦେଖିବାକୁ ପାଇଥିଲେ। ପୋଲିସ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିବାରୁ ସେ ପୋଲିସ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଏସ୍‌ଆଇ ବୀରେନ୍ଦ୍ର ପାଢ଼ୀଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ । କିଛି ସମୟର ପ୍ରୟାସ ପରେ ପୋଲିସ ଟିମ୍ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା ।

ଶିଶୁପାଳଗଡ଼ ଘଟଣାରେ ଆଉ ଜଣକୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର(ନି.ପ୍ର) : ଧଉଳି ଥାନା ଶିଶୁପାଳଗଡ଼ରେ ଗୁଳିକାଣ୍ଡ ତଥା ତପୁ ନାୟକ ହତ୍ୟା ଘଟଣାରେ ପୋଲିସ ଆଉ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୋମନାଥ ଗଜେନ୍ଦ୍ର। ଏହି ଘଟଣାରେ ଦୁଇ ମୁଖ୍ୟ ଅଭିଯୁକ୍ତ ଚିତ୍ରସେନ ଗଜେନ୍ଦ୍ର ଓ ଉମେଶ ପଟ୍ଟନାୟକଙ୍କୁ ରିମାଣ୍ଡରେ ଆଣି ଜେରା କରିବା ପରେ ଏଥିରେ ତା' ବଡ ଭାଇର ସଂପୃକ୍ତ ଥିବା ଜଣାପଡିଥିଲା। ଏହି ଘଟଣାରେ ମୋଟ୍ ଗିରଫଦାରୀ ସଂଖ୍ୟା ୯ରେ ପହଞ୍ଚିଛି । ତେବେ ସୋମନାଥ ଘରୁ ହତ୍ୟାରେ ବ୍ୟବହୃତ ଅଫୁଟା ଗୁଳି ଭର୍ତ୍ତି ମାଗାଜିନ ମଧ୍ୟ ଜବତ କରାଯାଇଛି। ୨ ଭାଇଙ୍କୁ ଜେରା ବେଳେ ବନ୍ଧୁକ ଲିଙ୍କ୍ ନେଇ ସୁରାକ ମିଳିଥିଲା ।


କ୍ୟାନ୍ସର ପୀଡ଼ିତଙ୍କ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ

- କାର୍ଯ୍ୟରତ ହୋମଗାର୍ଡ଼ଙ୍କ ବର୍ବର କାଣ୍ଡ
- ମହିଳାଙ୍କୁ ଅସଦାଚରଣ, ପୁରୀଘାଟ ଥାନାରେ ମାମଲା ରୁଜୁ

କଟକ(ନିପ୍ର): ପୁରୀଘାଟ ଥାନା ଅନ୍ତର୍ଗତ ବାଖରାବାଦ ସାହେବଜାଦା ବଜାର ଅଞ୍ଚଳରେ ଏକ ଅଭାବନୀୟ ତଥା ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଘରେ ଶୋଇଥିବା ଅବସ୍ଥାରେ ଏକ ପରିବାର ଉପରେ ପଡ଼ୋଶୀ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ମହିଳାଙ୍କୁ ଅସଦାଚରଣ ଏବଂ କର୍କଟ (କ୍ୟାନ୍ସର) ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ନିର୍ମମ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁରୀଘାଟ ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବାଖରାବାଦ ଅଞ୍ଚଳର ବାସିନ୍ଦା ପ୍ରମିଳା ବରାଳ (୫୦) ଥାନାରେ ଏ ନେଇ ଲିଖିତ ଅଭିଯୋଗ ଦାୟର କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାତିରେ ପରିବାର ସଦସ୍ୟ ବିଶ୍ରାମ ନେଉଥିବା ବେଳେ ପଡ଼ୋଶୀ ଜିତୁ ବରାଳ, ସୁମିତ ବରାଳ, ଉଦୟନାଥ ବରାଳ ଏବଂ ସେମାନଙ୍କର ଅନ୍ୟ ପ୍ରାୟ ୮ଜଣ ସହଯୋଗୀ ଅତର୍କିତ ଭାବେ ଆସି କବାଟ ବାଡ଼େଇଥିଲେ। ପରିବାର ଲୋକ ବାହାରକୁ ଆସିବା କ୍ଷଣି ସେମାନେ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଉତ୍ତେଜିତ ହୋଇ ହିଂସ୍ର ଆକ୍ରମଣ ଆରମ୍ଭ କରିଦେଇଥିଲେ। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପୁରୀଘାଟ ଥାନା ଆଇଆଇସି କେସ୍ ନଂ ୪୧୪ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୨୬(୨), ୨୯୬, ୧୧୫(୨), ୭୪, ୩୫୧ (୨) ଓ ୩(୫) ଅଧୀନରେ ମାମଲା ରୁଜୁ କରିଛନ୍ତି।

ଝାଡ଼ବନ୍ଧରେ ଅବକାରୀ ଚଢ଼ାଉ, ୩୨ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ

ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଝାଡ଼ବନ୍ଧ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୨ ଲିଟରରୁ ଉର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ସନ୍ଧ୍ୟାରେ ହୋଇଥିବା ଏହି ଚଢ଼ାଉରେ ଗ୍ରାମର ବିଦ୍ୟାଧର ବିଷୋୟୀଙ୍କ ହେପାଜତରୁ ୨୦ ଲିଟର ୪୦୦ ମିଲିଲିଟର ଦେଶୀ ମଦ ଏବଂ ୧୧ ଲିଟର ୯୭୦ ମିଲିଲିଟର ବିଦେଶୀ ମଦ ଜବତ ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ଗାଙ୍ଗପୁର ଥାନାରେ କେସ୍ ନମ୍ବର ୫୪୯/୨୬ ରୁଜୁ କରାଯାଇଛି। ଅଭିଯୁକ୍ତ ବିଦ୍ୟାଧର ବିଷୋୟୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।



ବ୍ରିଜ୍‌କୁ ଧକ୍କା ଦେଲା ବୋଲେରୋ: ଜଣେ ମୃତ ଓ ୭ ଗୁରୁତର



ବେଲଗୁଣ୍ଠା(ନିପ୍ର): ଗାଙ୍ଗପୁର ଅଞ୍ଚଳରେ ଘଟିଛି ଏକ ଦୁଃଖଦ ସଡ଼କ ଦୁର୍ଘଟଣା। ବୁଧବାର ସକାଳ ପାଞ୍ଚଟାରେ ଭାରସାମ୍ୟ ହରାଇ ଏକ ବୋଲୋରୋ ବ୍ରିଜ୍‌କୁ ଧକ୍କା ଦେବା ଫଳରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଗାଡ଼ିରେ ଥିବା ୭ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଇନ୍ଧନପୁର ନିକଟରେ ଏହି ଦୁର୍ଘଟଣା ଘଟିଛି। ବରଗଡ଼ରୁ ମା ତାରାତାରିଣୀ ମନ୍ଦିର ଅଭିମୁଖେ ଯାଉଥିବା ବୋଲେରୋ (ଓଡି୦୭ଜି-୯୨୮୨) ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ଏକ କଲଭଟକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କହିରି ମାହାଙ୍କୁଡ଼ଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରମୋଦ ମାହାଙ୍କୁଡ଼ (୪୪), ସୁଜାତା ପ୍ରଧାନ (୩୦), ବିନୋଦିନୀ ମାହାଙ୍କୁଡ଼, ଗୌରୀ ମାହାଙ୍କୁଡ଼, ଗୌତମ ମାହାଙ୍କୁଡ଼, କିଶୋର ମାହାଙ୍କୁଡ଼ ଓ କୁମୁଦିନୀ ମାହାଙ୍କୁଡ଼ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଖବର ଦେବା ପରେ ଘଟଣା ସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ କହିରି ମାହାଙ୍କୁଡ଼ଙ୍କୁ ମୃତ ଘୋଷଣା କରିଛନ୍ତି ଓ ଅନ୍ୟ କିଛି ଗୁରୁତରମାନଙ୍କୁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି।

ପୋଖରୀରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ସାଲେପୁର(ନିପ୍ର): ନିଖୋଜ ବୃଦ୍ଧଙ୍କ ମୃତଦେହ ଦଳ ପୋଖରୀ ମଧ୍ୟରୁ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି କଟକ ଜିଲ୍ଲା ସାଲେପୁର ବ୍ଲକର ବହୁଗ୍ରାମର ଗୁଡ଼ିଆ ସାହିର କାର୍ତ୍ତିକ ଚନ୍ଦ୍ର ସାହୁ। ସୂଚନା ଅନୁଯାୟୀ, ଗତକାଲି ସକାଳେ କାର୍ତ୍ତିକ ଫୁଲ ତୋଳିବାକୁ ଘରୁ ଯାଇଥିବା ବେଳେ ଆଉ ଫେରିନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ। ବୁଧବାର ସକାଳେ ପୋଖରୀ ବନ୍ଧ ନିକଟରେ ତାଙ୍କ ଚପଲ ଓ ଗାମୁଛା ପଡ଼ିଥିବା ଦେଖି ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ଏନେଇ ସାଲେପୁର ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ କର୍ମଚାରୀମାନେ ପୋଖରୀରେ ଖୋଜାଖୋଜି କରି କାର୍ତ୍ତିକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଖରୀରେ ଗୋଡ଼ ଧୋଇବାକୁ ଯାଇ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ପାଗା ଫାଣ୍ଡି ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି।

ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ଗିରଫ

୧୪ ଲକ୍ଷ ୪୪ ହଜାର ଟଙ୍କାର ଗଞ୍ଜେଇ ଜବତ



କଟକ(ନିପ୍ର): କଟକ ରେଳବାଇ ପୋଲିସ କଟକ ରେଳ ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରୁ ୨ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୮ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଗିରଫ ଅଭିଯୁକ୍ତ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲା ଶଗରପଡା ଥାନା ଅନ୍ତର୍ଗତ ନାତୁନ ବାମନବଡରର ନିରାଶ ସେକ (୨୬) ଓ ତନ୍ମୟ ସେକ (୧୯)। ମଙ୍ଗଳବାର ରାତିରେ ରେଳବାଇ ସୁରକ୍ଷା ପୋଲିସ କଟକ ରେଳ ଷ୍ଟେସନରେ ନାରକୋଟିକ କୁକୁର ସହ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଥିବା ବେଳେ ୨ ନମ୍ବର ଓ ୩ ନମ୍ବର ପ୍ଲାଟଫର୍ମରେ ଭଦ୍ରକର ୨ଜଣ ସନ୍ଦିଗ୍ଧଙ୍କୁ ଦେଖିଥିଲେ। ସେମାନେ କେରଳ ଯିବା ପାଇଁ ଅପେକ୍ଷା କରିଥିଲେ ଓ ତାଙ୍କ ନିକଟରେ ଆୟେଶା ଲୋଗୋ ଥିବା ୩ଟି ପ୍ୟାକେଟ ଥିଲା। ଆରପିଏଫଙ୍କୁ ଦେଖି ସେମାନେ ପଳାଇବାକୁ ଚେଷ୍ଟା କଲାବେଳେ ଆରପିଏଫ ସେମାନଙ୍କୁ କାବୁ କରି ନେଇଥିଲେ । ୩ଟି ପ୍ୟାକେଟରୁ ୨୮ କିଲୋଗ୍ରାମ ୮୦୦ ଗ୍ରାମ ଗଞ୍ଜେଇ ମିଳିଥିଲା । ସେମାନେ କେରଳରେ ମାର୍ବଲ ମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି ଏବଂ ଏହି ପ୍ୟାକେଟ ପହଞ୍ଚାଇବା ପାଇଁ ଉଭୟଙ୍କୁ ୨୦ ହଜାର ଲେଖାଏ ଟଙ୍କା ମିଳିଥାନ୍ତା। ସେମାନେ ଏହି ପ୍ୟାକେଟ ରାଣୀହାଟ ଘଣ୍ଟାଘର ନିକଟରୁ ଏକ ଲାଲ ରଙ୍ଗର କାରରୁ ସଂଗ୍ରହ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୧୪ ଲକ୍ଷ ୪୪ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ଜୈବିକ ଧାନରେ ବିଷାକ୍ତ ଘାସମରା ଔଷଧ ସିଞ୍ଚନ ଅଭିଯୋଗ

- ୮୦ରୁ ୯୦ ହଜାର ଟଙ୍କାର ଫସଲ କ୍ଷତି
- ସୋଲାର କ୍ୟାମେରାରେ ଭିଡିଓ ରେକର୍ଡିଂ ଥିବା ଦାବି
- ୧୭ ବର୍ଷୀୟ କିଶୋରଙ୍କ କାର୍ଯ୍ୟ ତଦନ୍ତ ପାଇଁ ମଧ୍ୟ ଦାବି

ବୋଲଗଡ଼(ନିପ୍ର): ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନ ଉପରେ ବିଷାକ୍ତ ଘାସମରା ରାସାୟନିକ ଔଷଧ ସିଞ୍ଚନ ଯୋଗୁଁ ଫସଲ ଆଂଶିକ ଭାବେ ନଷ୍ଟ ଓ ଦୂଷିତ ହୋଇଥିବା ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାରେ ଚାଷୀଙ୍କ ପ୍ରାୟ ୮୦ ହଜାରରୁ ୯୦ ହଜାର ଟଙ୍କାର ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗକାରୀ ଆକଳନ କରିଛନ୍ତି। ଫିରିଫିରା ଗ୍ରାମର ଭଗୀରଥୀ ସେଠୀ (୫୫) ଏ ସମ୍ପର୍କରେ ବୋଲଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୯ ନଭେମ୍ବରରେ ପାଇକସାହି ମୌଜାର ପ୍ଲଟ୍ ନଂ ୯୪୫ରେ ଥିବା ଏକ ଅବ୍ୟବହୃତ ଜମିରେ ଅମଳ ହୋଇଥିବା ଜୈବିକ ଧାନ ଶୁଖାଇବାକୁ ଦିଆଯାଇଥିଲା। ପରଦିନ, ଅର୍ଥାତ୍ ୧୦ ନଭେମ୍ବର ସକାଳ ପ୍ରାୟ ୧୦ଟା ୧୦ ମିନିଟ୍ ସମୟରେ ସରୋଜ ବେହେରା ନାମକ ଜଣେ ୧୭ ବର୍ଷୀୟ କିଶୋର ସ୍ପ୍ରେ ମେସିନ୍ ସାହାଯ୍ୟରେ ନିକଟବର୍ତ୍ତୀ ଅଞ୍ଚଳରେ ବିଷାକ୍ତ ଘାସମରା ରାସାୟନିକ ଔଷଧ ସିଞ୍ଚନ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରଭାବରେ ଶୁଖାଯାଉଥିବା ଧାନର କିଛି ଅଂଶ କ୍ଷତିଗ୍ରସ୍ତ ଓ ଦୂଷିତ ହୋଇଥିବା ଅଭିଯୋଗକାରୀ କହିଛନ୍ତି। ଏହି ଘଟଣାର ଦୃଶ୍ୟ ସେଠାରେ ସ୍ଥାପିତ ସୋଲାର ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିବା ଭଗୀରଥୀ ସେଠୀ ଦାବି କରିଛନ୍ତି। ଏହି ଭିଡିଓ ରେକର୍ଡିଂ ତଦନ୍ତରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ହୋଇପାରେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଘଟଣାର ଜଣେ ପ୍ରତ୍ୟକ୍ଷଦର୍ଶୀ ଭାବେ ଲିଳିବାଳା ସେଠୀଙ୍କ ନାମ ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଏହା ସହିତ ସରୋଜ ବେହେରା ଫିରିଫିରା ଗ୍ରାମର ପ୍ରଦୀପ୍ତ କୁମାର ସେଠୀଙ୍କ ଡାଏରୀ ଓ କୃଷି ଫାର୍ମରେ କାର୍ଯ୍ୟ କରୁଥିବା ଏବଂ ଗତ ୩ରୁ ୪ ବର୍ଷ ଧରି ସେଠାରେ ନିୟୋଜିତ ଥିବା ଅଭିଯୋଗ ହୋଇଛି। କିଶୋରଙ୍କ ବୟସ ଓ କାର୍ଯ୍ୟର ପ୍ରକୃତିକୁ ଦୃଷ୍ଟିରେ ରଖି ତାଙ୍କୁ କେଉଁ ପରିସ୍ଥିତିରେ କାମରେ ନିୟୋଜିତ କରାଯାଇଛି, ସେ ରାସାୟନିକ କୀଟନାଶକ ବା ଘାସମରା ଔଷଧ ସଂସ୍ପର୍ଶରେ ଆସୁଛନ୍ତି କି ନାହିଁ ଏବଂ ତାଙ୍କ ଶିକ୍ଷା ଓ ସୁରକ୍ଷାର ଯଥୋଚିତ ବ୍ୟବସ୍ଥା ରହିଛି କି ନାହିଁ, ତାହାର ତଦନ୍ତ ଦାବି କରାଯାଇଛି। ଅଭିଯୋଗକାରୀ ପୋଲିସକୁ ସୋଲାର କ୍ୟାମେରାର ଭିଡିଓ ରେକର୍ଡିଂ ସୁରକ୍ଷିତ ରଖି ଯାଞ୍ଚ କରିବା, ଘଟଣାସ୍ଥଳ ପରିଦର୍ଶନ, ପ୍ରଭାବିତ ଧାନର ନମୁନା ସଂଗ୍ରହ କରି ବୈଜ୍ଞାନିକ ପରୀକ୍ଷା, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ ଏବଂ କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ କିଶୋରଙ୍କ କାର୍ଯ୍ୟ ପରିସ୍ଥିତି ସମ୍ପର୍କରେ ଶିଶୁ ସୁରକ୍ଷା ଓ ଶ୍ରମ ବିଭାଗ ଦ୍ୱାରା ତଦନ୍ତ କରାଇବାକୁ ମଧ୍ୟ ଦାବି ହୋଇଛି। ଜୈବିକ କୃଷି କେବଳ ଏକ ଉତ୍ପାଦନ ପଦ୍ଧତି ନୁହେଁ; ଏହା ମାଟିର ଉର୍ବରତା, ପରିବେଶର ସନ୍ତୁଳନ, ଖାଦ୍ୟର ନିରାପତ୍ତା ଓ ମଣିଷର ସ୍ୱାସ୍ଥ୍ୟ ସହିତ ଗଭୀର ଭାବେ ଜଡ଼ିତ। ତେଣୁ ଏଭଳି ଘଟଣାରେ ନିରପେକ୍ଷ ଓ ବୈଜ୍ଞାନିକ ତଦନ୍ତ ସହିତ ଅଭିଯୋଗ ପ୍ରମାଣିତ ହେଲେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ହେବା ଆବଶ୍ୟକ।

ପ୍ରେମିକର ନିର୍ଯାତନା ସହିନପାରି ଯୁବତୀଙ୍କ ଆତ୍ମହତ୍ୟା

ପିତାଙ୍କ ସହମତିରେ ଯୁବତୀଙ୍କ ଚକ୍ଷୁ ଦାନ

କଟକ(ନିପ୍ର): ପ୍ରେମିକର ନିର୍ଯାତନା, ବ୍ଲାକମେଲିଂ ଓ ଶୋଷଣ ସହିନପାରି ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ଏବଂ ପ୍ରେମିକ, ତା' ପିତା ଓ ପ୍ରେମିକର ଭିଣୋଇକୁ ମୃତ୍ୟୁ ପାଇଁ ଦାୟୀକରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ମୃତା ଯୁବତୀଙ୍କ ପିତା ଜଗତପୁର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକାରୀ ଜଗତପୁର ଥାନା ଅନ୍ତର୍ଗତ ପୋଡ଼ବାରର ମହେନ୍ଦ୍ର ନାୟକ। ଅଭିଯୋଗ ମୁତାବକ ତାଙ୍କ ଝିଅ ପ୍ରମିଳା ଓରଫ ସମିତା (୨୧) ସହ ଦୀର୍ଘ ଦିନରୁ ସ୍ଥାନୀୟ ସୁଜାପୁରର କ୍ଷୀରୋଦ ବେହେରା (୨୮)ଙ୍କର ସମ୍ପର୍କ ଥିଲା। ତାଙ୍କ ଝିଅ ଚୌଦ୍ୱାର କଲେଜରେ +୨ ପଢିବା ବେଳଠାରୁ କ୍ଷୀରୋଦ ତାକୁ ଭଲ ପାଉଥିଲା। ପରେ ଝିଅ ଖୋର୍ଦ୍ଧାରେ ମିଶନ ଶକ୍ତିରେ ଚାକିରି କରୁଥିଲା । କ୍ଷୀରୋଦ ବିବାହର ପ୍ରତିଶୃତି ଦେଇ ସମ୍ପର୍କ ରଖିବା ପରେ ତାକୁ ବ୍ଲାକମେଲିଂ କରି ତା'ଠାରୁ ନିୟମିତ ଟଙ୍କା ନିଏ। ଏଥିରେ ତାକୁ ତା' ଭିଣୋଇ ଓ ବାପା ସହଯୋଗ କରୁଥିଲେ। ଅନେକ ସମୟରେ ଟଙ୍କା ନଦେଲେ ବାଡିଆବାଡ଼ି ମଧ୍ୟ କରେ । ଝିଅ ଅତିଷ୍ଠ ହୋଇ ତା' ମାଆକୁ ମଧ୍ୟ ଏବିଷୟରେ ଜଣାଇଛି । ଗତକାଲି କ୍ଷୀରୋଦ ଖୋର୍ଦ୍ଧା ଯାଇ ଟଙ୍କା ପାଇଁ ବାଡେଇବା ସହ ତାକୁ ସେଠାରୁ ଆଣିଥିଲା। ବୁଧବାର ଝିଅ ଶାରୀରିକ ଓ ମାନସିକ ଯନ୍ତ୍ରଣା ସହିନପାରି ଭିଡିଓ କଲ୍ କରି ଆତ୍ମହତ୍ୟା କରିଥିଲା । ତାଙ୍କ ଝିଅର ମୃତ୍ୟୁ ପାଇଁ କ୍ଷୀରୋଦ, ତା' ପିତା, ପରିବାର ଓ ଭିଣୋଇ ସମ୍ପୂର୍ଣ୍ଣ ଦାୟୀ। ତେଣୁ ସେମାନଙ୍କ ବିରୋଧରେ କଠିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ପିତାଙ୍କ ସହମତିରେ ମୃତା ଯୁବତୀଙ୍କ ଚକ୍ଷୁଦାନ କରାଯାଇଛି । ପୋଲିସ ମୃତଦେହ ପୋଷ୍ଟ ମୋର୍ଟମ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି ।

ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ରେ ଓଡ଼ିଶାକୁ ଜାତୀୟ ସ୍ୱୀକୃତି

ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ: ଭୁବନେଶ୍ୱରକୁ ସ୍ୱୀକୃତି



ଭୁବନେଶ୍ୱର/ପୁରୀ, ୧୧/୧୧(ନିପ୍ର): ସହରାଞ୍ଚଳର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୁସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ରେ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଜ୍ୟ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ। ଏହି ସଫଳତାରେ ଆଉ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି ପୁରୀ। ସ୍ୱଚ୍ଛ ଉପକୂଳ ସହର ବର୍ଗରେ ପୁରୀ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି ଓଡ଼ିଶାର ପ୍ରଥମ ରାଜ୍ୟସ୍ତରୀୟ ସ୍ୱଚ୍ଛ ସହର ଭାବେ ଭୁବନେଶ୍ୱରକୁ ସ୍ୱୀକୃତି ମିଳିଥିବା ବେଳେ, ୨୦ ହଜାରରୁ ୫୦ ହଜାର ଜନସଂଖ୍ୟା ବର୍ଗର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ଆସିକା ପୌରପାଳିକା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ସଫଳତା ରାଜ୍ୟର ସହର ଓ ନଗରଗୁଡ଼ିକରେ ସ୍ୱଚ୍ଛତା, ଉନ୍ନତ ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ସୁପରିଚାଳନା ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତାର ପ୍ରତିଫଳନ। ଏହି ଜାତୀୟ ସ୍ୱୀକୃତି ଓଡ଼ିଶାର ସ୍ୱଚ୍ଛ, ସୁସ୍ଥ ଓ ବାସଯୋଗ୍ୟ ସହର ଗଠନ ଦିଗରେ ନିରନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏଥିସହ ରାଜ୍ୟ ସରକାର, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ସଫେଇ କର୍ମଚାରୀ ଓ ନାଗରିକମାନଙ୍କର ସମ୍ମିଳିତ ପ୍ରୟାସକୁ ମଧ୍ୟ ଏହା ସ୍ୱୀକୃତି ପ୍ରଦାନ କରିଛି। ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ସହ ନାଗରିକଙ୍କ ସହଭାଗିତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ଦିଗରେ ଏହି ପ୍ରୟାସ ଗୁରୁତ୍ୱ ବହନ କରୁଛି।

କ୍ଷୀର ଦାମ ଲିଟର ପିଛା ୪ ଟଙ୍କା ବଢ଼ିଲା

ଭୁବନେଶ୍ୱର, ୧୧/୧୧: ଦୀପାବଳି ପରେ ଲୋକଙ୍କ ଉପରେ ମହଙ୍ଗା ମାଡ଼। ବଢ଼ିବ କ୍ଷୀରର ଦାମ। ଆସନ୍ତାକାଲି ଠାରୁ କ୍ଷୀରର ଲିଟର ପିଛା ଦାମ ୨ରୁ ୪ ଟଙ୍କା ବୃଦ୍ଧି ପାଇବ। ଦେଶରେ ପ୍ରତିଷ୍ଠିତ ମଦର ଡେରୀ ପକ୍ଷରୁ ଦର ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। ନୂଆ ଦର ଗୁରୁବାର ଅର୍ଥାତ ନଭେମ୍ବର ୧୨ରୁ ଲାଗୁ ହେବ। ଗୁରୁବାରଠାରୁ ଦିଲ୍ଲୀ-ଏନସିଆର ଅଞ୍ଚଳରେ ମଦର ଡେରୀର ଟୋଣ୍ଡ କ୍ଷୀର ପାଇଁ ଲିଟର ପିଛା ୬୦ ଟଙ୍କା ଦେବାକୁ ପଡ଼ିବ। ପୂର୍ବରୁ ଏହା ୫୮ ଟଙ୍କାରେ ବିକ୍ରି ହେଉଥିଲେ। ସେହିପରି ପାଉଚରେ କମ୍ପାନୀ ବିକ୍ରି କରୁଥିବା ସମାନ କ୍ଷୀରକୁ ୬୦ ଟଙ୍କା ବଦଳରେ ୬୨ ଟଙ୍କାରେ ବିକ୍ରି କରିବ। ପାଉଚରେ ବିକ୍ରି ହେଉଥିବା ଫୁଲ କ୍ରିମ କ୍ଷୀରର ଲିଟର ପିଛା ଦାମ ୪ ଟଙ୍କା ବଢ଼ିଛି। ପୂର୍ବରୁ ଏହା ୭୨ ଟଙ୍କା ଥିଲା। ହେଲେ ଗୁରୁବାର ଠାରୁ ଲୋକଙ୍କୁ ଲିଟର ପିଛା ୭୬ ଟଙ୍କା ଦେବାକୁ ପଡ଼ିବ। ଡବଲ ଟୋଣ୍ଡ କ୍ଷୀରର ଦାମ ମଧ୍ୟ ୨ ଟଙ୍କା ବଢ଼ିଛି। ପୂର୍ବରୁ ଯେଉଁ ଡବଲ ଟୋଣ୍ଡ କ୍ଷୀର ପାଇଁ ଲୋକଙ୍କୁ ୫୪ ଟଙ୍କା ଦେବାକୁ ପଡୁଥିଲା ଗୁରୁବାର ଠାରୁ ସେମାନଙ୍କୁ ୫୬ ଟଙ୍କାରେ କିଣିବାକୁ ପଡ଼ିବ।

ପାୟଲ ନାଗଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର



ଭୁବନେଶ୍ୱର, ୧୧/୧୧(ନିପ୍ର): ଓଡ଼ିଶାର ପାରା କ୍ରୀଡ଼ାବିତ୍ ପାୟଲ ନାଗଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ମହିଳା ପାରା କମ୍ପାଉଣ୍ଡ ଡବଲ୍ସ ବର୍ଗରେ ପାରା ତୀରନ୍ଦାଜ ପାୟଲ ନାଗ ରୌପ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ପାଇଁ ଆଜି କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ ନିର୍ଦ୍ଦେଶକ ଡ଼ା. ୟେଦୁଲା ବିଜୟ ପାୟଲଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ଯେ, ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ପାୟଲ ନାଗ ରୌପ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି। ପାୟଲଙ୍କ ଏହି ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ପ୍ରଦାନ କରିଛି। ପାୟଲଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି ବୋଲି ସଚିବ ଭୂପେନ୍ଦ୍ର ସିଂ ପୁନିଆ ମତପ୍ରକାଶ କରିଛନ୍ତି।

ଇନ୍ଧନ ଆମଦାନୀରେ ୨୨.୬ ଲକ୍ଷ କୋଟି ସଞ୍ଚୟ ଆକଳନ

ନୂଆଦିଲ୍ଲୀ, ୧୧/୧୧(ପିଆଇବି): ଇଣ୍ଟରନାସନାଲ୍ ଏନର୍ଜି ଏଜେନ୍ସିର 'ଇଣ୍ଡିଆ ରିନିଓ୍ୱେବଲ୍ ଏନର୍ଜି ମାର୍କେଟ୍ ରିପୋର୍ଟ ୨୦୨୬' ଅନୁଯାୟୀ, ୨୦୧୧ ରୁ ୨୦୨୫ ମଧ୍ୟରେ ନବୀକରଣଯୋଗ୍ୟ ବିଦ୍ୟୁତ୍ ଯୋଗୁଁ ଭାରତ କୋଇଲା ଏବଂ ପ୍ରାକୃତିକ ଗ୍ୟାସ୍ ଆମଦାନୀ ବାବଦରେ ୧୦୦ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ ସଞ୍ଚୟ କରିପାରିଛି। ଏହି ରାଶି ୯.୪ ଲକ୍ଷ କୋଟି ଟଙ୍କା ସହ ସମାନ! ଏହି ତଥ୍ୟଗୁଡ଼ିକ ମୋଦୀ ସରକାରଙ୍କ ଅଧୀନରେ ତ୍ୱରାନ୍ୱିତ ହୋଇଥିବା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରର ପ୍ରୟାସ ଦ୍ୱାରା ମିଳୁଥିବା ଅର୍ଥନୈତିକ ଲାଭ ଏବଂ ଶକ୍ତି ସୁରକ୍ଷା ସମ୍ବନ୍ଧୀୟ ସୁବିଧାଗୁଡ଼ିକୁ ଦର୍ଶାଉଛି। ଘରୋଇ ସ୍ତରରେ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେତୁ ଆମଦାନୀ ହେଉଥିବା ଇନ୍ଧନ ପାଇଁ କମ୍ ଅର୍ଥ ବ୍ୟୟ ଘରୋଇ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ବ୍ୟାପକ ସମ୍ପ୍ରସାରଣ: ମାର୍ଚ୍ଚ ୨୦୧୪ ରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ, ଭାରତ ୧୬୮ ଗିଗାଓ୍ୱାଟ୍ ସୌର ଶକ୍ତି କ୍ଷମତା ଏବଂ ୩୮ ଗିଗାଓ୍ୱାଟ୍ ପବନ ଶକ୍ତି କ୍ଷମତା ଯୋଡ଼ିଛି। ସେପ୍ଟେମ୍ବର ୨୦୨୬ ସୁଦ୍ଧା, ଜୈବ-ଶକ୍ତି କ୍ଷେତ୍ରରେ ପ୍ରାୟ ୧୨ ଗିଗାଓ୍ୱାଟ୍ କ୍ଷମତା ସ୍ଥାପିତ ହୋଇଛି।

ଡିସେମ୍ବରରେ ମଣ୍ଡି ଖୋଲିବ କିନ୍ତୁ ଏ ପର୍ଯ୍ୟନ୍ତ ହୋଇନି ସାଟେଲାଇଟ ସର୍ଭେ

ଭାପୁର,୧୧/୧୧(ନିପ୍ର): ନୟାଗଡ଼ ଜିଲ୍ଲାରେ ଡିସେମ୍ବର ମାସରୁ ସଂଗ୍ରହ ହେବ ଖରିଫ ଧାନ। କିନ୍ତୁ,ଭାପୁର ବ୍ଲକରେ ଏ ପର୍ଯ୍ୟନ୍ତ ହୋଇନି ସାଟେଲାଇଟ ସର୍ଭେ। ଧାନ ଫସଲ ହେଉଥିବା ଜମିର ସ୍ୱଚ୍ଛତା ଆଣିବା ପାଇଁ ସାଟେଲାଇଟ ସର୍ଭେ ହୋଇଥାଏ କାରଣ,କିଛି ଅସାଧୁ ଚାଷୀ ଚାଷ ହୋଇ ନ ଥିବା ଜମି, ପଡ଼ିଆ, ପୋଖରୀକୁ ପଞ୍ଜିକରଣ କରି ଫାଇଦା ହାସଲ କରିଥାଏ ତେଣୁ,ସ୍ୱଚ୍ଛତା ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସାଟେଲାଇଟ ସର୍ଭେ ହୋଇଥାଏ। ପାଣିପାଗ ସୂଚନା ଅନୁସାରେ ଆଗକୁ ବର୍ଷାର ସମ୍ଭାବନା ରହିଥିବାରୁ ଚାଷୀମାନେ ଲଘୁ ଧାନ କାଟିବା ଆରମ୍ଭ କରିଲେଣି କିନ୍ତୁ,ଏ ପର୍ଯ୍ୟନ୍ତ ସର୍ଭେ ହୋଇନାହିଁ ଯାହାକୁ ନେଇ ଜାଲିଆତି ହେବାର ବହୁତ ଆଶଙ୍କା ରହିଛି। ପଞ୍ଜିକରଣ ହୋଇଥିବା ଜମି ଗୁଡିକରେ ବିଧିବଦ୍ଧ ଭାବରେ ତଦନ୍ତ କରାଗଲେ ଅନେକ ଅଣଚାଷ ଜମି, ଦଲାଲ, ପାକ୍ସ କର୍ମଚାରୀମାନଙ୍କର ଗୁମର ଖୋଲିବ ବୋଲି ଦାବି ହେଉଛି। ଭାପୁର ବ୍ଲକର ଅନେକ ପାକ୍ସରେ ସିସି କ୍ୟାମେରା ଏ ପର୍ଯ୍ୟନ୍ତ ଲାଗିନାହିଁ କାରଣ, ଜାଲିଆତି ହେବା ପାଇଁ ସୁବିଧା ହେବ। ଧାନ ଅମଳ ନ ହେଉଣୁ ଚାଷୀଙ୍କ ଦୁଆରେ ଦଲାଲଙ୍କ ଭିଡ଼ ପରିଲକ୍ଷିତ ହେଲାଣି ତେଣୁ ଏହାକୁ ରୋକିବା ପାଇଁ ବ୍ଲକ କୃଷି ବିଭାଗ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

ଅଜଣା ଟ୍ରଲର ଧକ୍କାରେ ଯୁବକ ମୃତ

ନିରାକାରପୁର, ୧୧/୧୧(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଗୋଳବାଇ ଛକ ନିକଟରେ ଅଜଣା ଟ୍ରଲର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଜୁରୀପଡ଼ା ଗ୍ରାମର ଗଣେଶ ତ୍ରିପାଠୀ (୩୫)। ସୂଚନା ଅନୁଯାୟୀ, ଗଣେଶ ଭୋର ସମୟରେ ଖୋର୍ଦ୍ଧାରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଗୋଳବାଇ ଛକ ନିକଟରେ ପଛପଟୁ ଆସୁଥିବା ଏକ ଅଜଣା ଟ୍ରଲର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଜଂକିଆ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଘରେ ପଶି ଲୁଟ୍‌ପାଟ, ମହିଳାଙ୍କୁ ଆକ୍ରମଣ

ଧାମନଗର, ୧୧/୧୧(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଘରେ ପଶି ଲୁଟ୍‌ପାଟ, ମହିଳାଙ୍କୁ ଆକ୍ରମଣ ଓ ହତ୍ୟା ଧମକ ଦେବା ଅଭିଯୋଗ ହୋଇଛି। ଏନେଇ ଅନିତା ବେହେରାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖ ସକାଳ ପ୍ରାୟ ୭ଟାରେ ପିପ ବେହେରା ତାଙ୍କ ଘରେ ପଶି ଟିଣ ବାକ୍ସରୁ ୨୦ ହଜାର ଟଙ୍କା ନେବାକୁ ଉଦ୍ୟମ କରିଥିଲେ। ଅନିତା ଏହାକୁ ବିରୋଧ କରିବାରୁ ତାଙ୍କୁ ବାଉଁଶ ବାଡ଼ିରେ ଆକ୍ରମଣ କରିବା ସହ ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ସୁନାଚେନ୍ ଛଡ଼ାଇ ନେଇଥିବା ଏତଲାରେ ଦର୍ଶାଯାଇଛି। ଏଥିସହ ପରିବାରକୁ ହତ୍ୟା ଓ ଘରେ ନିଆଁ ଲଗାଇଦେବାକୁ ଧମକ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି। ଧାମନଗର ଥାନାରେ କେସ୍ ନଂ ୪୭୯/୨୬ରେ ମାମଲା ରୁଜୁ ହୋଇଛି। ଏଏସ୍ଆଇ ଶିବଶଙ୍କର ଖିଲାର ଘଟଣାର ତଦନ୍ତ କରୁଛନ୍ତି।

ୱାଲମିକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବାକୁ ୨୦ କୋଟି ମଞ୍ଜୁର

ଜଳ ପରିଚାଳନା, ଗବେଷଣା ଓ ଆଧୁନିକ ଜ୍ଞାନକୌଶଳର ପ୍ରସାର ହେବ ତ୍ୱରାନ୍ୱିତ

ଭୁବନେଶ୍ୱର, ୧୧/୧୧(ନିପ୍ର): ରାଜ୍ୟର ଜଳସମ୍ପଦ ପରିଚାଳନାକୁ ଅଧିକ ଆଧୁନିକ, ବୈଜ୍ଞାନିକ ଓ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ୱାଲମି), ଓଡ଼ିଶାର ଉନ୍ନତୀକରଣ ଓ ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୱାଲମିକୁ ଏକ ଉତ୍କର୍ଷ କେନ୍ଦ୍ର) ଭାବେ ବିକଶିତ କରିବା ଲକ୍ଷ୍ୟରେ ଏହି ଯୋଜନା ୨୦୨୬-୨୭ ଓ ୨୦୨୭-୨୮ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବ। ୱାଲମି ଦୀର୍ଘ ଚାରି ଦଶନ୍ଧି ଧରି ରାଜ୍ୟରେ ଜଳ ପରିଚାଳନା କ୍ଷେତ୍ରରେ ବୈଷୟିକ ଜ୍ଞାନ, ତାଲିମ ଓ ଦକ୍ଷତା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛି। ଏହି ଉନ୍ନତୀକରଣ ଅଧୀନରେ ଅନୁଷ୍ଠାନରେ ସ୍ମାର୍ଟ ଡିଜିଟାଲ୍ ଶ୍ରେଣୀଗୃହ, ଆଧୁନିକ ତାଲିମ ସୁବିଧା, ଉନ୍ନତ ଛାତ୍ରାବାସ, ସମ୍ମିଳନୀ କକ୍ଷ ଓ ଅଡିଟୋରିୟମ୍ ଆଦିର ବିକାଶ କରାଯିବ। ଏହାଦ୍ୱାରା ତାଲିମ, ଗବେଷଣା ଓ ଜ୍ଞାନ ଆଦାନପ୍ରଦାନ ପାଇଁ ଏକ ଉନ୍ନତ ପରିବେଶ ସୃଷ୍ଟି ହେବ। ଜଳସମ୍ପଦ ବିଭାଗରେ ମଞ୍ଜୁରୀପ୍ରାପ୍ତ ୫,୨୩୫ ଜଣ ଯନ୍ତ୍ରୀଙ୍କ ବୃତ୍ତିଗତ ଦକ୍ଷତା ବିକାଶ ଏହି ପଦକ୍ଷେପର ଅନ୍ୟତମ ପ୍ରମୁଖ ଲକ୍ଷ୍ୟ। ନବନିଯୁକ୍ତ ଯନ୍ତ୍ରୀଙ୍କ ପାଇଁ ଆରମ୍ଭିକ ତାଲିମ ସହ ଆଧୁନିକ ଜଳସେଚନ ପ୍ରଯୁକ୍ତି, ବନ୍ୟା ପରିଚାଳନା, ଜଳର ଦକ୍ଷ ଉପଯୋଗ ଓ ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନର ମୁକାବିଲା ଆଦି ବିଷୟରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ଏଥିସହ ଆଇଆଇଏସ୍‌ସି ବେଙ୍ଗାଲୁରୁ, ଆଇଆଇଟି ରୁରକୀ, ଆଇଆଇଟି ମାଡ୍ରାସ୍, ଆଇଆଇଟି ଗୁଆହାଟୀ, ନିଓଟ୍ ଚେନ୍ନାଇ ଏବଂ ଭାରତୀୟ ମାନକ ବ୍ୟୁରୋ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସହ ସହଯୋଗିତା ମାଧ୍ୟମରେ ଗବେଷଣା ଓ ଜ୍ଞାନ ବିନିମୟକୁ ଅଧିକ ସମୃଦ୍ଧ କରାଯିବ।

କାକଟପୁରରେ କାଳୀ ପୂଜା

କାକଟପୁର,୧୦/୧୧(ନିପ୍ର): କାକଟପୁର ବଳରାଠାରେ ବଂଶୀଧର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜାରେ ଆକର୍ଷଣୀୟ ଆଲୋକସଜ୍ଜା ଓ ନୂତନ ରୂପରେ ମା'ଙ୍କ ପୂଜା ମଣ୍ଡପ ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହି ପୂଜା ଦୀର୍ଘ ୪୮ ବର୍ଷ ଧରି ଅବ୍ୟାହତ ରହିଥିବା ମା' କାଳୀଙ୍କ ପୂଜା ଏଥର ମଧ୍ୟ ମହାସମାରୋହରେ ଆୟୋଜିତ ହୋଇଛି। ଶ୍ରୀଯୁକ୍ତ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଦୀର୍ଘ ଦଶନ୍ଧି ଧରି ଏହି ପୂଜା ପରମ୍ପରା ଜାରି ରହିଥିବା ବେଳେ ପୂଜକ ତ୍ରିନାଥ ଭାଇନା ବିଧିବିଧାନ ଅନୁଯାୟୀ ମା'ଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ କରୁଛନ୍ତି। ଏହି ଅବସରରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଓ ଭକ୍ତ ମଣ୍ଡପରେ ପହଞ୍ଚି ମା'ଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରୁଛନ୍ତି।

୧ କୁଇଣ୍ଟାଲ ୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ତରଭା, ୧୧/୧୧(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ପୁଲିସ ଏକ ଟ୍ରକ୍‌ରୁ ୧ କୁଇଣ୍ଟାଲ ୨ କେଜି ଗଞ୍ଜେଇ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରିଛି। ଏଥିସହ ଗୋଟିଏ ଟ୍ରକ୍, ବାଇକ୍ ଓ ତିନୋଟି ମୋବାଇଲ ଫୋନ୍ ଜବତ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଗ୍ରାନାଇଟ୍ ପାଉଡର ନେଇ କନ୍ଧମାଳରୁ ଗଞ୍ଜେଇ ଭର୍ତ୍ତି କରି ଟ୍ରକ୍‌ଟି ଉତ୍ତରପ୍ରଦେଶ ଯାଉଥିଲା। ପେଟ୍ରୋଲିଂ ସମୟରେ ଖବର ପାଇ ତରଭା ପୁଲିସ ଦେଗାଁ ଛକ ନବୋଦୟ ବିଦ୍ୟାଳୟ ରାସ୍ତାରେ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ଏକ୍ରମ ଅହମ୍ମଦ (୪୬), ରାୟପୁରର ମିଥିଲେଶ ତିୱାରୀ (୪୬) ଓ ବଲାଙ୍ଗୀର ଜିଲ୍ଲାର କାହ୍ନୁଚରଣ ଅମାତ (୪୨)। କାହ୍ନୁଚରଣ ବାଇକ୍‌ରେ ଟ୍ରକ୍‌କୁ ପାଇଲଟିଂ କରୁଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଏସ୍ଆଇ ସଙ୍ଗୀତା ଲାକ୍ରା ଘଟଣାର ତଦନ୍ତ କରୁଛନ୍ତି।

ବେଦାନ୍ତ ଆଲୁମିନିୟମର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ଓ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ସମ୍ପର୍କରେ ଅନୁଧ୍ୟାନ



ଝାରସୁଗୁଡ଼ା, ୧୧/୧୧(ନିପ୍ର): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କାରଖାନାରେ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ବରିଷ୍ଠ ଅଧିକାରୀମାନଙ୍କ ଏକ ପ୍ରତିନିଧିମଣ୍ଡଳୀଙ୍କୁ ନେଇ ସୁରକ୍ଷା କ୍ଷେତ୍ରରେ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ଅନୁଧ୍ୟାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୧୧ ଜଣିଆ ଏହି ପ୍ରତିନିଧିମଣ୍ଡଳୀ କମ୍ପାନୀର ପରିଚାଳନା ମଣ୍ଡଳୀ ସହ ସୁରକ୍ଷା ସଂସ୍କୃତି, ଡିଜିଟାଲ୍ ରୂପାନ୍ତରଣ ଓ କାର୍ଯ୍ୟକ୍ଷେତ୍ରର ଉତ୍କର୍ଷତା ସମ୍ପର୍କରେ ବ୍ୟାପକ ଭାବେ ମତ ବିନିମୟ କରିଥିଲେ। ଏହି ଗସ୍ତ ଅବସରରେ ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମର ବହୁସ୍ତରୀୟ ସୁରକ୍ଷା ପଦକ୍ଷେପଗୁଡ଼ିକ ସମ୍ପର୍କରେ ପ୍ରତିନିଧିମଣ୍ଡଳୀଙ୍କୁ ଅବଗତ କରାଯାଇଥିଲା। ସେମାନେ କାରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ସୁରକ୍ଷା ସମ୍ପର୍କିତ ପ୍ରମୁଖ ଧାରଣା ଓ ବ୍ୟବସ୍ଥାକୁ ପ୍ରଦର୍ଶିତ କରୁଥିବା ବିସ୍ତୃତ ସୁରକ୍ଷା ଗ୍ୟାଲାକ୍ସି ପାର୍କ ପରିଦର୍ଶନ କରିଥିଲେ। ଏହାସହ ଆଲୁମିନିୟମ ଉତ୍ପାଦନର ମୁଖ୍ୟ କେନ୍ଦ୍ର ପଟ୍‌ଲାଇନ୍ ଓ କାଷ୍ଟହାଉସ୍ ଅଞ୍ଚଳ ବୁଲି ସେଠାରେ ଅନୁସରଣ କରାଯାଉଥିବା ସୁରକ୍ଷା ପ୍ରକ୍ରିୟା ଓ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ବୃହତ୍ ଶିଳ୍ପାନୁଷ୍ଠାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ଭୂମିକା ଉପରେ ମଧ୍ୟ ଝାରସୁଗୁଡ଼ା ପରିଚାଳନା ମଣ୍ଡଳୀ ସହ ଆଲୋଚନା ହୋଇଥିଲା। ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ସୁରକ୍ଷା ହେଉଛି ମୌଳିକ ଆଧାର। ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମରେ ଆମର ଲକ୍ଷ୍ୟ ହେଉଛି ଏଭଳି ଏକ କାର୍ଯ୍ୟପରିବେଶ ଗଠନ କରିବା, ଯେଉଁଠାରେ ସୁଦୃଢ଼ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା ଓ ସ୍ୱଷ୍ଟ ଉତ୍ତରଦାୟିତ୍ୱ ମାଧ୍ୟମରେ ସମ୍ଭାବ୍ୟ ବିପଦକୁ ଆଗୁଆ ଚିହ୍ନଟ କରି କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ।

ଏବିଭିପିର ରାଜ୍ୟସ୍ତରୀୟ ଛାତ୍ରନେତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ



ଜେନ୍ ଜି ବିଦ୍ୟାର୍ଥୀ ପରିଷଦ ସହିତ ରହିଛନ୍ତି

ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି: ଡ. ସୋଲାଙ୍କୀ

ଭୁବନେଶ୍ୱର, ୧୧।୧୧(ନିପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପ୍ରଦେଶ ତରଫରୁ ରାଜ୍ୟସ୍ତରୀୟ ଛାତ୍ରନେତା ସମ୍ମିଳନୀ ବରମୁଣ୍ଡା ପଡିଆ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟର କୋଣ-ଅନୁକୋଣରୁ ସମସ୍ତ କ୍ୟାମ୍ପସରୁ ୮୦୦୦ ରୁ ଅଧିକ ଛାତ୍ର ନେତା ଯୋଗ ଦେଇଥିଲେ । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ବକ୍ତା ଭାବରେ ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ.ବୀରେନ୍ଦ୍ର ସିଂହ ସୋଲାଙ୍କି ବିଶେଷ ଭାବେ ଉପସ୍ଥିତ ଥିଲେ।ଏଥିସହିତ ରାଞ୍ଚି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଖିତି ଭୂଷଣ ଦାସ , ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଧାରଣ ସମ୍ପାଦକ ସୁଶ୍ରୀ ରିୟା ଛାଓଡି ,ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ ସମ୍ପାଦିକା ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ ,ଓଡ଼ିଶା ପଶ୍ଚିମ ପ୍ରାନ୍ତର ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ ଓ ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ ସଭାପତି ଡ଼.ଦେବେଶ ଶଙ୍କର ହୋତା ବିଶେଷ ଭାବେ ଉପସ୍ଥିତ ଥିଲେ।ଏହି ଛାତ୍ରନେତା ସମ୍ମିଳନୀରେ ଚଳିତ ବର୍ଷର ଛାତ୍ର ସଂସଦ ନିର୍ବାଚନରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଗଦର୍ଶନ ପ୍ରଦାନ କରିଥିଲେ।ଭାରତ ସମେତ ଓଡ଼ିଶାର ଜେନ ଜି ବିଦ୍ୟାର୍ଥି ପରିଷଦ ସହିତ ରହିଛନ୍ତି ଏବଂ ଯାହାର ଫଳ ସ୍ୱରୂପ ଆଜି ଏବିଭିପି ରାଜ୍ୟର ସମସ୍ତ କୋଣ-ଅନୁକୋଣରେ ବିପୁଳ ସମର୍ଥନ ପାଇ ବିଜୟୀ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡ଼ ବୀରେନ୍ଦ୍ର ସିଂହ ସୋଲାଙ୍କି କହିଛନ୍ତି ଯେ ଓଡ଼ିଶା ଆଜି ସମଗ୍ର ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।୨୦୮ କଲେଜରେ ସଭାପତି ଏବଂ ୮ଟି ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ କ୍ଲିନ୍ ସ୍ୱିପ ସହ ଆଜି ଏବିଭିପି ରାଜ୍ୟ ଇତିହାସରେ ରେକର୍ଡ କରିଛି। ରାଞ୍ଚି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କ୍ଷୀତି ଭୂଷଣ ଦାସ କହିଛନ୍ତି,ଯେ ଆଗାମୀ ବର୍ଷ ତମାମ ଏବିଭିପି ପକ୍ଷରୁ ଜାରି ହୋଇଥିବା ସଂକଳ୍ପ ପତ୍ରକୁ ନେଇ ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟ କରିବା ଆବଶ୍ୟକ ଏବଂ ଯାହା ଏବିଭିପି ପ୍ରାରମ୍ଭ ମଧ୍ୟ କରି ସାରିଛି।ଏବିଭିପି ଓଡ଼ିଶାର ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିବା ସହିତ ସମସ୍ତ ପ୍ରତିନିଧି ଏବଂ ମିଡିଆ,ପୁରାତନ କାର୍ଯ୍ୟକର୍ତ୍ତା, ବିଦ୍ୟାର୍ଥୀ ପରିଷଦର ଶୁଭେଚ୍ଛୁ ମାନଙ୍କୁ କୃତଜ୍ଞତା ବ୍ୟକ୍ତ କରିଛନ୍ତି।

■ ମାଣ୍ଡିଆ ଦିବସ-୨୦୨୬ର ଉଦ୍‌ଯାପନୀ ସମାରୋହ

ପ୍ରାକୃତିକ କୃଷି, ତୃଣମୂଳସ୍ତରର ନବସୃଜନ ଏବଂ ଓଡ଼ିଶାର ପୁଷ୍ଟିଶସ୍ୟ ଅର୍ଥନୀତିର ଅଭିବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୧/୧୧(ନିପ୍ର): ମାଣ୍ଡିଆ ଦିବସର ପଞ୍ଚମ ସଂସ୍କରଣର ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସ ଭୁବନେଶ୍ୱରସ୍ଥିତ ମେଫେୟାର କନଭେନସନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇ ପ୍ରାକୃତିକ କୃଷି, ତୃଣମୂଳସ୍ତରୀୟ ନବସୃଜନ ଏବଂ ଓଡ଼ିଶାର ପୁଷ୍ଟିଶସ୍ୟ ଅର୍ଥନୀତିର ଅଭିବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଦ୍ୱିତୀୟ ଦିନରେ ତିନୋଟି ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନଗୁଡ଼ିକରେ ଚିରନ୍ତନ କୃଷି ପଦ୍ଧତି, ତୃଣମୂଳସ୍ତରୀୟ ନବସୃଜନ ଏବଂ ଉଦ୍ୟୋଗ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶା ସରକାରଙ୍କ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ 'ପ୍ରାକୃତିକ କୃଷି ଓ ପୁଷ୍ଟିଶସ୍ୟ : ଚିରନ୍ତନ କୃଷି ପାଇଁ ପାରମ୍ପରିକ ଜ୍ଞାନର ପୁନରୁଦ୍ଧାର' ଶୀର୍ଷକ ପ୍ରଥମ ଅଧିବେଶନ ଆୟୋଜିତ ହୋଇଥିଲା। ସେହିପରି ନିର୍ଦ୍ଦେଶାଳୟ ପକ୍ଷରୁ 'ତୃଣମୂଳସ୍ତରୀୟ ନବସୃଜନର ପଥପ୍ରଦର୍ଶକ: କୃଷକ ଓ କୃଷି ଉଦ୍ୟୋଗୀଙ୍କ ପ୍ରେରଣାଦାୟୀ ସଫଳ କାହାଣୀ' ଶୀର୍ଷକ ବିଷୟବସ୍ତୁକୁ ନେଇ ଦ୍ୱିତୀୟ ଅଧିବେଶନ ଆୟୋଜିତ ହୋଇଥିଲା। ଭାରତୀୟ ପୁଷ୍ଟିଶସ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ତୃତୀୟ ଅଧିବେଶନରେ 'ଓଡ଼ିଶାର ପୁଷ୍ଟିଶସ୍ୟଭିତ୍ତିକ ଅର୍ଥନୀତି: ଉଦ୍ୟୋଗ ବିକାଶ ଓ ବଜାର ସଂଯୋଗୀକରଣ' ଶୀର୍ଷକ ବିଷୟବସ୍ତୁ ରହିଥିଲା। ଉଦ୍‌ଯାପନୀ ଦିବସରେ "ପୁଷ୍ଟିଶସ୍ୟର ଉନ୍ନତ ଚାଷ ପଦ୍ଧତି" ଶୀର୍ଷକ ପୁସ୍ତକର ଉନ୍ମୋଚନ କରାଯାଇଥିଲା। ପୁଷ୍ଟିଶସ୍ୟ ଚାଷର ଉନ୍ନତ ପଦ୍ଧତି ସମ୍ପର୍କରେ ଏହି ପୁସ୍ତକ ଏକ ଉପଯୋଗୀ ମାର୍ଗଦର୍ଶିକା ଭାବେ କାର୍ଯ୍ୟ କରିବ।

ଜଳବାୟୁ ପରିବର୍ତ୍ତନ ମୁକାବିଲାରେ...

ବିଶ୍ୱସ୍ତରରେ ନେତୃତ୍ୱ ନେଇଛି ଭାରତ: ଡ.ମିଶ୍ର



କୋଝିକୋଡ୍, ୧୧/୧୧(ପିଆଇବି): ଜଳବାୟୁ ପରିବର୍ତ୍ତନ, ସହନଶୀଳ କୃଷି, ଖାଦ୍ୟ ସୁରକ୍ଷା ଓ ପୁଷ୍ଟିସାଧନ ଭଳି ଆହ୍ୱାନର ମୁକାବିଲା ପାଇଁ ବୈଜ୍ଞାନିକ ଗବେଷଣା, ସଠିକ୍ ତଥ୍ୟ ଓ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣ ମଧ୍ୟରେ ସମନ୍ୱୟ ଜରୁରୀ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର। ଆଇଆଇଏମ୍ କୋଝିକୋଡ୍‌ଠାରେ ବିକାଶ ପାଇଁ ପରିବେଶ ନେଟୱର୍କ (ଇଏଫଡି)ର ୨୦ତମ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନକୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମ୍ବୋଧନ କରି ସେ ଏହା କହିଛନ୍ତି। ଡ. ମିଶ୍ର କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନ ଆଉ କେବଳ ପରିବେଶଗତ ସମସ୍ୟା ହୋଇ ରହିନାହିଁ। ଏହା କୃଷି ଉତ୍ପାଦନ, ଜଳ ଉପଲବ୍ଧତା, ଖାଦ୍ୟ ମୂଲ୍ୟ, ଜନସ୍ୱାସ୍ଥ୍ୟ ଓ ଜୀବିକାକୁ ପ୍ରଭାବିତ କରୁଛି। କେବଳ ଖାଦ୍ୟ ଉତ୍ପାଦନ ବୃଦ୍ଧି ଯଥେଷ୍ଟ ନୁହେଁ, ସମସ୍ତଙ୍କୁ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାରର ପୁଷ୍ଟିକର ଖାଦ୍ୟ ଯୋଗାଇବା ମଧ୍ୟ ଜରୁରୀ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଡାଲି, ଫଳ, ପନିପରିବା ଓ କ୍ଷୀର ଭଳି ପୁଷ୍ଟିକର ଖାଦ୍ୟର ଉପଲବ୍ଧତା ଏବଂ ମୂଲ୍ୟ ପ୍ରଭାବିତ ହୋଇପାରେ ବୋଲି ସେ ମତ ଦେଇଥିଲେ। ଫସଲ ବିବିଧୀକରଣ ଉପରେ ଗୁରୁତ୍ୱ ଦେଇ ସେ ୨୦୨୩କୁ ମିଳିତ ଜାତିସଂଘ ପକ୍ଷରୁ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରାଇବାରେ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ଉଲ୍ଲେଖ କରିଥିଲେ। ଏହାଦ୍ୱାରା ମିଲେଟ୍‌ର ପୁଷ୍ଟିକର ଗୁଣ ଓ ପରିବେଶ ଅନୁକୂଳତା ବିଶ୍ୱସ୍ତରରେ ପରିଚିତ ହୋଇପାରିଛି। ଭାରତୀୟ କୃଷି ଗବେଷଣା ପରିଷଦର ଆକଳନ ଅନୁଯାୟୀ, ଦେଶର ୬୫୧ଟି କୃଷି ଜିଲ୍ଲା ମଧ୍ୟରୁ ୩୧୦ଟି ଅଧିକ କିମ୍ବା ଅତ୍ୟଧିକ ଜଳବାୟୁ ବିପଦପ୍ରବଣ। ତେଣୁ ସ୍ଥାନୀୟ ଜଳବାୟୁ ଓ କୃଷି ପରିସ୍ଥିତି ଅନୁଯାୟୀ ସ୍ୱତନ୍ତ୍ର ରଣନୀତି ଗ୍ରହଣ କରିବା ଆବଶ୍ୟକ। ନୀତି ନିର୍ଦ୍ଧାରଣରେ ତଥ୍ୟର ଗୁରୁତ୍ୱ ସମ୍ପର୍କରେ ସେ କହିଥିଲେ ଯେ, ତଥ୍ୟ ବିଶ୍ୱସନୀୟ, ତୁଳନାଯୋଗ୍ୟ ଓ ଠିକ୍ ସମୟରେ ଉପଲବ୍ଧ ହେବା ଜରୁରୀ। ବର୍ଷା, ଜଳ ଉପଲବ୍ଧତା, ମୃତ୍ତିକାର ସ୍ଥିତି, ଫସଲ ଉତ୍ପାଦନ ଓ ପୁଷ୍ଟିସାଧନ ସମ୍ପର୍କିତ ଜିଲ୍ଲାସ୍ତରୀୟ ତଥ୍ୟର ଉପଯୋଗ ସହ ପ୍ରଶାସନିକ ରେକର୍ଡ, ପରିବାରଭିତ୍ତିକ ସର୍ବେକ୍ଷଣ ଓ ଉପଗ୍ରହ ଚିତ୍ରର ସମନ୍ୱିତ ବ୍ୟବହାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବା ସହ ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ନିର୍ଗମନ ଲକ୍ଷ୍ୟ ହାସଲ ଦିଗରେ ଆଗେଇ ଚାଲିଛି। ଆର୍ଥିକ ଅଭିବୃଦ୍ଧି, ଦାରିଦ୍ର୍ୟ ଦୂରୀକରଣ ଓ ଜୀବନଧାରଣ ମାନର ଉନ୍ନତି ସହ ଜଳବାୟୁ ଲକ୍ଷ୍ୟ ହାସଲ ଉପରେ ଦେଶ ଗୁରୁତ୍ୱ ଦେଉଛି ବୋଲି ଡ. ମିଶ୍ର କହିଥିଲେ। ଏଥିସହ ଗ୍ଲୋବାଲ୍ ସାଉଥର ଦେଶଗୁଡ଼ିକ ମଧ୍ୟରେ ଗବେଷଣା, ଜ୍ଞାନର ଆଦାନପ୍ରଦାନ ଓ ନୀତିଗତ ସହଯୋଗକୁ ସୁଦୃଢ଼ କରିବାକୁ ସେ ଆହ୍ୱାନ ଦେଇଥିଲେ।

+୨ ଫର୍ମ ପୂରଣ ତାରିଖ ବଢ଼ାଇଲା ସିଏଚଏସଇ

ଭୁବନେଶ୍ୱର, ୧୧ / ୧୧(ନିପ୍ର): ରାଜ୍ୟରେ ଯୁକ୍ତ ୨ ଫର୍ମ ପୂରଣ ତାରିଖ ବୃଦ୍ଧି କରିଛି ସିଏଚଏସଇ । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି ଫର୍ମ ପୂରଣ ତାରିଖ । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ସମୟ ବୃଦ୍ଧି ହୋଇଛି । ବାତ୍ୟା ଓ ବନ୍ୟା ପାଇଁ ତାରିଖ ବୃଦ୍ଧି କରାଯାଇଥିବା ସୂଚନା ମିଳିଛି । ଯୁକ୍ତ ୨ ଫର୍ମ ପୂରଣ ପାଇଁ ଆଜି ଥିଲା ଶେଷ ତାରିଖ ।

8001/486/2627

FOREST DEPARTMENT
OFFICE OF THE DIVISIONAL FOREST OFFICER,
KARANJIA FOREST DIVISION
e-mail – dfo.karanjia@odisha.gov.in.

Government of Odisha "e" Procurement Notice
Bid Identification No : DFO-KJA-01/2026-27

1. Name of the Works - Construction of Building works
2. Number of works – 14 (Fourteen number of works)
3. Approximate estimated cost: - 9.98228 lakh to 10.78994 lakh
4. Class of Contractor - "D" & " C" class.
4. Period of Completion: - 90 (Ninety) days.
6. Tender paper Cost – Rs.4,000/-
5. Date & Time of availability of bid documents in the portal :- Dt.12.11.2026 at 11.00 A.M.
6. Last Date / Time of receipt of bid in the portal :- Dt.19.11.2026 up to 5.00 PM
7. Date of Opening of bid :- Dt.20.11.2026 at 11.00 AM
8. Name & address of the Office inviting bid:- O/o the Divisional Forest Officer, Karanjia Forest Division, Karanjia, Mayurbhanj, Pin-757037.

9.The bidders have to participate in ONLINE bidding only.
10. All other details can be seen from the e- procurement portal https:/www. Tendersodisha. Govt. in

OIPR 8001/8019/1/26-27/0001

Divisional Forest Officer, Karanjia Division

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ